ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୭୨
୮ ଫେବୃଆରୀ, ୨୦୨୬ ରବିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 272
8th February, 2026 Sunday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

**ନାସ୍ତି କାମସମୋ ବ୍ୟାଧିର୍ନାସ୍ତି ମୋହସମୋ ରିପୁଃ**
**ନାସ୍ତି କ୍ରୋଧସମୋ ବହ୍ନିର୍ନାସ୍ତି ଜ୍ଞାନାତ୍ ପରଂ ସୁଖମ**

କାମ ସଦୃଶ ବ୍ୟାଧି ନାହିଁ । ଅଜ୍ଞାନ ସଦୃଶ ଶତ୍ରୁ ନାହିଁ । କ୍ରୋଧ ପରି ଅଗ୍ନି ନାହିଁ (କ୍ରୋଧ ଭଲ ଗୁଣକୁ ପୋଡ଼ିଦିଏ) । ଜ୍ଞାନ ଅପେକ୍ଷା ସୁଖକର କିଛି ନାହିଁ ।

## ବଡ଼ ଠାକୁରଙ୍କ ବଡ଼ ମହାସ୍ନାନ

**ପୁରୀ,୭।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିରରେ ବଡ଼ଠାକୁରଙ୍କ ବଡ଼ ମହାସ୍ନାନ। ଶ୍ରୀମନ୍ଦିରରେ ଖଙ୍କାର ପଡିଥିବାର ଦେଖିଲା ପରେ ତୁରନ୍ତ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଛି। ଯେଉଁଥିଲାଗି କିଛି ସମୟ ପାଇଁ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ପରେ ନୀତି ସଂପନ୍ନ ହେବା ପରେ ଦର୍ଶନ ସ୍ୱାଭାବିକ ହୋଇଛି।

ଖବର ଅନୁଯାୟୀ, ମହାପ୍ରଭୁଙ୍କ ସକାଳ ଧୂପ ପରେ ଶ୍ରୀମନ୍ଦିର ଭିତର କାଠ ନିକଟରେ ଖଙ୍କାର ପଡିଥିବାର ଦେଖିଥିଲେ ସେବାୟତ। ସେବାୟତମାନେ ତୁରନ୍ତ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଥିଲେ। ଏହାପରେ ତୁରନ୍ତ ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ ହେବାକୁ ନିଷ୍ପତ୍ତି ନିଆଯାଇଥିଲା। ଯେଉଁଥି ପାଇଁ କିଛି ସମୟ ପାଇଁ ସାଧାରଣ ଦର୍ଶନ ବନ୍ଦ ରହିଥିଲା। ଠାକୁରଙ୍କ ବଡ଼ ମହାସ୍ନାନ ନୀତି ସରିବା ପରେ ଅନ୍ୟାନ୍ୟ ନୀତି କାନ୍ତି ସହ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଦୋଳି ଛିଡି ପଡ଼ିବାରୁ ପୁଲିସ ମୃତ

**ଫରିଦାବାଦ,୭।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ହରିଆଣାର ଫରିଦାବାଦର ସୁରଜକୁଣ୍ଡ ମେଳାରେ ଏକ ଝୁଲନ୍ତା ଦୋଳି ଭାଙ୍ଗି ପଡ଼ିବାରୁ ଜଣେ ପୁଲିସ ଅଧିକାରୀଙ୍କ ମୃତ୍ୟୁ ହୋଇଛି। ଘଟଣାରେ ଅନେକ ଲୋକ ଆହତ ହୋଇଛନ୍ତି। ସୂଚନା ଅନୁସାରେ ସନ୍ଧ୍ୟା ପ୍ରାୟ ୬.୧୫ରେ ଏହି ଘଟଣା ଘଟିଥିଲା। ଘଟଣାବେଳେ ଅନେକ ଲୋକ ଦୋଳିରେ ଥିଲେ। ଆହତଙ୍କ ମଧ୍ୟରେ ଜଣେ ପୁଲିସ ଇନ୍ସପେକ୍ଟର ମଧ୍ୟ ଅଛନ୍ତି। ଅନ୍ୟମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ପୁଲିସ ଜଣକ ମୃତ୍ୟୁବରଣ କରିଛନ୍ତି । ଯେତେବେଳେ ଦୋଳି ଢଳିବାକୁ (ଶେଷ ପୃଷ୍ଠା ଦେଖନ୍ତୁ)

### ଶୁଣାଣିରେ ସୀମିତ ମହାନଦୀ ଜଳ ବିବାଦ

# ସମାଧାନର ବାଟ ଖୋଲିବ ତ ?

**ଭୁବନେଶ୍ୱର,୭।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଏପଟେ ମହାନଦୀ ଶୁଖି ଶୁଖି ଯାଉଛି, ସେପଟେ ନ୍ୟାୟ ପାଇଁ ତାରିଖ ଘୁଞ୍ଚି ଘୁଞ୍ଚି ଯାଉଛି। ହେଲେ ଉଭୟ ଶାସକ-ବିରୋଧୀ ମହାନଦୀକୁ ନ୍ୟାୟ ଦେବାକୁ କେବଳ କାଦୁଅ ଫିଙ୍ଗା ରାଜନୀତିରେ ବ୍ୟସ୍ତ। ସମାଧାନ ପାଇଁ ଯେପରି କାହାର ଆନ୍ତରିକତା ନାହିଁ। ବିଜେପି ସରକାର ଆପୋଷ ଆଲୋଚନାରେ ସମାଧାନର ଆଶା ବାନ୍ଧି ବସିଥିବା ବେଳେ ପ୍ରଶ୍ନ ଉଠାଇଛି ବିରୋଧୀ ବିଜେଡି।

ମହାନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ୫୦ତମ ଶୁଣାଣି ସରିଛି। ହେଲେ ସମାଧାନ ପରିବର୍ତ୍ତେ ଓଡିଶାକୁ ପୁଣି ମିଳିଛି ନୂଆ ତାରିଖ। ଆସନ୍ତା ମାର୍ଚ୍ଚ ୧୪ ତାରିଖରେ ପୁଣି ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ତେବେ ଶୁଣାଣି ପୂର୍ବରୁ ଟ୍ରିବ୍ୟୁନାଲର ଟିମ୍ କ୍ଷେତ୍ର ପରିଦର୍ଶନ କରିବ। ମହାନଦୀର ସ୍ଥିତି କ'ଣ ଓ ଉଭୟ ରାଜ୍ୟ କ'ଣ ଚାହୁଛନ୍ତି ସେନେଇ ମତ ରଖିବ ଟ୍ରିବ୍ୟୁନାଲ ଟିମ୍।

ଏହାରି ଭିତରେ ପୂର୍ବ ସରକାର ମୁଣ୍ଡରେ ମହାନଦୀ ବିବାଦର ଅଠା



ବୋଳିଛନ୍ତି ରାଜସ୍ୱ ମନ୍ତ୍ରୀ। ମନ୍ତ୍ରୀ କହିଛନ୍ତି, ବିନା ଅସ୍ତ୍ରରେ ମହାନଦୀ ଯୁଦ୍ଧ ଲଢ଼ି ଓଡିଶାକୁ ଅପଦସ୍ତ କରିଥିଲା ବିଜେଡି। ଏବେ ଶେଷ ପର୍ଯ୍ୟନ୍ତ ବିଜେପି ସରକାର। କେନ୍ଦ୍ର ଓ ଛତିଶଗଡ ସହ ଆଲୋଚନା କରି ବିବାଦର ସମାଧାନ କରିବୁ।

ମହାନଦୀ ବିବାଦର ସମାଧନର ସୂତ୍ର ସରକାର ଖୋଜୁଥିବା ବେଳେ ବାଣ ମାରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନ କହିଛନ୍ତି ଯେ ମହାନଦୀକୁ ବଞ୍ଚାଇବା ପାଇଁ ବିଜେପି ସରକାରଙ୍କ ଇଏ କ'ଣ ଆନ୍ତରିକତା ? ଟ୍ରିବ୍ୟୁନାଲରେ ମହାନଦୀ ବିବାଦ ନେଇ ଆଜି ହୋଇଥିବା ଶୁଣାଣିକୁ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ୍ ଜେନେରାଲ୍ ଆସିଲେ ନାହିଁ। ମହାନଦୀର ସୁରକ୍ଷାଠାରୁ ଏମିତି କ'ଣ ଗୁରୁତ୍ୱପୂର୍ଣ୍ଣ କାମ ରହିଲା, ଯେଉଁଥିପାଇଁ ଟ୍ରିବ୍ୟୁନାଲର ଶୁଣାଣିରେ ଓଡ଼ିଶାର ପକ୍ଷ ରଖିବାକୁ ସେ ଉପସ୍ଥିତ ରହିଲେ ନାହିଁ ?

ନବୀନ କହିଛନ୍ତି ଟ୍ରିବ୍ୟୁନାଲର ଶୁଣାଣିକୁ ନେଇ ଅନେକ ଆଶା ବାନ୍ଧି ବସିଥିବା ଓଡ଼ିଶାବାସୀଙ୍କୁ ମିଳିଲା କ'ଣ ? ଏଥିରୁ ସ୍ପଷ୍ଟ ଜଣାପଡୁଛି, ମହାନଦୀକୁ ବଞ୍ଚାଇବା ପାଇଁ ଓଡ଼ିଶା ବିଜେପି ସରକାରଙ୍କ କୌଣସି ଆନ୍ତରିକତା ତଥା ପ୍ରତିବଦ୍ଧତା ନାହିଁ। ଏହାକୁ ସରକାର ଆଦୌ ଗମ୍ଭୀରତାର ସହ ନେଉନାହାନ୍ତି। ଖାଲି କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି। ମହାନଦୀ ଆମ ମା', ଓଡ଼ିଶାର ଜୀବନରେଖା। ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ତଥା ଅଗଣିତ ଓଡ଼ିଆଙ୍କ ଜୀବନର ସ୍ରୋତ। ଏହାର ସୁରକ୍ଷାରେ ସାଲିସକୁ ଓଡ଼ିଶାବାସୀ କଦାପି ଗ୍ରହଣ କରିବେ ନାହିଁ। ମହାନଦୀକୁ ବଞ୍ଚାଇବା ପାଇଁ ପ୍ରତିଟି ଓଡ଼ିଆଙ୍କୁ ନେଇ ବିଜୁ ଜନତା ଦଳର ଲଢେଇ ଆହୁରି ଜୋରଦାର ହେବ।

ଅନ୍ୟପଟେ ଏହାର ଜବାବ ରଖିଛନ୍ତି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ସୋଶାଲ ମିଡିଆ ସାଇଟ୍ ଏକ୍ସରେ ଏଜି ଲେଖିଛନ୍ତି, ମୁହଁ ଖୋଲିବା ପୂର୍ବରୁ ଆତ୍ମସମୀକ୍ଷା କରିବା ଉଚିତ। ୭ ବର୍ଷ ଧରି ନବୀନଙ୍କ ଲିଗାଲ୍ ଟିମ୍ ରାଜ କୋଷରୁ କୋଟି କୋଟି ଶ୍ରାଦ୍ଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସକାରାତ୍ମକ ଚିନ୍ତାଧାରା ବାଟ ଦେଖାଇଛି। କେନ୍ଦ୍ରର ହସ୍ତକ୍ଷେପ ଯୋଗୁ (ଶେଷ ପୃଷ୍ଠା ଦେଖନ୍ତୁ)

## ଭଗବାନଙ୍କ ଭରସାରେ ଅଧାରୁ ଅଧିକ ଭାରତୀୟ ବିମାନ




**ନୂଆଦିଲ୍ଲୀ,୭।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ବର୍ଷ ଅହମ୍ମଦାବାଦ ବିମାନ ଦୁର୍ଘଟଣା ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ଏହାପରେ ବାରାମତୀ ବିମାନ ଦୁର୍ଘଟଣାରେ

### ଅଡିଟ୍ ରିପୋର୍ଟ

ଅଜିତ ପାୱାରଙ୍କ ମୃତ୍ୟୁ ପରେ, ବିମାନ ଯାତ୍ରା ଭୟଭୀତ ହୋଇପଡ଼ିଛି। ଏହି ସମୟରେ, ଏକ ରିପୋର୍ଟ ସାମ୍ନାକୁ ଆସିଛି ଯାହା ଏହି ଭୟକୁ ଦଶ ଗୁଣ ବଢାଇ ଦେଇଛି। ଭାରତର ବିମାନ ନିୟାମକଙ୍କ ଦ୍ୱାରା କରାଯାଇଥିବା ଏକ ଅଡିଟରେ ଏହାର ଅଧା ବିମାନରେ ତ୍ରୁଟି ପାଇଛି। ସବୁଠାରୁ ଖରାପ ସ୍ଥିତିରେ ରହିଛି ଏୟାର ଇଣ୍ଡିଆ। ଯାଞ୍ଚ କରାଯାଇଥିବା ପ୍ରତି ଚାରିଟି ବିମାନ ମଧ୍ୟରୁ ତିନୋଟିରେ ବାରମ୍ବାର ସମସ୍ୟାର ସମ୍ମୁଖୀନ ହେଉଛି ଏୟାର ଇଣ୍ଡିଆ। ସେଭଳି ଇଣ୍ଡିଗୋର ପରିସ୍ଥିତି ଭଲ ନୁହେଁ, ଏହାର ପ୍ରତି ତିନିଟି ବିମାନରେ ଗୋଟିଏ କୌଣସି ନା କୌଣସି ସମସ୍ୟାର ସମ୍ମୁଖୀନ ହେଉଛି। ଏହି ସୂଚନା ଲୋକସଭାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଇଛି। ତଥାପି, ଏହି ସମସ୍ୟାଗୁଡ଼ିକରେ ବିମାନ ସୁରକ୍ଷା ଚିନ୍ତା ବ୍ୟତୀତ ସାଧାରଣ ସମସ୍ୟା ମଧ୍ୟ ରହିଛି। ଏହା ବ୍ୟତୀତ, ୫୦% ବିମାନ ସମସ୍ୟାର ସମ୍ମୁଖୀନ ହେଉଥିବା ନିଶ୍ଚିତ ଭାବରେ ଚିନ୍ତାର କାରଣ। ବେସାମରିକ ବିମାନ ଚଳାଚଳ (ଶେଷ ପୃଷ୍ଠା ଦେଖନ୍ତୁ)

# ଭାରତରେ ଅଛନ୍ତି ୪ କିସମର ହିନ୍ଦୁ: ଭାଗବତ

**ମୁମ୍ବାଇ,୭।୨**
**ଏକ୍ସପ୍ରେସ୍ ନ୍ୟୁଜ୍**




ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଶନିବାର ହିନ୍ଦୁଙ୍କୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ ଆମେ ବିଶ୍ୱଗୁରୁ ହେବା, ହେଲେ ଭାଷଣରେ ନୁହେଁ। ଆମକୁ ଉଦାହରଣ ଉପସ୍ଥାପନ କରିବାକୁ ପଡିବ। ସେ କହିଛନ୍ତି ଯେ ଯଦି ଆପଣ ଭାରତରେ ରହୁଛନ୍ତି ଏହି ସ୍ୱଭାବ ଆପଣଙ୍କଠାରେ ରହିଛି। ସେ କହିଛନ୍ତି ଭାରତର ମୁସଲମାନ ଓ ଇସାୟୀ ସେମାନେ ଭାରତର। ଏହା ଛଡା ଭାରତରେ ୪ କିସମର ହିନ୍ଦୁ ରହୁଛନ୍ତି।

ହିନ୍ଦୁଙ୍କ ଶ୍ରେଣୀ ବିଭାଜନ କରି ଭାଗବତ କହିଛନ୍ତି ଯେ ପ୍ରଥମ କିସମର ଲୋକେ ହେଉଛନ୍ତି ସେହିମାନେ ଯେଉଁମାନେ କହୁଛନ୍ତି ଗର୍ବରେ କୁହ ଆମେ ହିନ୍ଦୁ। ଦ୍ୱିତୀୟ କିମସର ହିନ୍ଦୁ ହେଉଛନ୍ତି ଆମେ ତ ହିନ୍ଦୁ ଏଥିରେ ଗର୍ବର କଥା କ'ଣ ? ତୃତୀୟ କିସମର ହିନ୍ଦୁ ହେଉଛନ୍ତି ଧିରେ କୁହ ଆମେ ହିନ୍ଦୁ, ଘରକୁ ଆସି ପଚାରିଲେ କହିବା। ଚତୁର୍ଥ କିସମର ହିନ୍ଦୁ ହେଉଛନ୍ତି ଯେଉଁମାନେ ଭୁଲି ଯାଇଛନ୍ତି, ସେମାନଙ୍କୁ ଭୁଲେଇ ଦିଆଯାଇଛି। ଆହୁରି ଲୋକେ ବି ଭୁଲି ଯାଆନ୍ତୁ ଏହି ପ୍ରୟାସ ଏବେ ଚାଲିଛି।

ଏହା ଛଡା ସଂଘର କାମ ସମ୍ପର୍କରେ ସେ କହିଛନ୍ତି ଯେ ସଂଘର କାମ ବାସ୍ତବିକ ଅନନ୍ୟ, ସାରା ଦୁନିଆରେ ଏପରି କାମ କେଉଁଠି ହେଉନି। ଏବେ ପ୍ରତ୍ୟକ୍ଷ ରୂପେ ଏହାର ଅନୁଭବ ହେଉଛି। ହିନ୍ଦୁ କେବଳ ଏକ ସାଙ୍ଗିଆ ନୁହେଁ ଏହା ବିଶେଷଣ। ଭାରତରେ ରହୁଥିବା ସବୁ ଲୋକେ ହିନ୍ଦୁ ହିଁ ଅଟନ୍ତି। ଏହି ସବୁ କଥା ମୋହନ ଭାଗବତ ଆରଏସଏସର ୧୦୦ ତମ ବାର୍ଷିକ ଅବସରରେ ମୁମ୍ବାଇରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କହିଛନ୍ତି।

ସେ କହିଛନ୍ତି ଯେ ସଂଘ ପୂର୍ବରୁ ନିର୍ଦ୍ଧାରଣ କରିଛି ଯେ ସମ୍ପୂର୍ଣ୍ଣ ସମାଜକୁ ସଙ୍ଗଠିତ କରିବା ଛଡା ସଂଘର ଅନ୍ୟ କୌଣସି କାମ ନାହିଁ, ଅନ୍ୟ କାମ କରାଯିବନି। (ଶେଷ ପୃଷ୍ଠା ଦେଖନ୍ତୁ)

## ଯୁବକଙ୍କ ଉନ୍ମତ୍ତକାଣ୍ଡ ସ୍କୁଲରେ ପଶି ଶିକ୍ଷକଙ୍କୁ ଧମକ

**ରାଜନଗର,୭।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଡେରା ପଞ୍ଚାୟତ କାଠୁଆଗଣ୍ଡ ପ୍ରାଥମିକ ବିଦ୍ୟାଳୟରେ ପଶି ଯୁବକଙ୍କ ଉନ୍ମତ କାଣ୍ଡ ଘଟଣାରେ କୋର୍ଟ ଚାଲାଣ କରିଛି ପୋଲିସ। ଏହି ଗ୍ରାମର ସଂଗ୍ରାମ ସ୍ୱାଇଁ (କାବୁଲା) ଶୁକ୍ରବାର ଦିନ ୧୦ଟା ସମୟରେ ବିଦ୍ୟାଳୟରେ ପଶି ଛାତ୍ରଛାତ୍ରୀଙ୍କୁ ବାହାର କରିଦେବା ସହ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଗାଳିଗୁଲଜ କରିଥିଲା। ଏପରିକି ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ରାଉତ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ସଂଗ୍ରାମକୁ ଗିରଫ କରି ତାଙ୍କ ନାମରେ ମାମଲା ଦାଏର କରିବା ସହିତ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ତାର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ନାମରେ ରାଜନଗର ଥାନାରେ ପୂର୍ବରୁ ୧୯ଟି ସଙ୍ଗୀନ ମାମଲା ରହିଥିବା ପୋଲିସ୍ ସୂତ୍ରରୁ ଜଣାପଡିଛି।



୬ ଦିନିଆ ଓଡ଼ିଶା ଗସ୍ତ ସାରି ଫେରିଗଲେ ରାଷ୍ଟ୍ରପତି।

## ପରୀକ୍ଷା ପରିଚାଳନାରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୭।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ଆସନ୍ତା ଫେବ୍ରୁଆରି ୧୮ ତାରିଖରୁ ଏବଂ ବାର୍ଷିକ ମାଧ୍ୟମିକ ପରୀକ୍ଷା ସମେତ ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ଏବଂ ମଧ୍ୟମା ପରୀକ୍ଷା ଫେବ୍ରୁଆରି ୧୯ରୁ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବନି ବୋଲି ମୁଖ୍ୟ ଶାସନ ସଚିବ ସତର୍କ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ହେଉଥିବା ସଂପୃକ୍ତ ସମସ୍ତଙ୍କୁ ଯଥେଷ୍ଟ ସତର୍କତା ଅବଲମ୍ବନପୂର୍ବକ ସମସ୍ତେ ନିଜ ନିଜର କର୍ତ୍ତବ୍ୟ ସୁଚାରୁରୂପେ ସଂପାଦନ କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଆରକ୍ଷୀ ଅଧିକ୍ଷକମାନେ ଯୋଗଦେଇଥିଲେ।

ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ଼ଃ. ଏନ୍ ତିରୁମାଳା ନାଏକଙ୍କ ସମେତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡା, ଉପ ଶାସନ ସଚିବ ଯଶବନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ତଥ୍ୟ (ଶେଷ ପୃଷ୍ଠା ଦେଖନ୍ତୁ)

## କେନ୍ଦ୍ରାପଡ଼ା ପାଲଟିଛି ଅଣକୁଶଳୀ ଶ୍ରମିକଙ୍କ ଜିଲ୍ଲା

**କେନ୍ଦ୍ରାପଡ଼ା,୭।୨ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡାକୁ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ମିଳିବାର ୩୩ବର୍ଷ ଅତିକ୍ରାନ୍ତ ହୋଇଗଲାଣି । ଏହି ୩୩ବର୍ଷ ମଧ୍ୟରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡ଼ି ଦୀର୍ଘ ୨୪ବର୍ଷ ରାଜ୍ୟରେ ନିରବଚ୍ଛିନ୍ନ ଭାବେ ଶାସନ କରିଛି । ହେଲେ ବୈଷୟିକ ଶିକ୍ଷା ପାଇଁ ହେଉ କି ଉଚ୍ଚତର ଶିକ୍ଷା ଓ ଗବେଷଣା ପାଇଁ ହେଉ ଜିଲ୍ଲାର ଆଗ୍ରହୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାରେ ସୁଯୋଗ ନାହିଁ । ସେହିପରି ଆବଶ୍ୟକ ଚିକିତ୍ସା ସୁବିଧା ଟିକେ ପାଇଁ ଜିଲ୍ଲାବାସୀଙ୍କୁ ଜିଲ୍ଲା ବାହାରକୁ ଯିବାକୁ ବାଧ୍ୟ। ଖଣି ଖାଦାନ ଓ କଳକାରଖାନା ବିହୀନ ଏହି ଜିଲ୍ଲାରେ ଜୀବନ ଜୀବିକାର ଏକମାତ୍ର ରାହା କୃଷି ବିପର୍ଯ୍ୟସ୍ତ । କୃଷି କ୍ଷେତ୍ରରେ ଥିବା ଜଳସେଚନ ଓ ଜଳ ନିଷ୍କାସନ ଭଳି ମୌଳିକ ସମସ୍ୟାର ସମାଧାନ ସମ୍ଭବ ହୋଇପାରି ନାହିଁ । ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି ପାଇଁ ଜିଲ୍ଲା ନଛାଡ଼ିଲେ ଜୀବିକା ନିର୍ବାହ କରିବାର ରାସ୍ତା ନାହିଁ । ସେଥିପାଇଁ ଜିଲ୍ଲା ଓ ରାଜ୍ୟ ବାହାରେ କେନ୍ଦ୍ରାପଡ଼ାର ଯୁବବର୍ଗ ଅଣକୁଶଳୀ ଶ୍ରମିକ ଭାବେ ମୂଲ ଲାଗିବାକୁ ଧାଡ଼ି ଲଗାଇଛନ୍ତି ।

ରାଜ୍ୟବାହାରେ ମୂଲ ଲାଗୁଥିବା କେନ୍ଦ୍ରାପଡ଼ାର ଯୁବକଙ୍କ କଥା ଦୂରେ ଥାଉ ସକାଳୁ ସକାଳୁ ମହାକାଳପଡ଼ାର ବାହାକୁଦ ଫେରିଘାଟରେ ଛିଡ଼ାହେଲେ ପେଟ ଚାଖଣ୍ଡକ ପାଇଁ ପାରାଦୀପରେ ମୂଲ ଲାଗିବାକୁ ଶହ ଶହ ସଂଖ୍ୟାରେ ଲୋକେ ଡ଼ଙ୍ଗାରେ କିପରି ବିପଦଜନକ ଭାବେ ନଦୀ ପାର ହୋଇ ଯାଉଛନ୍ତି ଦେଖିଲେ ଯେ କେହି ବି କେନ୍ଦ୍ରାପଡ଼ା ଜିଲ୍ଲାର ବିକଳ ବେରୋଜଗାରୀ ସ୍ଥିତିକୁ ବୁଝିପାରିବେ । ଦୀର୍ଘ ବେଳାଭୂମି, ବିଶ୍ୱ ବିରଳ ଭିତରକନିକା ଅଭୟାରଣ୍ୟ ଓ ଅନେକ କୀର୍ତ୍ତୀରାଜି ଥିବା ଏହି ଜିଲ୍ଲା ଦେଶ କଥା ଛାଡ଼ନ୍ତୁ ରାଜ୍ୟ ସ୍ତରରେ ବି ପର୍ଯ୍ୟଟନର ଗୁରୁତ୍ୱ ପାଇପାରିନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ଜିଲ୍ଲାରେ ବେରୋଜଗାରୀ ଓ ଦାରିଦ୍ର ବଢିଚାଲିଥିବାବେଳେ ଜିଲ୍ଲାବାସୀ ସାଧାରଣ ଲୋକେ ସରକାରଙ୍କ ମାଗଣା ଚାଉଳ ଓ ବିଭିନ୍ନ ରିଲିଫ୍ ସ୍କିମ୍ ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି । ତେବେ କେନ୍ଦ୍ରାପଡ଼ା ଜିଲ୍ଲା କ'ଣ ଏଥିରୁ ମୁକ୍ତି ପାଇବ ନାହିଁ, ଜିଲ୍ଲାବାସୀ କ'ଣ ପ୍ରକୃତ ବିକାଶର ସ୍ୱାଦ ଚାଖି ପାରିବେ ନାହିଁ ? ଏହି ପ୍ରଶ୍ନ ସଚେତନ ନାଗରିକଙ୍କୁ ଆନ୍ଦୋଳିତ କରିଛି ।

ବରିଷ୍ଠ ଆଇନଜୀବି କ୍ଷିରୋଦ ରାଉତଙ୍କ କହିବା କଥା ହେଲା ବିଗତ ଦୁଇ ଦଶନ୍ଧି ଭିତରେ କେନ୍ଦ୍ରାପଡ଼ା ଜିଲ୍ଲାର ବା କୌଣସି ଅଞ୍ଚଳର ଲୋକଙ୍କ ଆବଶ୍ୟକତା, ସମସ୍ୟା, ସାଧନ ଓ ସମ୍ଭାବନା ସଂପର୍କରେ ଅବଗତ ଥିବା ଏବଂ ସାମାଜିକ ପ୍ରତିବଦ୍ଧତା ରଖିଥିବା ଦୂରଦୃଷ୍ଟି (ଶେଷ ପୃଷ୍ଠା ଦେଖନ୍ତୁ)

## ସତସଙ୍ଗ ଗଙ୍ଗାସ୍ନାନ ସଦୃଶ: ବାବା ବଳିଆ

**କେନ୍ଦ୍ରାପଡ଼ା,୭।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯେଉଁ ସନ୍ଧ୍ୟାରେ ଆମେ ପବିତ୍ର ସତସଂଗ ଭଳି ପବିତ୍ର ତୀର୍ଥ ପାଉ । ଏହା ଆମେ ଅନୁଭବ କରୁ । ଯେଉଁଠି ସତସଂଗ ହୁଏ ସେଠିକି ତୀର୍ଥ ଆସିଥାନ୍ତି। ସତସଙ୍ଗ ଯେଉଁଠାରେ ହୁଏ ସେଠାକୁ ଦେବତା ଆସିଥାନ୍ତି । ଯେଉଁ ଅଞ୍ଚଳରେ ସତସଂଗ ହୁଏ ସେହି ଅଞ୍ଚଳର ଅତୃପ୍ତ ଆତ୍ମା ଏହି ସ୍ଥାନକୁ ଆସି ମୋକ୍ଷ ପ୍ରାପ୍ତି ହୋଇଥାନ୍ତି । ଫୁଲ ଚନ୍ଦନ ଦ୍ୱାରା ଦେବତା ଖୁସି ହୋଇ ନ ଥାନ୍ତି । ସତସଂଗ ଦ୍ୱାରା ଦେବତା ଖୁସି ହୋଇଥାନ୍ତି । ସତସଙ୍ଗର ସନ୍ଧ୍ୟାକୁ ଏଥିପାଇଁ ମହାନ ସନ୍ଧ୍ୟା କୁହାଯାଇଥାଏ ବୋଲି ମାର୍ଗଦର୍ଶକ ସଂସ୍କାରକ ବାବା ବଳିଆ ଆଜି ସନ୍ଧ୍ୟାରେ ଗୋପ ଛକ ଆଫେକ୍ସ ଟ୍ରେଡର ପରିସରରେ ଅନୁଷ୍ଠିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆର୍ଶିବଚନରେ କହିଛନ୍ତି । ସେ ଆହୁରି ତାଙ୍କ ପ୍ରବଚନରେ କହିଥିଲେ ଭାଗବତରେ ଲେଖା ଅଛି ଏ ଜୀବ ସାଧୁସଂଗ ଲଭି ନ ପାରେ । (ଶେଷ ପୃଷ୍ଠା ଦେଖନ୍ତୁ)

# ଯାନବାହନର ମୂଳଢାଞ୍ଚା ପରିବର୍ତ୍ତନକୁ ନେଇ ବଢୁଛି ଦୁର୍ଘଟଣା

**ପଟ୍ଟାମୁଣ୍ଡାଇ,୭।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ସମୟରେ ଯାନବାହନ ଦୁର୍ଘଟଣାଗ୍ରସ୍ତ ହୋଇ ଅକାଳରେ ସାଧାରଣ ଧନଜୀବନ ଚାଲିଯାଉଛି। ମାତ୍ର ଏଭଳି ଅଘଟଣକୁ ରୋକିବା ପାଇଁ ସରକାରଙ୍କ ଉଦ୍ୟମ ବିଫଳ ହେଉଛି। ଗତ କିଛିଦିନ ହେବ ପଟ୍ଟାମୁଣ୍ଡାଇ ସହର ଆଖପାଖ ଅଂଚଳରେ ସଡ଼କ ଦୁର୍ଘଟଣା ସଂଖ୍ୟା ବଢ଼ିବା ସହିତ ଅନେକ ଧନଜୀବନ ହାନି ଘଟି ଅକାଳରେ ନିରୀହ ଜୀବନ ଚାଲିଯାଉଛି। ଅନାଥ ହୋଇଯାଉଛି ଅନେକ ପରିବାର। ଆହତମାନଙ୍କ ଚିକିତ୍ସାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ପରିବାରର ଆର୍ଥିକ ସ୍ଥିତି ଭାଙ୍ଗି ପଡୁଛି। ବେପରୁଆ ବାଇକ ଚାଳନା ଦୁର୍ଘଟଣାର ମୁଖ୍ୟ କାରଣ ହୋଇଥିବା ବେଳେ ଯାନବାହନ ମୂଳଢାଂଚାକୁ ବେଆଇନ ପରିବର୍ତ୍ତନ ଆଉ ଏକ ପ୍ରମୂଖ କାରଣ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ହେଲେ ଏ ଦିଗରେ ସ୍ଥାନୀୟ ପୋଲିସ ପକ୍ଷରୁ ଉଚିତ୍ ପଦକ୍ଷେପ ନିଆଯାଉ ନ ଥିବାରୁ ଦୁର୍ଘଟଣା ରୋକି ହେଉନାହିଁ। ଫଳରେ ଦୁର୍ଘଟଣା ବୃଦ୍ଧି ପାଇବା ସହ ସାଧାରଣ ଜୀବନକୁ ଗଭୀର ଭାବେ ପ୍ରଭାବିତ କରୁଛି।

ସ୍ଥାନୀୟ ଲୋକେ କୁହନ୍ତି ସଡକ ଦୁର୍ଘଟଣା ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ହେଲେ ବର୍ଦ୍ଧିତ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଉପରେ ରୋକ ଲାଗିପାରୁନି। ତୀବ୍ର ଗତି ଓ ମଦ୍ୟପାନ କରି ଗାଡ଼ି ଚଳାଇବା, ହେଲମେଟ୍ ନପିନ୍ଧିବା, ସିଟ ବେଲ୍ଟ ନପିନ୍ଧିବା, ଟ୍ରାଫିକ ନିୟମ ନମାନିବା ଓ ସଡକ ସୁରକ୍ଷା ନିୟମର ସଚେତନତାର ଅଭାବ ଦୁର୍ଘଟଣାର ପ୍ରମୁଖ କାରଣ ଭାବେ ଦର୍ଶାଯାଉଛି। ସ୍ଥାନୀୟ ପୋଲିସ ପକ୍ଷରୁ ଏ ଦିଗରେ ଧ୍ୟାନ ଦିଆଯାଇନାହିଁ । ସନ୍ଧ୍ୟାହେଲେ ଯୁବକମାନେ ରାସ୍ତାରେ ବେପରୁଆ ଭାବେ ବାଇକ୍ ଚଳାଇବା ସହ ବିକଟାଳ ଶବ୍ଦରେ ସ୍ପିଡ ବାଇକ ଧରି ଉତ୍ପାତ କରୁଛନ୍ତି। ଫଳରେ ପଥଚାରୀ ଅତିଷ୍ଠ ହୋଇପଡୁଥିବା ବେଳେ ଦୁର୍ଘଟଣା ମଧ୍ୟ ଘଟୁଛି। ପ୍ରତିଦିନ ଘଟୁଥିବା ଦୁର୍ଘଟଣା ଜିଲାର ସଡ଼କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ଗାଡି ଚାଳକମାନେ ଆଇନ କାନୁନକୁ ଭ୍ରୁକ୍ଷେପ କରୁନାହାଁନ୍ତି। ନିଜର ଫାଇଦା ପାଇଁ ଗାଡିର ମୂଳ ଢାଂଚାକୁ ପରିବର୍ତ୍ତନ କରି ବାଡପାଖରୁ ଆରମ୍ଭ କରି ରଥ ଓ ବାଜା ଗାଡି ନିର୍ମାଣ କରୁଛନ୍ତି। ପଟ୍ଟାମୁଣ୍ଡାଇ ଅଂଚଳରେ ଅନେକ ମାଲବୁହା ଅଟୋ ପାଖରୁ ଆରମ୍ଭ କରି ପିକଅପ ଓ ଭାରିଯାନ ପର୍ଯ୍ୟନ୍ତ ଗାଡିର ମୂଳ ଢାଂଚା ପରିବର୍ତ୍ତନ କରାଯାଇ ରାସ୍ତାରେ ପରିବହନ କରାଉଛନ୍ତି। ଚାଳକ ଉଭୟପାର୍ଶ୍ୱ ସମେତ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କୁ ଆକଳନ କରିପାରୁନାହାଁନ୍ତି । ଫଳରେ ଅନ୍ୟ ଗାଡ଼ିଗୁଡ଼ିକ ପାଇଁ ବିପଦ ସୃଷ୍ଟିକରିବା ସହ ବହୁବାର ଦୁର୍ଘଟଣା ମଧ୍ୟ ଘଟୁଛି। ହେଲେ ପୋଲିସ ପ୍ରଶାସନ ସବୁଦେଖି ନିରବଦ୍ରଷ୍ଟା ସାଜିଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ମୋଟର ଯାନ ଆଇନ (ଧାରା ୫୨ ଏବଂ ୧୮୨ ଏ) ଅନୁଯାୟୀ, ଯାନବାହନର ମୂଳ ନିର୍ମାତାଙ୍କ ନିର୍ଦ୍ଦିଷ୍ଟକରଣକୁ ବେଆଇନ ପରିବର୍ତନ କରାଯାଇପାରିବ ନାହିଁ। ଏପରି ବେଆଇନ କାର୍ଯ୍ୟ କରୁଥିବା ଗାଡିମାଲିକଙ୍କ ବିରୋଧରେ ଜରିମାନା ସହ ଗାଡ଼ି ଜବତ କରିବା ପାଇଁ ନିର୍ଦ୍ଦେଶନାମା ଅଛି। ହେଲେ ଜିଲାରେ ତାହା କାର୍ଯ୍ୟକାରୀ ନହେଉଥିବାରୁ ଦୁର୍ଘଟଣା ବଢୁଛି। ସହରରେ ଅନେକ ଡିଜେ ଗାଡି ସହ ବିଭାହ ରଥ ଗାଡ଼ିର ଚାଲୁଛି। ଯାହାର ମୂଳ ଢାଂଚାରେ ବେଆଇନ ପରିବର୍ତନ ଓ ଅବୈଧ ଉପକରଣ ବ୍ୟବହାର କରାଯାଇ ଅତ୍ୟଧିକ ଶବ୍ଦ ଓ ଆଲୋକ ବ୍ୟବସ୍ଥାରେ ରାସ୍ତାରେ ଗଡୁଛି। ଯାହା ଜନସାଧରଣଙ୍କୁ ବ୍ୟଥିତ କରୁଛି। ଆଇନ କାନୁନକୁ ଜଳାଞ୍ଜଳିଦେଇ ଏଭଳି ଆଇନ ଅମାନ୍ୟାପ୍ରନ୍ଥାକୁ ସାଧାରଣରେ ଗ୍ରହଣ କରାଯାଇପାରୁ ନାହିଁ। ସାର୍ବଜନୀନ ସ୍ଥାନରେ ଏଭଳି ଗାଡ଼ିର (ଶେଷ ପୃଷ୍ଠା ଦେଖନ୍ତୁ)

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୮ ଫେବୃଆରୀ ୨୦୨୬ । ରବିବାର




## ରାସ୍ତାର ପୁନଃନିର୍ମାଣ ସହ ଭାରୀଯାନ ଚ଼ଳାଚ଼ଳ ନିୟନ୍ତ୍ରଣ ପାଇଁ ଦାବି

**ଝାରସୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ ରଖେଲା ପଞ୍ଚାୟତ ଅଧିନ ଇବ୍ ସେତୁରୁ ବିଶିଉକା ବସଷ୍ଟାଣ୍ଡ ଯାଏଁ ରାସ୍ତା ଅବସ୍ଥା ଶୋଚ଼ନୀୟ ହୋଇପଡ଼ିଛି । ଏନେଇ ଶନିବାର ବିଜେଡି ନେତ୍ରୀ ତଥା ବ୍ରଜରାଜନଗର ନିର୍ବାଚ଼ନ ମଣ୍ଡଳୀର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ନେତୃତ୍ୱରେ ରଖେଲା ପଞ୍ଚାୟତର ସରପଞ୍ଚ, ସମସ୍ତ ୱାର୍ଡ ସଭ୍ୟଙ୍କ ନେତୃତ୍ୱରେ ସ୍ଥାନୀୟ ଅଧିବାସୀ ରାସ୍ତାର ପୁନଃନିର୍ମାଣ ସହ ଭାରୀଯାନ ଚ଼ଳାଚ଼ଳ ନିୟନ୍ତ୍ରଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ୭ ଦିନ ମଧ୍ୟରେ ଏହି ରାସ୍ତାର ନୂତନ ନିର୍ମାଣ ଓ ଭାରୀଯାନ ନିୟନ୍ତ୍ରଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ରମେଲାବାସୀ ଉଭୟ ସେତୁ ନିକଟରେ ଥିବା ବିଟ୍ ହାଉସରେ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ଇବ୍ ସେତୁରୁ ବିଶିଉକା ବସଷ୍ଟାଣ୍ଡ ଯାଏଁ ଯାଇଥିବା ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଦୈନନ୍ଦିନ କାର୍ଯ୍ୟ ପାଇଁ ଯାତାୟାତ କରୁଛନ୍ତି । କିଛି ବର୍ଷ ହେଲା ଏହି ରାସ୍ତାରେ କ୍ଷମତା ଠାରୁ ଅଧିକ କୋଇଲା ଓ ପାଉଁଶ ବୋଝେଇ ଭାରୀଯାନ ଚ଼ଳାଚ଼ଳ କରୁଛି । ଫଳରେ ରାସ୍ତାରେ ବଡ ବଡ଼ ଖାଲ ସୃଷ୍ଟି ହେବା ସହିତ ପାଉଁଶ ଓ କୋଇଲା ଗୁଣ୍ଡ ପଡ଼ି ରାସ୍ତା ଉପରେ ପ୍ରଦୂଷଣ ହେଉଛି । ଫଳରେ ଏହି ରାସ୍ତାରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁ ଧନଜୀବନ ନଷ୍ଟ ହେଉଛି । ସେହିପରି ବେଆଇନ ଭାବେ ରାସ୍ତାକାଡ଼ରେ ଶହ ଶହ ଟ୍ରକ ଛିଡା ହେବା ଫଳରେ ଜରୁରିକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି । ରଖେଲା ସରପଞ୍ଚ ବିମଳା କିଷାନ, ସଂଗୀତା ଭୁଏ, ପ୍ରତିମା ଭୋଇ ଓ ପ୍ରଭାସିନୀ ଛୁରିଆ ପ୍ରମୁଖଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ମନରେଗା ଯୋଜନାକୁ ଫେରାଇ ଆଣିବା ପାଇଁ କଂଗ୍ରେସର ଦାବି



**ମୁରିବାହାଲ: ଏକ୍ସପ୍ରେସ ନ୍ୟୁଜ୍**

ଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ କଂଗ୍ରେସ କମିଟିର ସଭାପତି ଗିରିଧାରୀ ସାହୁଙ୍କ ନେତୃତ୍ୱରେ ଶୁକ୍ରବାର ବିଡିଓ ବାସନ୍ତି ସେଠିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସରକାର ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଆଇନ ୨୦୦୫କୁ ବନ୍ଦ କରିଦେଇ ବିଭି-ଜୀରାମ-ଜୀ ଯୋଜନ ଚ଼ଳାଇଛନ୍ତି । ଏହି ନୂତନ ଆଇନ କୋଟି କୋଟି ଶ୍ରମିକଙ୍କ ଉପରେ ଡକାୟତି, ମେହନତି ଲୋକଙ୍କ ଉପରେ ଲାତ ଓ ଗରିବ ଲୋକଙ୍କର କାମ ମାଗିବାର ଅଧିକାରକୁ ଛଡେଇ ନେଇଯାଉଛି । ଏସସି/ଏସଟି/ଓବିସି ସମାଜର ଶ୍ରମିକମାନଙ୍କୁ ସାମାଜିକ ନ୍ୟାୟରୁ ବଞ୍ଚିତ କରୁଛି । ମନରେଗା ଆଇନରେ ଶ୍ରମିକ ମଜୁରିର ସମ୍ପୂର୍ଣ୍ଣ ବଜେଟ କେନ୍ଦ୍ର ସରକାର ଦେଉଥିଲେ । ନୂଆ ଆଇନରେ କେନ୍ଦ୍ର ସରକାର ୬୦% ବଜେଟ ଦେବେ ଏବଂ ୪୦% ରାଜ୍ୟ ସରକାରଙ୍କୁ ଦେବାକୁ ପଡିବ ।ଜିଏସଟି ଓ କେନ୍ଦ୍ରୀୟ ସେସ୍ ମାଧ୍ୟମରେ ପ୍ରତିବର୍ଷ ୫ ଲକ୍ଷ କୋଟି ଟଙ୍କା ଆଦାୟ କରିବା ପରେ ମଧ୍ୟ ରାଜ୍ୟମାନଙ୍କ ପାଖରେ ଟଙ୍କା ନାହିଁ । ରାଜ୍ୟ ଟଙ୍କା ଦେଇ ପାରିବେ ନାହିଁ, ଶ୍ରମିକ ରୋଜଗାର ପାଇପାରିବେ ନାହିଁ । ତେଣୁ କେନ୍ଦ୍ର ସରକାର ବିଭି-ଜୀରାମ-ଜୀ ବିଲକୁ ପ୍ରତ୍ୟାହାର କରି ତୁରନ୍ତ ଐତିହାସିକ ମନରେଗା ଆଇନକୁ ପୁନଃ ସ୍ଥାପନ କରିବା ପାଇଁ କଂଗ୍ରେସ ଦଳ ତରଫରୁ ଦାବି କରାଯାଇଛି । ଦାବିପତ୍ର ଦେବା ସମୟରେ ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ, ଡିସିସି ସମ୍ପାଦକ ଯଦୁପତି ଅଗସ୍ତି, ବିଭିଷଣ ମହାନନ୍ଦ, ସମିତି ସଭ୍ୟ ଭିମସେନ ବାଗ, ଜିତେନ ହାତୀ, ବିଷ୍ଣୁ ସାହୁ, ନରେନ୍ଦ୍ର ବନଛୋର, ବୁଲୁ ବିଶି, ଗୁରମେଲ ସିଂ ଭାଟିଆ, ସତ୍ୟ ହାତୀ, ମାଧବ ସାହୁ, ଯୁଧା ନାଗ ପ୍ରମୁଖ ଉପସ୍ଥିତ ଥିଲେ । ବିଡିଓଙ୍କ ଶ୍ରୀମତୀ ସେଠୀଙ୍କ ଅନୁପସ୍ଥିତିରେ ସେକ୍ସନ ଅଫିସର ରାଜେନ୍ଦ୍ର ନାୟକ ଏହି ଦାବୀପତ୍ର ଗ୍ରହଣ କରିଥିଲେ ।

## ଅବ୍ୟବସ୍ଥାରେ ଗୁରୁଣ୍ଡା ପ୍ରାଥମିକ ବିଦ୍ୟାଳୟ

**ମୁରିବାହାଲ: ଏକ୍ସପ୍ରେସ ନ୍ୟୁଜ୍**



ଲାଙ୍ଗୀର ଜିଲ୍ଲାର ମୁରିବାହାଲ ବ୍ଲକ ଗୁରୁଣ୍ଡା ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ଦେଇ ଗତି କରୁଛି । ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଥିବାବେଳେ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଘର ମଧ୍ୟ ରହିଛି କିନ୍ତୁ ପ୍ରଧାନଶିକ୍ଷକଙ୍କ ମନମାନି ଯୋଗୁଁ ମଧ୍ୟାହ୍ନ ଭୋଜନ ପାଇଁ ରଖିଥିବା ଚ଼ାଉଳ, ଡାଲିକୁ ରୋଷେଇ ଗୃହରେ ପର୍ଯ୍ୟାପ୍ତ ଜାଗା ଥିବା ସତ୍ତ୍ୱେ ସେଠି ନରଖି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଶ୍ରେଣୀ କୋଠରୀରେ ରଖୁଛନ୍ତି । ଯାଦ୍ୱାରା କି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଭୟ ରହୁଛି । ୫୦ କେଜି ବିଶିଷ୍ଟ ଚ଼ାଉଳ ଅଖା କୁନିକୁନି ଶିଶୁଙ୍କ ପାଖେ ରହୁଥିବାରୁ କେତେବେଳେ ଯେ କ'ଣ ଅଘଟଣ ଘଟିବ ଓ ସାପ କିମ୍ବା ଅନ୍ୟ ବିଷାକ୍ତ ସରୀସୃପର ଭୟ ରହୁଛି ବୋଲି ଚ଼ିନ୍ତାରେ ଅଭିଭାବକ ଅଭିଯୋଗ କରିଛନ୍ତି । ନିକଟରେ ତୁରେକେଲା ବ୍ଲକରେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ଚ଼ିତ୍ର ମନରୁ ନ ଲିଭୁଣୁ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ କେତେ ସୁରକ୍ଷିତ ବୋଲି ପ୍ରଶ୍ନବାଚ଼ୀ ସୃଷ୍ଟି ହୋଇଛି । ଏପଟେ ଶିକ୍ଷା ବିଭାଗର ଜିଲ୍ଲା କିମ୍ବା ବ୍ଲକ ଅଧିକାରୀ ବିଦ୍ୟାଳୟମାନଙ୍କୁ ନିୟମିତ ପରିଦର୍ଶନ କରୁ ନଥିବାରୁ ଓ ସିଆରସିସିମାନଙ୍କ ଉପରେ ପରିଦର୍ଶନ କାର୍ଯ୍ୟ ନ୍ୟସ୍ତ କରିଥିବାରୁ ବିଦ୍ୟାଳୟମାନଙ୍କରେ ଏଭଳି ଅବ୍ୟବସ୍ଥା ପରିଲକ୍ଷିତ ହେଉଛି ବୋଲି ଅଭିଯୋଗ ହେଉଛି । ପ୍ରଧାନଶିକ୍ଷକଙ୍କୁ ପଚ଼ାରିବାରୁ କୋଠରୀ ନ ଥିବାରୁ ରଖିଛୁ ବୋଲି ପ୍ରତକ୍ରିୟା ରଖିଥିଲେ । ବିଇଓ ଶାନ୍ତନୁ ପଡ଼ିଆରୀଙ୍କୁ ଫୋନ କରିବାରୁ ଫୋନ ଉଠାଇ ନଥିଲେ । ଶିକ୍ଷା ବିଭାଗର ଜିଲା ବ୍ୟବସ୍ଥା ଯୋଗୁ ଅନେକ ଜାଗାରେ ଅନେକ ସମସ୍ୟା ଲାଗିରହିଛି । କିଛି ବଡ଼ ଅଘଟଣ ଘଟିବା ପୂର୍ବରୁ ସମସ୍ୟାର ସମାଧାନ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି ।

## କୋଡିଗାମାଳି ଖଣି ବିସ୍ତାର ବନ୍ଦ

**ରାୟଗଡା: ଏକ୍ସପ୍ରେସ ନ୍ୟୁଜ୍**

ଓଡ଼ିଶା ସରକାର କୋଡିଗାମାଳି ଖଣିର ବିସ୍ତାର ପ୍ରସ୍ତାବକୁ ବନ୍ଦ କରି, ରାଜ୍ୟର ବକ୍ସାଇଟ୍ ବେଲ୍ଟର ଉନ୍ନତି ଏବଂ ଗ୍ରୀନ୍ ମିନେରାଲ୍ କରିଡୋର ସ୍ଥାପନକୁ ପ୍ରାଥମିକତା ଦେଇଛନ୍ତି । ଏହି ନିଷ୍ପତ୍ତିକୁ ସ୍ଥାୟୀ ଖଣିଜ ଉନ୍ନତି, ପରିବେଶ ସୁରକ୍ଷା ଏବଂ ଲୋକକେନ୍ଦ୍ରିକ ବିକାଶ ପାଇଁ ଏକ ଦୂରଦର୍ଶୀ ପଦକ୍ଷେପ ଭାବେ ସ୍ୱାଗତ କରାଯାଇଛି ।

ବର୍ତ୍ତମାନ କୋଡିଗାମାଳି ଖଣିର ଉତ୍ପାଦନ କ୍ଷମତା ବାର୍ଷିକ ୩.୦୦ ମିଲିଅନ୍ ଟନ୍ (ଏମ୍ ଟିପିଏ) ରହିଥିବା ବେଳେ, ଏହାକୁ ୬.୦୦ ଏମ୍ ଟିପିଏ କରିବା ପାଇଁ ପୂର୍ବରୁ ଯୋଜନା ଥିଲା । କିନ୍ତୁ ସମତୁଳିତ ଖଣିଜ ଉତ୍ତୋଳନ, ସ୍ୱଚ୍ଛ ପରିବହନ ପ୍ରଣାଳୀ ଏବଂ ଖଣିଜ ଅବଶିଷ୍ଟର ଉଚ଼ିତ ପରିଚ଼ାଳନା ନିମିତ୍ତରେ ସରକାର ଏହି ବିସ୍ତାରକୁ ବନ୍ଦ କରିଛନ୍ତି । ଏହି ପଦକ୍ଷେପ ଫଳରେ ଖଣି କାର୍ଯ୍ୟକଳାପ ସହିତ ସଂପୃକ୍ତ ଦୂଷଣ ଓ ଯାତାୟାତ ଭିଡ଼ କମିବ ବୋଲି ଆଶା କରାଯାଉଛି । ସେଥିସହିତ ସ୍ଥାନୀୟ ସମୁଦାୟ, ବିଶେଷକରି ଆଦିବାସୀ ଲୋକମାନଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ରୋଜଗାର ସୁଯୋଗ ସୃଷ୍ଟି ହେବା ସହ ତାଙ୍କର ଜୀବିକା ଓ ପରିବେଶ ସୁରକ୍ଷିତ ରହିବ ।

ଗ୍ରୀନ୍ ମିନେରାଲ୍ କରିଡୋର ପ୍ରକଳ୍ପ ଖଣିଜ ଉତ୍ତୋଳନ, ପରିବହନ ଓ ପ୍ରକ୍ରିୟାକରଣକୁ ପରିବେଶ-ମିତ୍ର ଢଙ୍ଗରେ ସମନ୍ୱୟ କରି, ସ୍ଥାୟୀ ଉନ୍ନତିର ଏକ ନୂତନ ଦୃଷ୍ଟାନ୍ତ ସୃଷ୍ଟି କରିବ । ସ୍ଥାନୀୟ ଲୋକମାନେ ଓ ସମୁଦାୟ ନେତାମାନେ ଏହି ନିଷ୍ପତ୍ତିକୁ ଲୋକକେନ୍ଦ୍ରିକ ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇଥିବା ପଦକ୍ଷେପ ଭାବେ ପ୍ରଶଂସା କରିଛନ୍ତି ।

## କୀଟନାଶକ ପିଇଲେ ପିଇଓ

**ଚ଼ିକିଟି: ଏକ୍ସପ୍ରେସ ନ୍ୟୁଜ୍**

ସୁନାପୁର ବେଳାଭୂମି ମହୋତ୍ସବ କାହା ପାଇଁ ଆନନ୍ଦ ତ ଆଉ କାହା ପାଇଁ ଦୁଃଖ ଆଣିଛି । ସରକାରୀ ଭାବେ ଆୟୋଜିତ ମହୋତ୍ସବର ଉଦଘାଟନ ଦିବସରେ ଗଣଦୌଡ଼ ବେଳେ ଅତିରିକ୍ତ ତହସିଲଦାରଙ୍କୁ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଦୁର୍ବ୍ୟବହାର କରିଥିବା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି । ଏଭଳି ଅଭିଯୋଗରେ ମର୍ମାହତ ପିଇଓ ଜଣକ ବିଷପିଇ ଗୁରୁତର ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି ।

ମିଳିଥିବା ସୂଚ଼ନା ପ୍ରକାରେ ଗତ ଫେବୃଆରୀ ୩ ତାରିଖ ସକାଳ ୮ଟାରେ ସୁନାପୁର ବେଳାଭୂମି ମହୋତ୍ସବ ପାଇଁ ପ୍ରଶାସନ ତରଫରୁ ସୁରଳ ଜଙ୍କସନଠାରୁ ଝାଟିପଦର ଯାଏଁ ଗଣଦୌଡ଼ ଆୟୋଜନ କରାଯାଇଥିଲା । ଗଣଦୌଡ଼ରେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସରକାରୀ କର୍ମଚ଼ାରୀ, ସାଧାରଣ ଜନତା ଯୋଗ ଦେଇଥିଲେ । ଗଣଦୌଡ଼ ସମୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦଣ୍ଡପାଣି ପାତ୍ର(୫୮) ଚ଼ିକିଟି ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀଙ୍କୁ ଦୁର୍ବ୍ୟବହାର କରିଥିଲେ ବୋଲି ଶ୍ରୀମତୀ ଷଡ଼ଙ୍ଗୀ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି । ପୂର୍ବରୁ ସର୍ବସମ୍ମୁଖରେ ଅତିରିକ୍ତ ତହସିଲଦାର ଦଣ୍ଡପାଣିଙ୍କୁ ଅପମାନିତ କରିବାରୁ ସେ ମାନସିକ ଦୁଶ୍ଚିନ୍ତାରେ ଥିଲେ । ପୁନର୍ବାର ତାଙ୍କ ବିରୋଧରେ ପ୍ରଶାସନ ନିକଟରେ ଅଭିଯୋଗ ହେବାରୁ ଦଣ୍ଡପାଣିଙ୍କୁ ପୋଲିସ ଫୋନ ଯୋଗେ ପଚ଼ରାଉଚ଼ରା କରିଥିବା ସୂଚ଼ନା ମିଳିଛି । ପୋଲିସଠାରୁ ଫୋନ କଲ ପାଇବା ପରେ ଦଣ୍ଡପାଣି ମାନସିକ ଭାରସାମ୍ୟ ହରାଇ ଚ଼ରମ ନିଷ୍ପତ୍ତି ନେଇ ନିଜ ବାସଭବନରେ ବିଷ ପିଇ ଗୁରୁତର ହୋଇପଡିଥିଲେ । ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଛନ୍ତି । ତାଙ୍କ ଅବସ୍ଥା ଏବେ ସଂକଟାପନ୍ନ ରହିଛି ।

କେ. ନୂଆଗାଁ ଏବଂ ଗୋଳନ୍ଥରା ପୋଲିସ ଥାନାରେ ଅତିରିକ୍ତ ତହସିଲଦାରଙ୍କ ତରଫରୁ କିଛି ଲିଖିତ ଅଭିଯୋଗ ଆସିନାହିଁ ବୋଲି କହିଛନ୍ତି । ସେହିପରି ଚ଼ିକିଟି ତହସିଲଦାରଙ୍କ ପାଖରେ ମଧ୍ୟ କିଛି ଅଭିଯୋଗ ନଥିବା ସେ କହିଛନ୍ତି । ଅନ୍ୟପକ୍ଷରେ ଅଭିଯୋଗ ସତ୍ୟତା ଜାଣିବା ପାଇଁ ଅତିରିକ୍ତ ତହସିଲଦାର ଶାଶ୍ୱତୀ ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରାଯିବାରୁ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ଅଭିଯୋଗ କରିଛି ବୋଲି କହିଛନ୍ତି । ଏନେଇ ଦଣ୍ଡପାଣି ପାତ୍ରଙ୍କ ଧର୍ମପତ୍ନୀ ଜାନକୀ ପାତ୍ର ଅରିରିକ୍ତ ତହସିଲଦାର ଓ ପ୍ରଶାସନ ବିରୋଧରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ସ୍ୱାମୀଙ୍କର କୌଣସି ଅଘଟଣ ଘଟିଲେ ସେଥିପାଇଁ ଅତିରିକ୍ତ ତହସିଲଦାର ଦାୟୀ ରହିବେ ବୋଲି ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି । ଏହାକୁ ନେଇ ଆରମ୍ଭ ହୋଇଯାଇଛି ରାଜନୈତିକ ଟଣାଓଟରା । ଗୋଟିଏ ପଟେ ଜଣେ ମହିଳା ଅଧିକାରୀ ନିଜ ସମ୍ମାନକୁ ନେଇ ଆପତ୍ତି କରିଥିବା ବେଳେ ପିଇଓ ଜଣକ ଆତ୍ମସମ୍ମାନ ରକ୍ଷା ପାଇଁ ଆତ୍ମହତ୍ୟା ଉଦ୍ୟମ କରି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ପ୍ରକୃତ ସତ୍ୟ ଉନ୍ମୋଚ଼ନ ପାଇଁ ଗଣଦୌଡ଼ ସମୟର ଭିଡିଓ କ୍ୟାମେରାକୁ ତଦନ୍ତ ପରିସରଭୁକ୍ତ କରିବାକୁ ପିଇଓଙ୍କ ସ୍ତ୍ରୀ ଜାନକୀ ପାତ୍ର ଦାବି କରିଛନ୍ତି ।

## ଗଞ୍ଜେଇ ଜବତ ୨ ଗିରଫ

**ଖୋର୍ଦ୍ଧା: ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜଟଣୀ ବାଇପାସ ବଡତୋଟା ହାଇସ୍କୁଲ ନିକଟରୁ ଖୋର୍ଦ୍ଧା ଓ ଜଟଣୀ ଅବକାରୀ ବିଭାଗ ଶୁକ୍ରବାର ଏକ କାରରୁ ୬୬ କେଜି ଗଞ୍ଜେଇ ଜବତ କରିଛି । ଏହାର ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କା ହେବ । ଏନେଇ ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆର ସଦାନନ୍ଦ ପୃଷ୍ଟି(୪୨) ଏବଂ ଚୈତନ୍ୟ ଦିଗାଲ(୩୨) । ଫିରିଙ୍ଗିଆରୁ ପୁରୀ ଜିଲ୍ଲା ପିପିଲିକୁ ଚାଲାଣ କରୁଥିଲେ । କାର, ୨ଟି ମୋବାଇଲକୁ ଜବତ କରିଛି ।

ମିଳିଥିବା ସୂଚନା ଅନୁଯାୟୀ କନ୍ଧମାଳ ପଟୁ ଏକ କ୍ରେଟା କାର (ନଂ ଓଡି-୧୫-ଏସ-୦୦୧୬)ରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଅବକାରୀ ଟିମ ବଡତୋଟା ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଉକ୍ତ କାର ଉପରେ ସନ୍ଦେହ ହେବାରୁ ଯାଞ୍ଚ କରିଥିଲେ । କାର ଭିତରୁ ୩ଟି ବ୍ୟାଗ ଭର୍ତ୍ତି ଗଞ୍ଜେଇ ଜବତ କରିଥିଲେ । ଏନେଇ ଅବକାରୀ ପକ୍ଷରୁ ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ନାବାଳିକାକୁ ଦୁଷ୍କର୍ମ

**ସୋର: ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ତଳନଗର ପଞ୍ଚାୟତ ହାବେଳି ଗଣ୍ଡତରା ଗ୍ରାମରେ ଜଣେ ବୃଦ୍ଧ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରୁଥିବା ବେଳେ ଚିତ୍କାର ଶୁଣି ଗ୍ରାମବାସୀମାନେ ନାବାଳିକାକୁ ଉଦ୍ଧାର କରିବା ସହିତ ବୃଦ୍ଧକୁ ଅଟକ ରଖି ସୋର ପୁଲିସକୁ ଜିମା ଦେଇଥିବା ଜଣାପଡିଛି । ସୂଚନା ଅନୁସାରେ ହାବେଳିଗଣ୍ଡତରା ଗ୍ରାମର ବାବୁଲି ପୃଷ୍ଟି (୬୫) ତଳନଗର ପଞ୍ଚାୟତ ଅଫିସ ନିକଟରେ ଏକ ପାନ ଦୋକାନ କରିଛନ୍ତି । ଶୁକ୍ରବାର ସଂଧ୍ୟାରେ ଜଣେ ନାବାଳିକା ତାଙ୍କ ଦୋକାନ ପାଖ ଦେଇ ଯାଉଥିବାବେଳେ ବାବୁଲି ତାଙ୍କୁ ଦୋକାନ ଭିତରକୁ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲେ । ନାବାଳିକାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିବା ବେଳେ ବାବୁଲିକୁ ଅଟକ ରଖି ସୋର ପୁଲିସକୁ ଖବର ଦେଇଥିଲେ । ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବାବୁଲିକୁ ଥାନାରେ ଅଟକ ରଖିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

## ଜଙ୍ଗଲ ଜମି ଜବରଦଖଲକୁ ବିରୋଧ



**ଝାରସୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ଶ୍ରୀପୁରା ଠାରେ ଗ୍ରାମର ଜଙ୍ଗଲଜମିକୁ ବେଆଇନ ଭାବେ ଦଖଲ କରିଥିବା ଏପସିଲନ କାର୍ବନ ଅଶୋକା ପ୍ରାଇଭେଟ ଲିମିଟେଡ଼ କମ୍ପାନୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜିଲ୍ଲା ପରିଷଦ ଜୋନ ୨ ଦିଗାମ୍ବର ଭୋଇଙ୍କ ସଭାପତିତ୍ୱରେ, ଗ୍ରାମବାସୀଙ୍କ ଦ୍ୱାରା ଏପସିଲନ କମ୍ପାନୀର ମୁଖ୍ୟ ଗେଟ ସମ୍ମୁଖରେ ଏକ ଗଣ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଶିଷ୍ଟ ପରିବେଶବିତ ତଥା ଗ୍ରୀନ ନୋବେଲ ପୁରସ୍କାର ପ୍ରାପ୍ତ ପ୍ରଫୁଲ୍ଲ ସାମନ୍ତରା ସମର୍ଥନରେ ଯୋଗଦାନ କରି କମ୍ପାନୀର ବେଆଇନ ଦଖଲ ବିରୁଦ୍ଧରେ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ଓ ସରକାର ନୀରବ ରହୁଥିବାରୁ ତୀବ୍ର ସମାଲୋଚ଼ନା କରିଥିଲେ । ସେ କହିଥିଲେ ଯେ ବ୍ୟାପକ ଶିଳ୍ପାୟନ ଯୋଗୁଁ ଝାରସୁଗୁଡ଼ାରେ ଜଙ୍ଗଲ ଧ୍ୱଂସ ହୋଇ ଅନୁପାତ କମି କମି ଯାଉଛି, ଅନ୍ୟ ପକ୍ଷରେ ବ୍ୟାପକ ପ୍ରଦୂଷଣ ଯୋଗୁଁ ଜଳ ଏବଂ ଜମି ପ୍ରଦୂଷିତ ହେଉଛି । ଉକ୍ତ ପ୍ରଦୂଷଣ ଯୋଗୁଁ ଏଠି ମଣିଷ ଓ ଅନ୍ୟ ଜୀବଜନ୍ତୁଙ୍କ ପାଇଁ ଆଉ ବାସ ଉପଯୋଗୀ ହୋଇ ରହିନାହିଁ । ଏଣୁ ବର୍ତ୍ତମାନ ସରକାର ଏବଂ ବିଭିନ୍ନ ରାଜନୈତିକ ଦଳମାନେ ଝାରସୁଗୁଡ଼ାର ବିକାଶ ପାଇଁ ବିକଳ୍ପ ଖୋଜିବାର ସମୟ ଆସି ଯାଇଛି ବୋଲି କହିଥିଲେ । ଏଣୁ ନୈତିକତା ଦୃଷ୍ଟିରୁ ସ୍ଥାନୀୟ ପ୍ରଶାସନ ଜଙ୍ଗଲ ବଞ୍ଚାଇବା ପାଇଁ ଚ଼ାହୁଁଥିବା ଶ୍ରୀପୁରା ଗ୍ରାମସଭାର ପ୍ରସ୍ତାବକୁ ଗ୍ରହଣ କରିନେବା ଦରକାର । ଅନ୍ୟମାନଙ୍କ ମଧ୍ୟରେ ଲୋକମୁକ୍ତି ସଙ୍ଗଠନର ଉପଦେଷ୍ଟା ଅନନ୍ତ, ସ୍ଥାନୀୟ ସରପଞ୍ଚ ଯଶୋବନ୍ତି ପାଣ୍ଡେ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ମିନତୀ ପାତ୍ର ପ୍ରଭୃତି କମ୍ପାନୀର ବେଆଇନ କାର୍ଯ୍ୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚ଼ାଲୁ ରହିବା ପାଇଁ ଚେତାବନୀ ଦେବା ସହିତ ଆଗକୁ ଆହୁରି ବ୍ୟାପକ କରାଯିବ ବୋଲି କହିଥିଲେ । ପ୍ରକାଶ ଯୋଗ୍ୟ ଯେ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଗ୍ରାମସଭା ଦ୍ୱାରା ନିଷ୍ପତ୍ତି ନିଆଯାଇ ଗତ ୨ ଫେବ୍ରୁଆରୀ ଠାରୁ ଗ୍ରାମବାସୀଙ୍କ ଦ୍ୱାରା କମ୍ପାନୀ ଦ୍ୱାରା ବେଆଇନ ଦଖଲ ଜଙ୍ଗଲଜମି ଉପରେ ବୃକ୍ଷରୋପଣ କରି ତାର ସୁରକ୍ଷା ପାଇଁ ଉକ୍ତ ସ୍ଥାନରେ ପ୍ରତ୍ୟେକ ଦିନ ଶତାଧିକ ଲୋକଙ୍କ ଦ୍ୱାରା ଦିନ ରାତି ଜଗି ଆସୁଛନ୍ତି । ଇଞ୍ଚେ ମଧ୍ୟ ହବଙ୍କସ ନଛାଡିବା ପାଇଁ ଗ୍ରାମବାସୀ ସଂକଳ୍ପ ନେଇଛନ୍ତି । ଆଜିର ଏହି ପ୍ରତିବାଦ ସଭାରେ ସ୍ଥାନୀୟ ନାଏବ ସରପଞ୍ଚ ସୁଦୀପ୍ତ ପାଢ଼ୀ, ଭୁବେନ୍ଦ୍ର ତ୍ରିପାଠୀ, ସୁରେନ୍ଦ୍ର ପାଣିଗ୍ରାହୀ, ଜଗଦୀଶ ପାଣିଗ୍ରାହୀ, ସରୋଜ କୁମାର କାଲୋ, ପବିତ୍ର କଉଡ଼ି, ବିରଞ୍ଚି ମାଝୀ, ହୀରାଲାଲ ବାଗ, କେଶବ ଭୋଇ, ଦିଲିପ ପ୍ରଧାନ, ଗୀତା କଉଡ଼ି, ଆହ୍ଲାଦିନି ଗଉଡ଼, ଯଜ୍ଞସେନି ଭୋଇ ପ୍ରଭୃତି ନେତୃବୃନ୍ଦଙ୍କ ସମେତ ଗ୍ରାମର ଶତାଧିକ ଲୋକ ଯୋଗଦାନ କରିଥିଲେ ।

## ରାଇବଣିଆ ଅଞ୍ଚଳରୁ ବ୍ୟାପକ ମୋରମ ଚାଲାଣ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଜଳେଶ୍ୱର ବ୍ଲକର ରାଇବଣିଆ ବିସ୍ତିର୍ଣ୍ଣ ବଣ ଏବଂ ପଥୁରିଆ ଅଞ୍ଚଳ ଭାବେ ବେଶ୍ ପରିଚ଼ିତ । ଆଦିବାସୀ ବହୁଳ ଏ ଅଞ୍ଚଳ ଅନ୍ତର୍ଗତ ୧୩ଟି ପଞ୍ଚାୟତରେ ହଜାର ହଜାର ହେକ୍ଟର ସରକାରୀ ଜମି ରହିଛି । ବେଶୀ ଅଂଶ ଜଙ୍ଗଲ ଜମି ହୋଇଥିବା ବେଳେ ସରଳ ଲୋକେ ସେମିତି ସଚେତନ ନୁହନ୍ତି । କେତେକ ଗରିବ ଲୋକ ସରକାରୀ ଜମିକୁ ନିଜର ଚ଼ାଷ ଜମି ଭାବେ ବ୍ୟବହାରର କରି ଆସୁଥିବାବେଳେ ଏବେ ମାଟି ମାଫିଆ ସେମାନଙ୍କୁ କବଳିତ କରି ଲୁଟୁଥିବା ଦେଖିବାକୁ ମିଳୁଛି । ସେମାନଙ୍କୁ ସାମାନ୍ୟ କିଛି ଅର୍ଥ ଦେଇ ମାଟି ମାଫିଆ କୋଟି କୋଟି ଟଙ୍କାର ମାଟି ଠକି ନେଉଥିବା ସାଧାରଣରେ ଅଭିଯୋଗ ହେଉଛି ।

ରାଇବଣିଆ ପଞ୍ଚାୟତର ଜଙ୍ଗଲ ଘେରା ବଡ଼ବାଡି ଅଞ୍ଚଳରୁ ରାତି ତମାମ ମେସିନ ସାହାଯ୍ୟରେ ଶହ ଶହ ଡମ୍ପର ଦ୍ୱାରା ମାଟି ଚ଼ାଲାଣ ହେଉଥିବା ଦେଖିବାକୁ ମିଳୁଛି । ବେପାରୀମାନେ ଜବରଦଖଲ ସହିତ ଜଙ୍ଗଲ ଜମିରୁ ମାଟି ଓ ମୋରମ ତାଡି ବଡ଼ ବଡ଼ ପୋଖରୀ କରିସାରିଲେଣି । ଗ୍ରାମବାସୀମାନଙ୍କୁ ଭୟଭୀତ କରି ମାଟି ଚ଼ାଲଣ କରି ମାଲାମାଲ ହେଉଥିବା ବେଳେ ସରକାରଙ୍କ କୋଟି କୋଟି ରାଜସ୍ୱ ହାନି ମଧ୍ୟ ହେଉଛି । ସୁବର୍ଣ୍ଣରେଖାରୁ ବେଆଇନ ବାଲି ଉତ୍ତୋଳନ ଓ ଚ଼ାଲାଣ ରୋକି ପାରୁ ନଥିବା ବେଳେ ମାଟି ଓ ନାଲି ଗୁଡି ଚୋରା ଚ଼ାଲାଣ କଥା ପଚ଼ାରୁଛି କିଏ ? ନିକଟରେ ରାଇବଣିଆ ଅଞ୍ଚଳରେ ନାମକୁ ମାତ୍ର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ରହିଥିଲେ ମଧ୍ୟ ବେଆଇନ୍ ଖନନ ପ୍ରତି ଧ୍ୟାନ ନାହିଁ । ଏ ସମ୍ପର୍କରେ କନିଷ୍ଠ ଖଣି ଅଧିକାରୀ ତାପସ ବେହେରାଙ୍କୁ ପଚ଼ାରିବାରୁ ସେ କହିଲେ ଯେ, ଜଣେ ବ୍ୟକ୍ତିଙ୍କୁ କିଛି ମାଟି ତାଡିବା ଲାଗି ସ୍ୱଟ ନିଲାମ ଦିଆଯାଇଥିଲା । ମାତ୍ର ସେହି ସ୍ଥାନକୁ ଲାଗି ଅନ୍ୟ ଏକ ସ୍ଥାନରୁ ମଧ୍ୟ ମାଟି ଉଠାଇ ନିଆଯାଇଛି । ଅନ୍ୟପକ୍ଷରେ ପ୍ରାୟ ୨ ଏକର ଗୋଚ଼ର ଜାଗାରୁ ୧୦ ଫୁଟ ଗଭୀରତାରେ ଖୋଳି ମାଟି ଟାଲାଣ ହୋଇଥିବା ଜଣାଯାଇଛି । ଏପରିକି ରାଇବଣିଆର ଗୋଚ଼ର ଜାଗାରୁରୁ ପ୍ରାୟ ୧୨ ଏକର ପରିମିତ ସ୍ଥାନରୁ ସ୍ଥାନରୁ ରାତିରେ ମାଟି ଚ଼ାଲାଣ ହେଉଥିଲେ ମଧ୍ୟ ପ୍ରଶାସନ କିପରି ଜାଣିପାରୁ ନାହିଁ, ତାହା ଆଶ୍ଚର୍ଯ୍ୟର ବିଷୟ । ରାଇବଣିଆ ଥାନା ସମ୍ମୁଖ ରାସ୍ତାରେ ବେଧଡକ ବାଲି ଓ ମାଟି ଚ଼ାଲାଣ ହେଉଥିବାବେଳେ ଭୟରେ ଗ୍ରାମବାସୀ ମୁହଁ ଖୋଲୁ ନାହାନ୍ତି । ମାଫିଆ କେତେକ ସ୍ଥାନରୁ ମାଟି ତାଡିବା ସହିତ ଗଛଗୁଡିକୁ ଉପାଡି ନେଇଥିବା ଗ୍ରାମବାସୀ ମଧ୍ୟ କହିଛନ୍ତି । ବିସ୍ତିର୍ଣ୍ଣ ଜଙ୍ଗଲ ଜମିରେ ଶହ ଶହ ଅବୈଧ ମୋରମ ଖାଦାନ ଖୋଳି ବଡ଼ ବଡ଼ ଗାଡିଆ ସୃଷ୍ଟି ହୋଇଛି । ଏହିପରି ମାଟି ଚ଼ାଲାଣ ହେଲେ ଆସନ୍ତା ଦିନରେ ରାଇବଣିଆ ଅଞ୍ଚଳରେ ଜଙ୍ଗଲ ଜମି ରହିବ ନାହିଁ ବୋଲି ସେମାନେ କହିଛନ୍ତି । ଏଥିପ୍ରତି ଜିଲ୍ଲାସ୍ତରୀୟ ଅଧିକାରୀମାନେ ଧ୍ୟାନ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

### ବାଣିଜ୍ୟ

## ଭାରତ ଏବଂ ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଭାରତ ଏବଂ ଆମେରିକା ଶନିବାର ଘୋଷଣା କରିଛନ୍ତି ଯେ ସେମାନେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ପାଇଁ ଏକ ଢାଞ୍ଚା ଉପରେ ସହମତ ହୋଇଛନ୍ତି । ଯାହା ଅଧୀନରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ବାଣିଜ୍ୟକୁ ବୃଦ୍ଧି କରିବା ପାଇଁ ଅନେକ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବେ । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ବର୍ଷ ଅଗଷ୍ଟରେ ରୁଷରୁ ତେଲ କ୍ରୟ ପାଇଁ ଭାରତ ଉପରେ ଲାଗୁ ହୋଇଥିବା ୨୫ ପ୍ରତିଶତ ଶୁଳ୍କ କିମ୍ବା ଅତିରିକ୍ତ ଆମଦାନୀ ଶୁଳ୍କକୁ ହଟାଇ ଦେଇଥିଲେ । କହିଥିଲେ ଯେ ଦେଶ 'ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ' ନେଇଛି ଏବଂ ନୂଆଦିଲ୍ଲୀ ମସ୍କୋରୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ତେଲ ଆମଦାନୀ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଛି । ଏହି ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ଭାରତୀୟ ରପ୍ତାନିକାରୀଙ୍କ ପାଇଁ ୩୦ ଟ୍ରିଲିୟନ ଆମେରିକୀୟ ଡଲାରର ବଜାର ଖୋଲିବ, କାରଣ ଭାରତୀୟ ସାମଗ୍ରୀ ଉପରେ ଆମେରିକାର ଶୁଳ୍କ ପୂର୍ବ ୫୦ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରାଯିବ ।

ଏକ ମିଳିତ ବିବୃତ୍ତି ଅନୁଯାୟୀ, ଦୁଇ ଦେଶ ତୁରନ୍ତ ଏହି ଢାଞ୍ଚା କାର୍ଯ୍ୟକାରୀ କରିବେ ଏବଂ ଏକ ପାରସ୍ପରିକ ଲାଭଦାୟକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ଲକ୍ଷ୍ୟରେ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ କାର୍ଯ୍ୟ କରିବେ । ବିବୃତ୍ତି ଅନୁଯାୟୀ, ଭାରତ ସମସ୍ତ ଆମେରିକୀୟ ଶିଳ୍ପ ସାମଗ୍ରୀ ଏବଂ ଶୁଖିଲା ଡିଷ୍ଟିଲର ଶସ୍ୟ, ପଶୁ ଖାଦ୍ୟ ପାଇଁ ଲାଲ ସୋର୍ଘମ୍, ଗଛ ବାଦାମ, ତାଜା ଏବଂ ପ୍ରକ୍ରିୟାକୃତ ଫଳ, ସୋୟାବିନ୍ ତେଲ, ମଦ ଏବଂ ସ୍ପିରିଟ୍ ଏବଂ ଅତିରିକ୍ତ ଉତ୍ପାଦ ସମେତ ବିଭିନ୍ନ ପ୍ରକାରର ଆମେରିକୀୟ ଖାଦ୍ୟ ଏବଂ କୃଷି ଉତ୍ପାଦ ଉପରେ ଶୁଳ୍କକୁ ସମାପ୍ତ କିମ୍ବା ହ୍ରାସ କରିବ । ବିବୃତ୍ତିରେ କୁହାଯାଇଛି, ଯୁକ୍ତରାଷ୍ଟ୍ର ଏବଂ ଭାରତ ପାରସ୍ପରିକ ଲାଭଦାୟକ ବାଣିଜ୍ୟ ସମ୍ପର୍କରେ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତି ପାଇଁ ଏକ ଢାଞ୍ଚା ଉପରେ ସହମତ ହୋଇଥିବା ଘୋଷଣା କରି ଖୁସି ହେଉଛି । ଏହି ଢାଞ୍ଚା ଫେବୃଆରୀ ୧୩, ୨୦୨୫ରେ ରାଷ୍ଟ୍ରପତି ଡୋନାଲ୍ଡ ଜେ.ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ବ୍ୟାପକ ଆମେରିକା-ଭାରତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ପାଇଁ ଆଲୋଚ଼ନା ପ୍ରତି ଦେଶଗୁଡ଼ିକର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରେ, ଯେଉଁଥିରେ ଅତିରିକ୍ତ ବଜାର ପ୍ରବେଶ ପ୍ରତିବଦ୍ଧତା ଅନ୍ତର୍ଭୁକ୍ତ ହେବ ଏବଂ ଅଧିକ ସ୍ଥିର ଯୋଗାଣ ଶୃଙ୍ଖଳକୁ ସମର୍ଥନ କରାଯିବ । ଚୁକ୍ତିନାମାର ପ୍ରମୁଖ ସର୍ତ୍ତାବଳୀ ଅନୁଯାୟୀ, ଆମେରିକା ଭାରତୀୟ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିବ । ଗତ ବର୍ଷ ଅଗଷ୍ଟରେ, ଆମେରିକା ରୁଷୀୟ ତେଲ କ୍ରୟ କରିବା ପାଇଁ ଭାରତ ଉପରେ ୨୫ ପ୍ରତିଶତ ପାରସ୍ପରିକ ଶୁଳ୍କ ଏବଂ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଥିଲା । ୫୦ ପ୍ରତିଶତ ଶୁଳ୍କ ଭାରତୀୟ ରପ୍ତାନିକାରୀଙ୍କୁ ଯଥେଷ୍ଟ କ୍ଷତି ପହଞ୍ଚାଇଥିଲା, କାରଣ ଆମେରିକା ସେମାନଙ୍କର ସର୍ବବୃହତ ରପ୍ତାନି ଗନ୍ତବ୍ୟସ୍ଥଳ । ଶୁଳ୍କ ହ୍ରାସ ଭାରତର ଶ୍ରମ-କେନ୍ଦ୍ରିୟ କ୍ଷେତ୍ର ଯେପରିକି ବୟନ ଏବଂ ପୋଷାକ, ଚ଼ମଡା ଏବଂ ପାଦୁକା, ପ୍ଲାଷ୍ଟିକ୍ ଏବଂ ରବର, ଜୈବ ରାସାୟନିକ ପଦାର୍ଥ, ଗୃହ ସାଜସଜ୍ଜା, ହସ୍ତଶିଳ୍ପ ଉତ୍ପାଦ ଏବଂ କିଛି ଯନ୍ତ୍ରପାତିରୁ ରପ୍ତାନିକୁ ବୃଦ୍ଧି କରିବ । ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମାର ସଫଳ ସମାପ୍ତି ସହିତ, ଜେନେରିକ୍ ଔଷଧ, ମଣି ଏବଂ ହୀରା ଏବଂ ବିମାନ ଅଂଶ ସମେତ ବିଭିନ୍ନ ପ୍ରକାରର ସାମଗ୍ରୀ ଉପରେ ଶୁଳ୍କକୁ ଶୂନ୍ୟ କରାଯିବ, ଯାହା ଭାରତର ରପ୍ତାନି ପ୍ରତିଯୋଗିତା ଏବଂ ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ଆହୁରି ବୃଦ୍ଧି କରିବ ।

## ପରଲୋକରେ ନେପାଳୀ ସିନେମାର 'ଗବର'



### ସିନେମାଫିନେମା ଟିଭିଫିବି



ନେପାଳୀ ଦର୍ଶକଙ୍କ ପାଇଁ ରାତେ କାଇଲା ନାମରେ ପରିଚ଼ିତ ଅଭିନେତା ସୁନୀଲ ଥାପା । ଏବେ ସେ ଆଉ ଦୁନିଆରେ ନାହାନ୍ତି । ୬୮ ବର୍ଷ ବୟସରେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ପରିବାର ସଦସ୍ୟ କାଠମାଣ୍ଡୁରେ ପହଞ୍ଚିବା ପରେ ତାଙ୍କ ମୃତ୍ୟୁ ସମ୍ପର୍କରେ ଘୋଷଣା କରାଯିବ । ସେ ବଲିଉଡର ଜଣେ ଲୋକପ୍ରିୟ ବ୍ୟକ୍ତିତ୍ୱ ମଧ୍ୟ ଥିଲେ । ସେ ଭୋଜପୁରୀ ଚ଼ଳଚ୍ଚିତ୍ରରେ ବହୁଳ ଭାବରେ କାମ କରିଛନ୍ତି । ସୁନୀଲ ପ୍ରିୟଙ୍କା ଚୋପ୍ରାଙ୍କ ସହ 'ମେରି କମ୍'ରେ ଅଭିନୟ କରିଥିଲେ ।

ସୁନୀଲ ଥାପାଙ୍କ ପରଲୋକ ଖବର ପ୍ରଶଂସକମାନଙ୍କୁ ଶୋକରେ ବୁଡାଇ ଦେଇଛି । ସେ ବଲିଉଡ୍‌ରେ ତାଙ୍କର ଫିଲ୍ମ କ୍ୟାରିଅର ଆରମ୍ଭ କରିଥିଲେ । ଦେବ ଆନନ୍ଦ ତାଙ୍କୁ ହିନ୍ଦୀ ସିନେମାରେ କାମ କରିବାର ସୁଯୋଗ ଦେଇଥିଲେ । ସୁନୀଲ ଥାପା ୧୯୮୧ ମସିହାରେ ରିଲିଜ୍ ହୋଇଥିବା ଫିଲ୍ମ 'ଏକ ଦୁଜେ କେ ଲିୟେ'ରେ ଡେବ୍ୟୁ କରିଥିଲେ । ଏହି ଫିଲ୍ମରେ କମଲ ହାସନ ଏବଂ ରତି ଅଗ୍ନିହୋତ୍ରୀ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ।

ତାଙ୍କ ଅଭିନୟ ତାଙ୍କର ପ୍ରଥମ ଚ଼ଳଚ୍ଚିତ୍ରରେ ଏକ ସ୍ଥାୟୀ ଛାପ ସୃଷ୍ଟି କରିଥିଲା । ଏହା ପରେ, ତାଙ୍କୁ ଅନେକ ଅଫର ମିଳିଥିଲା । ୧୯୮୨ ମସିହାରେ, ସେ 'ମଶାଲ' ସହିତ ନେପାଳୀ ସିନେମାରେ ଏଣ୍ଟ୍ରି କରିଥିଲେ, କିନ୍ତୁ ଏହା ବିଶେଷ ହିଟ୍ ହୋଇନଥିଲା । ସାତ ବର୍ଷ ପରେ, ସେ 'ଚ଼ିନୋ' ସହ ନେପାଳୀ ଇଣ୍ଡଷ୍ଟ୍ରିରେ ଏକ ଚ଼ମତ୍କାର ଅଭିନୟ କରିଥିଲେ । ଏହି ଚ଼ଳଚ୍ଚିତ୍ରରେ, ସେ ଖଳନାୟକ ରାତେ କୈଲା ଭୂମିକାରେ ଅଭିନୟ କରିଥିଲେ । 'ଚ଼ିନୋ'କୁ ନେପାଳୀ ସିନେମାର ଶୋଲେ ବୋଲି ବିବେଚ଼ନା କରାଯାଏ । ଏହା ସହ ସୁନୀଲ ଥାପା ଗବ୍ବରଙ୍କ ପରି ଜଣେ ଖତରନାକ ଖଳନାୟକର ଟ୍ୟାଗ୍ ପାଇଥିଲେ ।

୨୦୧୪ ମସିହାରେ ଆସିଥିବା ଚ଼ଳଚ୍ଚିତ୍ର 'ମେରି କମ୍'ରେ ସୁନୀଲ ଥାପା ପ୍ରିୟଙ୍କା ପ୍ରଶିକ୍ଷକ ଭୂମିକାରେ ଅଭିନୟ କରିଥିଲେ । ଜଣେ କଠୋର ଏବଂ ପ୍ରେରଣାଦାୟକ ପ୍ରଶିକ୍ଷକ ଭାବରେ ଅଭିନୟ ପାଇଁ ସେ ବ୍ୟାପକ ପ୍ରଶଂସା ପାଇଥିଲେ । ଏକ ସାକ୍ଷାତକାରରେ, ସୁନୀଲ ପ୍ରକାଶ କରିଥିଲେ ଯେ ଏହି ଭୂମିକାଟି ପ୍ରଥମେ ଅମିତାଭ ବଚ୍ଚନଙ୍କୁ ପ୍ରଦାନ କରାଯାଇଥିଲା, କିନ୍ତୁ ଶେଷରେ ସେ ଏହି ଭୂମିକା ପାଇଥିଲେ । 'ମେରି କମ୍' ପାଇଁ ସେ ଫିଲ୍ମଫେୟାରରେ ବେଷ୍ଟ ଆକ୍ଟର ଇନ୍ ସପୋର୍ଟିଂ ରୋଲ୍‌ରେ ପୁରସ୍କାର ମଧ୍ୟ ଜିତିଥିଲେ ।

# ହଳଦୀ ଚାଷୀ ଅଭାବୀ ବିକ୍ରିର ଶିକାର



**୭।୨ : ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲାରେ ଏ ବର୍ଷ ହଳଦୀ ଚାଷ ଭଲ ହୋଇଥିବା ବେଳେ ଅମଳ ବି ପ୍ରଚୁର ହୋଇଛି । କିଛି ସ୍ଥାନରେ ଅମଳ ଶେଷ ହୋଇଯାଇଥିବା ବେଳେ ଆଉ କେତେକ ସ୍ଥାନରେ ଏହା ଜାରି ରହିଛି । ଜିଲ୍ଲା ପ୍ରଶାସନର ତଥ୍ୟ ଅନୁସାରେ, ଚଳିତ କୃଷିବର୍ଷ ୨୦୨୫-୨୬ରେ ଜିଲ୍ଲାରେ ମୋଟ ୧୩,୫୦୦ ହେକ୍ଟର୍ ଜମିରେ ହଳଦୀ ଚାଷ କରାଯାଇଛି । ଏତଦବ୍ୟତୀତ ଆଉ କେତେକ ସ୍ଥାନରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଳ୍ପ ପରିମାଣରେ ଚାଷ କରିଛନ୍ତି । ଗତବର୍ଷ ଜିଲ୍ଲାରେ ମୋଟ ୨୫ ହଜାର ମେଟ୍ରିକ୍ ଟନ୍ ହଳଦୀ ଉତ୍ପାଦନ ହୋଇଥିଲା । କିନ୍ତୁ ଚଳିତବର୍ଷ ୪୦ ହଜାର ମେଟ୍ରିକ୍ ଟନ୍ ହଳଦୀ ଉତ୍ପାଦନ ହେବ ବୋଲି ଅନୁମାନ କରାଯାଉଛି । ତଥାପି ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବା ବେଳେ ସରକାର ଏଯାବତ୍ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଧାର୍ଯ୍ୟ କରୁନାହାନ୍ତି । ଫଳରେ ଚାଷୀ ହାଡ଼ଭଙ୍ଗା ପରିଶ୍ରମର ଫଳ ପାଉନି ।

ଦାରିଙ୍ଗବାଡ଼ି, କ.ନୂଆଗାଁ, ରାଇକିଆ, ଘୁ.ଉଦୟଗିରି, ଫିରିଙ୍ଗିଆ ମୋଟ ୫ଟି ବ୍ଲକ୍‌ରେ ୯୫ ପ୍ରତିଶତ ହଳଦୀ ଚାଷ ଚାଷ ହେଉଛି । ବାକି ୭ଟି ବ୍ଲକ୍‌ରେ ମାତ୍ର ୫ ପ୍ରତିଶତ ହଳଦୀ ଚାଷ ହୋଇଥାଏ । ଚଳିତବର୍ଷ ଅଧିକ ଉତ୍ପାଦନ ଯୋଗୁଁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ବର୍ତ୍ତମାନ ବିଭିନ୍ନ ଗ୍ରାମାଞ୍ଚଳରେ ଆନ୍ଧ୍ର ବେପାରୀମାନେ ଡେରା ପକାଇଥିବା ବେଳେ କମ୍ ଦରରେ ଚାଷୀଙ୍କଠାରୁ ହଳଦୀ କିଣି ନେଉଥିବା ଚାଷୀ ସୁରେଶ୍ୱର ପ୍ରଧାନ କହିଛନ୍ତି । ଯଦିଓ ସରକାର ଏମ୍‌ଏସ୍‌ପି ଧାର୍ଯ୍ୟ କରିନାହାନ୍ତି, କନ୍ଧମାଳ ଜିଲ୍ଲା ପ୍ରଶାସନ କିନ୍ତୁ ହଳଦୀର ମୂଲ୍ୟ ଧାର୍ଯ୍ୟ କରିଛି । ବର୍ତ୍ତମାନ କଞ୍ଚା ହଳଦୀ କିଲୋ ପିଛା ୩୦ ଟଙ୍କା ଓ ଶୁଖିଲା ହଳଦୀ କିଲୋ ପିଛା ୧୨୦ ଟଙ୍କାରେ ବିକ୍ରି ହେଉଛି । ହଳଦୀଗୁଣ୍ଡ କିଲୋ ପ୍ରତି ୧୬୦ ଟଙ୍କାରେ ବିକ୍ରି ହେଉଛି ।

ସଂପ୍ରତି 'କସମ' (କନ୍ଧମାଳ ଆପେକ୍ସ ସ୍ପାଇସ୍ ଆସୋସିଏସନ୍ ଫର୍ ମାର୍କେଟିଂ) ସଂସ୍ଥା ଚାଷୀଙ୍କଠାରୁ ଅଳ୍ପ କିଛି ମାତ୍ରାରେ ହଳଦୀ କିଣୁଛି । କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ଭଳି । ଏହି ସଂସ୍ଥା ଚଳିତବର୍ଷ ଜିଲ୍ଲାର ଚାଷୀଙ୍କଠୁ ୨,୦୦୦ ମେଟ୍ରିକ୍ ଟନ୍ ହଳଦୀ କିଣିବ ବୋଲି ସମ୍ପାଦକ ସଞ୍ଜିତ ପଟ୍ଟନାୟକ ସୂଚନା ଦେଇଛନ୍ତି । ତେବେ ଚାଷୀଙ୍କ ହିତ ଦୃଷ୍ଟିରୁ ରାଜ୍ୟ ସରକାର ହଳଦୀ ପାଇଁ ଏମ୍‌ଏସ୍‌ପି ଧାର୍ଯ୍ୟ କରିବା ଜରୁରି ବୋଲି ମତପ୍ରକାଶ ପାଇଛି । ଏହାସହ ଜିଲ୍ଲାରେ ଅଧିକ ସଂଖ୍ୟାରେ ଷ୍ଟୋରେଜ୍ ୟୁନିଟ୍ ପ୍ରତିଷ୍ଠା କରିବାକୁ ଦାରିଙ୍ଗିବାଡ଼ିର ହଳଦୀ ଚାଷୀ ସୁବାସ ପ୍ରଧାନ ଓ ରମାକାନ୍ତ ପ୍ରଧାନ ଦାବି କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ରବିବାର– ସପ୍ତମୀ |
|---|---|
| ୮.୨.୨୦୨୬ | ନକ୍ଷତ୍ର– ସ୍ୱାତୀ, ତୁଳାଚନ୍ଦ୍ର |



| | | |
|---|---|---|
| ମେଷ | : | ବନ୍ଧୁଙ୍କ ମେଳରେ ହସଖୁସିରେ ଦିନଟି କଟିବ । |
| ବୃଷ | : | ସୁସମ୍ବାଦ ପାଇବେ । |
| ମିଥୁନ | : | କର୍ଣ୍ଣପୀଡ଼ା କଷ୍ଟ ଦେବ । |
| କର୍କଟ | : | ଭ୍ରମଣ ଅସଫଳ ହେବ । |
| ସିଂହ | : | ଦିନଟି ଖୁସିର ଦିନ ହେବ । |
| କନ୍ୟା | : | ଶତ୍ରୁକଷ୍ଟ ଦୂର ହେବ । |
| ତୁଳା | : | କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| ବିଛା | : | ପାରିବାରିକ ଅଶାନ୍ତି ଦେଖାଦେବ । |
| ଧନୁ | : | ପରିଭ୍ରମଣ ଯୋଗ ରହିଛି । |
| ମକର | : | ବ୍ୟବସାୟରେ ଆୟ ବୃଦ୍ଧି ହେବ । |
| କୁମ୍ଭ | : | ପୂଜାରେ ଖୁସି ପାଇବେ । |
| ମୀନ | : | ମାନସିକ କ୍ଳେଶ ଦୂର ହେବ । |

## ଟ୍ରକ୍ ଧକ୍କାରେ ଦୁଇ ମୃତ

**ଅନୁଗୁଳ, ୭।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଶନିବାର ଭୋର ୫.୩୦ ସମୟରେ ଅନୁଗୁଳ ଜିଲ୍ଲା ନିଶା ଥାନା ଅନ୍ତର୍ଗତ ଜିନ୍ଦଲ ଏୟାର ଷ୍ଟ୍ରିପ ନିକଟରେ ଏକ କୋଇଲା ଟ୍ରକ ଧକ୍କାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ସୂଚନା ମୁତାବକ ମୃତକ ଦୁଇ ଜଣ ହେଲେ ସଦର ଥାନା ଅନ୍ତର୍ଗତ ନତଡା ଗ୍ରାମର ବିପିନ୍ ସାହୁଙ୍କ ପୁଅ ବିରେନ୍ଦ୍ର ସାହୁ ଓ ତାଙ୍କ ସାଙ୍ଗ କଣିହାଁ ଥାନା ଅନ୍ତର୍ଗତ ଦଣ୍ଡସିଙ୍ଗା ଗ୍ରାମର ଗୌରଚନ୍ଦ୍ର ପରିଡ଼ାଙ୍କ ପୁଅ ବୁଲୁ ପରିଡ଼ା । ଉଭୟ ଏକ ବାଇକ୍‌ରେ ଜିନ୍ଦଲ କମ୍ପାନୀକୁ କାର୍ଯ୍ୟରେ ଯୋଗ ଦେବାକୁ ସକାଳ ୫.୩୦ ସମୟରେ ଯାଉଥିବା ବେଳେ ସମ୍ମୁଖରୁ ଏକ କୋଇଲା ଟ୍ରକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ବୁଲୁଙ୍କର ମୃତ୍ୟୁ ଘଟିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିରେନ୍ଦ୍ରଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାରେ ପରିବାର ଓ ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରିବା ସହିତ ଚାପା ଉତ୍ତେଜନା ଲାଗି ରହିଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ନିଶା ଥାନା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡିଛି ।

### ବାସନାପଲ୍ଲୀ ଗ୍ରାମରେ ଗୋଟେ ପରିବାରକୁ ସାମାଜିକ ବାସନ୍ଦ ଘଟଣା

## ଥାନାଧିକାରୀଙ୍କ ହସ୍ତକ୍ଷେପ ପରେ ତୁଟିଲା ବିବାଦ

**ବ୍ରହ୍ମପୁର, ୭।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଦୀର୍ଘ ଦିନ ଧରି ଛତ୍ରପୁର ଥାନା ଅନ୍ତର୍ଗତ ବାସନାପଲ୍ଲୀ ଗ୍ରାମରେ ଗୋଟେ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିଲା । ଏନେଇ ଖବର ପ୍ରସାରଣ ପରେ ଏହାର ପୂର୍ଣ୍ଣଚ୍ଛେଦ ପଡିଛି । ଗତ ବର୍ଷ ନଭେମ୍ବର ମାସରେ ବାସନାପଲ୍ଲୀ ଗ୍ରାମର ପି. ନାରାୟଣ ରେଡ୍ଡୀଙ୍କୁ ଚିଟି ପଇସାକୁ ୧୧ ନ୍ଦ କରି ସାମାଜିକ ବାସନ୍ଦ କରାଯାଇଥିଲା । ଏନେଇ ଛତ୍ରପୁର ଥାନା ପରିସରରେ ଶୁକ୍ରବାର ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ ବାସନାପଲ୍ଲୀ ଗ୍ରାମବାସୀ ଓ ପି. ନାରାୟଣଙ୍କୁ ଡାକି ସମାଧାନ କରିଥିଲେ । ଥାନାଧିକାରୀଙ୍କ ସମ୍ମୁଖରେ ପି. ନାରାୟଣଙ୍କ ସହ ମିଶି ରହିବେ ଏବଂ ଗ୍ରାମବାସୀଙ୍କ ପକ୍ଷରୁ କରାଯାଇଥିବା ସାମାଜିକ ବାସନ୍ଦ ଉଠାଇବା ପାଇଁ ରାଜି ହୋଇଥିଲେ । ଗତ ୨୦୨୩ ମସିହା ଅକ୍ଟୋବର ମାସରେ ଗ୍ରାମର କିଛି ମହିଳା ନାରାୟଣଙ୍କ ଘରେ ଏକତ୍ରିତ ହୋଇ ବାନ୍ଧିଥିବା ଚିଟି ପଇସା ଉଠାଇବା ପାଇଁ



ବସିଥିବା ବେଳେ ଗ୍ରାମର ବନ୍ଦନା ଚୌଧୁରୀ ନାମକ ଜଣେ ମହିଳା ସେହି ଟଙ୍କାରୁ ୧୪ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ । ପରେ ସେ ଟଙ୍କା ନ ଦେବାରୁ ନାରାୟଣଙ୍କ ଘରୁ ହିଁ ବନ୍ଦନା ଚୌଧୁରୀ ଟଙ୍କା ନେଇଥିବାରୁ ନାରାୟଣଙ୍କ ପରିବାରକୁ ଗ୍ରାମବାସୀ ଟଙ୍କା ମାଗିବା ସହିତ ଘର ସମ୍ମୁଖରେ ଝଗଡା କରିଥିଲେ । ଏନେଇ ପି. ନାରାୟଣ ଟଙ୍କା ଦେବା ପାଇଁ ମନା କରିବା ସହିତ ଝଗଡା କରିଥିଲେ । ପରେ ଉଭୟ ଗ୍ରାମବାସୀ ଓ ପି. ନାରାୟଣଙ୍କ ପରିବାର ପକ୍ଷରୁ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଅଭିଯୋଗ ପ୍ରତ୍ୟାହାର ପାଇଁ ଗ୍ରାମବାସୀଙ୍କ ପରିବାର ପକ୍ଷରୁ ପି. ନାରାୟଣଙ୍କ ପରିବାରକୁ ବାଧ କରିଥିବା ବେଳେ ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗ ପ୍ରତ୍ୟାହାର ପାଇଁ ଗ୍ରାମବାସୀଙ୍କୁ ପି. ନାରାୟଣଙ୍କ ପରିବାର କହିଥିଲେ । ଏଥିରେ ରାଜି ନ ହୋଇ ଗ୍ରାମବାସୀ ପି. ନାରାୟଣଙ୍କ ପରିବାରକୁ ଗତ ୨୦୨୫ ମସିହା ନଭେମ୍ବର ମସିହା ସାମାଜିକ ବାସନ୍ଦ କରିଥିଲେ । ଏନେଇ ମାଇକ ଯୋଗେ ଗ୍ରାମରେ ପ୍ରଚାର କରାଯାଇଥିଲା । ଗ୍ରାମ ପରିସରରେ ଭୋଜିଭାତ ଆୟୋଜିତ ହେଲେ ମଧ ପି. ନାରାୟଣଙ୍କ ପରିବାରକୁ ସାମିଲ କରାଯାଉନାହିଁ କି, ନାରାୟଣଙ୍କ ଘରେ ଭୋଜିଭାତ ଆୟୋଜିତ ହେଲେ ମଧ କେହି ଆସୁନଥିଲେ ଆଜିର ବୈଠକ ପରେ ଆପୋଷ ବୁଝାମଣା କରାଯାଇ ସାମାଜିକ ବାସନ୍ଦ ହଟାଯାଇଥିବା ଥାନାଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି । ଏହି ବୈଠକରେ ଚିକଲଖଣ୍ଡି ପଞ୍ଚାୟତର ସରପଞ୍ଚ ଭଗବାନ ବେହେରାଙ୍କ ସମେତ ଗ୍ରାମର ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ ।

## କଫସିରଫ୍ ଜବତ

**ସୋନପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ସୋନପୁର ପୁଲିସକୁ ବଡ ସଫଳତା । ବିପୁଳ ପରିମାଣର କଫ ସିରଫ ଜବତ କରିବା ସହ ଘଟଣାରେ ଜଣଙ୍କୁ ଗିରଫ କରିଛି ପୁଲିସ । ପୁଲିସର ଚଢାଉ ବେଳେ ୩ଜଣ ଫେରାର ହୋଇଥିବା ବେଳେ ୨ଟି ଗାଡି ଜବତ ହୋଇଛି । ଆଜି ୨ଟି ଗାଡ଼ିରେ କଫ ସିରଫ ଚାଲାଣ ହେଉଥିବା ବିଶ୍ୱସ୍ଥ ସୂତ୍ରରୁ ଖବର ପାଇଁ ଫିଲ୍ମ ଷ୍ଟାଇଲରେ ପିଛା କରିଥିଲା ରାମପୁର ପୁଲିସ ।

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ସାହାଜବାହାଲ ଗାଁ ନିକଟରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବୋଲେରୋ ପିକଅପ ଓ ହୋଣ୍ଡା ସିଭି କାରରୁ ୯ହଜାର ବୋତଲ କଫ ସିରଫ ଜବତ କରାଯାଇଛି । ଏହାସହିତ କଫ ସିରଫ ମାଫିଆ ବରଗଡ଼ ଜିଲ୍ଲା ସତଲମା ଗାଁର ଗୁଲସନ ସାହୁଙ୍କୁ ଗିରଫ କରିଛି ପୁଲିସ । ୨ଟି ଗାଡିକୁ ମଧ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ରାମପୁର ପୁଲିସ ।

## ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି କଲେ ଅଭିଭାବକ

**ହିନ୍ଦୋଳ, ୭।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବମ୍ପା ଦେହୁରୀ ସାହି ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟ ଶୈଳୀରେ ଅସନ୍ତୋଷ ବ୍ୟକ୍ତ କରି ସମସ୍ତ ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଓ ସଭ୍ୟ ସଭ୍ୟା ତାଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ହିନ୍ଦୋଳ ବିଇଓଙ୍କ ନିକଟରେ ଲିଖିତ ଭାବେ ଦାବି ଜଣାଇଛନ୍ତି ।




ଉକ୍ତ ଦାବି ପତ୍ରରେ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଥିବା ବେଳେ ତନ୍ମଧ୍ୟରୁ ପରୀକ୍ଷିତ ଦେହୁରୀ ନାମକ ଶିକ୍ଷକଙ୍କ ବଦଳି ଆଦେଶକୁ ପ୍ରତ୍ୟାହାର କରି ପୁନର୍ବାର ତାଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି । ତାଙ୍କ ପ୍ରତି ବଦଳରେ ପ୍ରଧାନ ଶିକ୍ଷକ ପାଇକିରା ନାହକଙ୍କୁ ବଦଳି କରିବାକୁ ଦାବି କରିଛନ୍ତି । ବିଇଓଙ୍କୁ ଦେଇଥିବା ଦାବିପତ୍ରରେ ଅଭିଯୋଗକାରୀମାନେ ପ୍ରଧାନ ଶିକ୍ଷକଙ୍କ କର୍ତ୍ତବ୍ୟରେ ଅବହେଳା ସାଙ୍ଗକୁ ଦାୟିତ୍ୱହୀନ ମନୋବୃତ୍ତି, ସମୟେ ସମୟେ ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ରହିବା, ସର୍ବୋପରି ପିଲାମାନଙ୍କୁ ଶାଳିନତା ଭଳି ଶିକ୍ଷାଦାନ ଦେଇ ନପାରିବା ଅନ୍ତର୍ଭୁକ୍ତ, ସଠିକ୍ ସମୟରେ ସ୍କୁଲ ନ ଆସିବା, ବିଦ୍ୟାଳୟର ସମସ୍ୟାକୁ ସର୍ବାଗ୍ରେ ପ୍ରାଥମିକତା ଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏଥିରେ ବ୍ୟତି କ୍ରମ ହେଲେ ସ୍କୁଲ ସାମ୍ନା ଫାଟକ ତାଲା ପକାଇ ଆନ୍ଦୋଳନ କରିବାକୁ ପଛାଇବେ ନାହି ବୋଲି ରୋକ୍‌ଠୋକ୍ ଜଣାଇଛନ୍ତି ।

## ରେଳଧାରଣାରୁ ଯୁବକର ମୃତଦେହ ଉଦ୍ଧାର

**ଭଣ୍ଡାରୀପୋଖରୀ, ୭।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବିରିଡି ରେଳଲାଇନ ପାର୍ଶ୍ୱରୁ ଜଣେ ଯୁବକର ମୃତଦେହକୁ ସ୍ଥାନୀୟ ପୁଲିସ ଗୁରୁବାର ରାତ୍ରରେ ଉଦ୍ଧାର କରି ସମ୍ପର୍କୀୟଙ୍କ ଅଭିଯୋଗ କ୍ରମେ ହତ୍ୟା ମାମଲା ରୁଜୁ କରିଛି । ବନ୍ତ ଥାନା ଅନ୍ତର୍ଗତ ଟିଲୋ କଣ୍ଟାପଡା ଗ୍ରାମର ସରୋଜ ଦାସଙ୍କ ଅଭିଯୋଗ ଅନୁଯାୟୀ ସରୋଜଙ୍କ ଗ୍ରାମର ବାସିନ୍ଦା ଥିବା ଶାଳକ ରଞ୍ଜନ ଦାସ(୨୦) ବିରିଡି ଗ୍ରାମର ଜନୈକା ଯୁବତୀଙ୍କୁ ପ୍ରେମ କରୁଥିଲା । ଉଭୟଙ୍କ ମଧ୍ୟରେ ଅନ୍ତରଙ୍ଗ ସମ୍ପର୍କ ଥିଲା। ପ୍ରେମିକା ଜଣକ ବେଙ୍ଗାଲୁରରେ ରହୁଥିବା ରଞ୍ଜନକୁ ବିରିଡିକୁ ଡକାଇଥିଲା । ପ୍ରେମିକାର ଡାକରା ପାଇ ରଞ୍ଜନ ଗତ ୩ ତାରିଖରେ ମଞ୍ଜୁରୀରୋଡରେ ପହଞ୍ଚି ପ୍ରେମିକାକୁ ସାକ୍ଷାତ କରିଥିଲା । ସେହିଦିନ ସନ୍ଧ୍ୟାରୁ ରଞ୍ଜନର ଫୋନ ବନ୍ଦ ରହିଥିଲା । ରଞ୍ଜନର ମୃତଦେହ ବିରିଡି ରେଳ ଲାଇନ ପାର୍ଶ୍ୱରେ ପଡିଥିଲା ବୋଲି ଗୁରୁବାର ଅପରାହ୍ନ ୪ଟା ସମୟରେ ଭିଣୋଇ ସରୋଜଙ୍କୁ ସୂଚନା ମିଳିଥିଲା । ଏଥିପୂର୍ବରୁ ସଂପୃକ୍ତ ପ୍ରେମିକା ଓ ସମ୍ପର୍କୀୟମାନେ ରଞ୍ଜନକୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି । ଅଭିଯୋଗ ଆଧାରରେ ଥାନାରେ ୬୦/୨୬ନଂ ମାମଲା ରୁଜୁ ହୋଇଛି। ମାମଲାରେ କାହାରିକୁ ଗିରଫ କରାଯାଇ ନାହିଁ ବୋଲି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ସୂଚନା ଦେଇଛନ୍ତି ।

## କାହା ଚାପରେ ବ୍ଲକ ପ୍ରଶାସନ?

**ନିଆଳୀ, ୭।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାହ୍ମଣବାଟି ପଞ୍ଚାୟତରେ ଗତ ଅକ୍ଟୋବର ମାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାଷୀ ମାଧ୍ୟମରେ ନୂଆ ପଞ୍ଚାୟତ ଭବନ ପାଇଁ ଶିଳାନ୍ୟାସ ଦେଇଥିଲେ ଏବଂ ମାନ୍ୟବର ନିଆଳୀ ବିଧାୟକଙ୍କ କର କମଳରେ ସାନମୁଳାଇ ସ୍ଥିତ ହନୁମାନ ମନ୍ଦିର ନିକଟରେ ବିଡ଼ିଓ ସ୍ୱପ୍ନିତା ନାୟକ ସହକାରୀ ଅଧିକ୍ଷଣ ଯନ୍ତ୍ରୀ ଧନଞ୍ଜୟ ସାମଲ ଉପସ୍ଥିତି ଓ ପଞ୍ଚାୟତର ଶତାଧିକ ଲୋକଙ୍କ ଉପସ୍ଥିତରେ ଭୂମି ପୂଜନ ଅନୁଷ୍ଠିତ ହୋଇଥିଲା । ଅଦ୍ୟାବଧି ୪ ମାସ ଅତିକ୍ରାନ୍ତ ହେବାକୁ ବସିଥିବା ବେଳେ ଇଟା ଖଣ୍ଡିଏ ପଡିନାହିଁ । ଏ ସମ୍ବନ୍ଧରେ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ବାରମ୍ବାର ବ୍ଲକ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏହାକୁ କେହି କର୍ଣ୍ଣପାତ କରୁନାହାନ୍ତି । ଏହା ଓଡିଶା ସରକାରଙ୍କ ଏକ ଫ୍ଲାଗସିପ କାର୍ଯ୍ୟକ୍ରମ ହୋଇଥିବାବେଳେ ପଞ୍ଚାୟତ ଇଲେକ୍ସନ ଆଗକୁ ଥିବାବେଳେ ଏବଂ ସରପଞ୍ଚ ଶାସକ ଦଳର ସରପଞ୍ଚ ଓ ବିଜେପିର ପଞ୍ଚାୟତ ପ୍ରମୁଖ ଥିବାବେଳେ ବ୍ଲକ କର୍ତ୍ତୃପକ୍ଷଙ୍କ ଉଦାସୀନତା ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶୁକ୍ରବାର ସରପଞ୍ଚ ଶ୍ରୀଯୁକ୍ତ ରାଉତରାୟ ବିଡ଼ିଓଙ୍କୁ ଚିଠି ଲେଖିଛନ୍ତି ଓ ଆଗାମୀ ସାତ ଦିନ ମଧରେ ଯଦି ପଞ୍ଚାୟତ ଭବନ ନିର୍ମାଣ ପାଇଁ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ ବ୍ଲକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସରପଞ୍ଚ ଚେତାବନୀ ଦେଇଛନ୍ତି । ଏହାର ଏକ ନକଲ ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ସେକ୍ରେଟାରୀ, ଆରକ୍ଷୀ ମହାନିର୍ଦ୍ଦେଶକ, ଜିଲ୍ଲାପାଳ କଟକ, ସିଡିଓ କମ ଇଓ, ଜିଲ୍ଲା ପରିଷଦ କଟକ, ଗ୍ରାମାଞ୍ଚଳ ଏସପି, ଉପଖଣ୍ଡ ପୋଲିସ ଅଧିକାରୀ, ଆଇଆଇସି ଓଲଟପୁର ଓ ଗୋବିନ୍ଦପୁର ଓ ସମସ୍ତ ଇଲୋକ୍ଟ୍ରୋନିକ ଓ ପ୍ରିଣ୍ଟ ମିଡ଼ିଆଙ୍କୁ ଅବଗତି ନିମନ୍ତେ ପ୍ରେରଣ କରାଯାଇଛି । ବିଜେପି ଦଳୀୟ ପତାକା ତଳେ ଧାରଣା ଦେବେ ବୋଲି ଶ୍ରୀ ରାଉତରାୟ ସୂଚନା ଦେଇଛନ୍ତ । ବ୍ଲକ ପ୍ରଶାସନ କାହା ଚାପରେ ଶାସକ ଦଳର ସରପଞ୍ଚମାନଙ୍କୁ କାମରେ ଅସହଯୋଗ କରିବା ସହ କାମ ନିର୍ମାଣରେ ପାତରଅନ୍ତର ନୀତି ଅବଲମ୍ବନ କରୁଛନ୍ତି । ଏହି ଘଟଣାକୁ ନେଇ କଣ୍ଟାପଡା ବ୍ଲକର ନିର୍ବାଚିତ ଲୋକ ପ୍ରତିନିଧିମାନେ ତାଙ୍କ ପଞ୍ଚାୟତରେ ମଧ ଏଭଳି ଅବହେଳା ହେଉଥିବାରୁ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏ ନେଇ ବ୍ଲକ ସହକାରୀ ଯନ୍ତ୍ରୀ ଧନଞ୍ଜୟ ସାମଲଙ୍କୁ ପଚାରିବାରୁ ସବୁ ପଞ୍ଚାୟତରେ କାମ ଚାଲିଛି, ବ୍ରାହ୍ମଣବାଟି ପଞ୍ଚାୟତରେ କାମ ହେବ ବୋଲି କହିଛନ୍ତି ।

### ମାଧବ ଠାକୁରଙ୍କ ବିଭିନ୍ନ ପ୍ରକଳ୍ପ ଉନ୍ନତି କେବେ ସରିବ?

## ୪କୋଟି ୮୦ ଲକ୍ଷ ଟଙ୍କାର ପ୍ରକଳ୍ପ କାମ ଅଧାପନ୍ତରିଆ

**ନିଆଳୀ, ୭।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ନିର୍ବାଚନ ମଣ୍ଡଳୀରେ ଏବେ ଜୋରଦାର ଚର୍ଚ୍ଚା, ଗତ ୪ ତାରିଖ ଦିନ ଅଚିହ୍ନା ପଡିଆରେ ଅଷ୍ଟ ଶମ୍ଭୁ କରିଡ଼ର ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ସମୟରେ ନିଆଳି ବିଧାୟକ ଦେଇଥିବା ଭାଷଣକୁ ନେଇ ଏବେ ଜୋରଦାର ଚର୍ଚ୍ଚା ହେବା ସହ ବୁଦ୍ଧିଜୀବୀ ମହଲରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ନେତା ଭାଷଣ ଦେଲାବେଳେ କ'ଣ ଯେ କହୁଛନ୍ତି ଅନ୍ୟମାନେ ବୁଝିବା ତ ଦୂରର କଥା ନିଜେ ବି ବୁଝିପାରୁନାହାନ୍ତି । ଯାହା ଏବେ ସାରା ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର ବିଷୟ ପାଲଟି ଥିବାବେଳେ ସାରା ନିର୍ବାଚନ ମଣ୍ଡଳୀରେ ନିନ୍ଦା କରାଯାଇଛି । ବିଧାୟକ ଛବି ମଲିକ ଉକ୍ତ ବୈଠକରେ ଭାଷଣ ଦେବା ସମୟରେ ନିଆଳିରେ ଯେତେ ମଠ ମନ୍ଦିର ରହିଛି ସେ ସବୁ ମୋ ଶରୀର, ମୁଁ ସେସବୁକୁ ଜୀବଦାନ ଦେବି । ଏକଥାର ଅର୍ଥକୁ ନିଆଳୀ ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚା ହେଉଥିବା ବେଳେ ନିଆଳି ବିଧାୟକ ଦେବଦେବୀଙ୍କ ଉପରେ ବୋଲି ବୁଦ୍ଧିଜୀବୀ ମହଲରେ ନିନ୍ଦା



କରାଯାଇଛି । ୨୪ କୋଟି ଟଙ୍କାର ଅଷ୍ଟଶମ୍ଭୁ ପ୍ରକଳ୍ପକୁ ଖୁବ ଶୀଘ୍ର ସାରିବାକୁ ବିଧାୟକ କହୁଥିବା ବେଳେ ପ୍ରଭୁ ଜଗନ୍ନାଥଙ୍କ ମାମୁଘର ମାଧବ ଠାକୁରଙ୍କ ମନ୍ଦିର ଉନ୍ନତି କରଣ ସହ ବିଭିନ୍ନ ପ୍ରକଳ୍ପ ପାଇଁ ପୂର୍ବ ସରକାର ରେ ୫ଟି ଯୋଜନାରେ ୪କୋଟି ୮୦ ଲକ୍ଷ୍ୟ ଟଙ୍କା ବ୍ୟୟବରାଦ କରାଯାଇ ମନ୍ଦିରର ଉନ୍ନତିକରଣ କରିବା ସହ ଆନନ୍ଦ ବଜାର ଗୃହ, କମ୍ୟୁନିଟି ସେଣ୍ଟର ଓ ମାଧବ ଠାକୁରଙ୍କ ମନ୍ଦିରକୁ ପ୍ରବେଶ ବାଟରେ ପନିମାଳ ଛକରେ ଏକ ଗେଟ ନିର୍ମାଣ ପାଇଁ ଅର୍ଥ ବ୍ୟୟବରାଦ କରାଯାଇଥିବା ବେଳେ ଏହି କାର୍ଯ୍ୟର ସମୟସୀମା ପୁରିଥିଲେ ବି ଏପର୍ଯ୍ୟନ୍ତ କାମ ଅଧା ହୋଇ ନାହିଁ । ତତ୍କାଳୀନ ୫ଟି ସଚିବ ଓ ପୂର୍ବତନ ବିଧାୟକ ଡ଼. ପ୍ରମୋଦ କୁମାର ମଲିକଙ୍କ ଉଦ୍ୟମରେ ମାଧବକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ୨୦୧୬ରେ ଦିଆଯାଇଥିଲା । ଉକ୍ତ କାମକୁ ପୂର୍ତ୍ତ ବିଭାଗ ଅଧୀନରେ କରାଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର କୁଜି ନେତାମାନେ ଉକ୍ତ ବିଭାଗ ଉପରେ ଚାପ ପକାଇ ପ୍ରକଳ୍ପଗୁଡିକୁ ବାଟବଣା କରିବାକୁ ଚେଷ୍ଟା କରୁଥିବାରୁ ଠିକାଦାର ଭୟରେ କାମ କରୁ ନାହାନ୍ତି । ଏମିତିକି ନିଆଳି ବିଧାୟକ ବିଭିନ୍ନ ମଠ ମନ୍ଦିର ଉନ୍ନତି ପାଇଁ ଟଙ୍କା ଦେଉଥିବା ବେଳେ ମାଧବ ମନ୍ଦିର ପ୍ରତି କ'ଣ ପାଇଁ ଅବହେଳା, ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ପୂର୍ବତନ ବିଧାୟକ ଡ଼. ପ୍ରମୋଦ କୁମାର ମଲିକଙ୍କୁ ପଚାରିବାରୁ ତାଙ୍କ ୧୫ ବର୍ଷ ବିଧାୟକ ସମୟରେ ନିଆଳି ର ବିଭିନ୍ନ ଦେବା ଦେବୀପୀଠକୁ ରାସ୍ତା, ଆଲୋକୀକରଣ ଓ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରାଯାଇଛି କିନ୍ତୁ ମାଧବ ମନ୍ଦିର ପାଇଁ ଦିଆଯାଇଥିବା ୪କୋଟି ୮୦ ଲକ୍ଷ ଟଙ୍କାର କାମ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ନେଇ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ ପ୍ରସାଦ ମିଞ୍ଜଙ୍କୁ ପଚାରିବାରୁ କାମ ଖୁବ ଶୀଘ୍ର ସାରିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ନିଆଳି ବିଧାୟକ ଛବି ମଲିକ ନିଜ ଗାଁ ଅରକଟା, ଦୋପଟି ଓ ଜଗନ୍ନାଥ ମହୋତ୍ସବ ପାଇଁ ତତ୍ପର ପ୍ରକାଶ ପାଉଥିବା ବେଳେ ଖୋଦ ଜଗନ୍ନାଥଙ୍କ ମାମୁଘର ମାଧବ ପାଇଁ ଦୃଷ୍ଟି ନ ଦେବା ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଟୋକନ ଅବଧି ଶେଷ ହେବାକୁ ବସିଲାଣି, ଚାଷୀଙ୍କୁ ମିଳିନି ପ୍ରାପ୍ୟ

**ଭଦ୍ରକ, ୭।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲାରେ ଧାନ କିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ଯେଉଁ ଚାଷୀମାନେ ଆରମ୍ଭରୁ ଟୋକନ ପାଇଥିଲେ ସେମାନଙ୍କର ମଧ୍ୟରୁ ଅନେକ ଚାଷୀ ଧାନ ମଣ୍ଡିରେ ଧାନ ବିକ୍ରି କରିପାରି ନାହାନ୍ତି । ଅନେକଙ୍କର ଟୋକନ ଅବଧି ଶେଷ ହୋଇ ଆସୁଥିବା ବେଳେ ସେମାନେ କିଭଳି ଧାନ ବିକ୍ରି କରିବେ ଚିନ୍ତାରେ ରହିଛନ୍ତି । ମଣ୍ଡିରୁ ଧାନ ଉଠୁ ନଥିବା ବେଳେ ଆହୁରି ୧୧ ହଜାର ଚାଷୀ ଧାନ ଦେଇ ସେମାନଙ୍କ ପ୍ରାପ୍ୟ ପାଇ ନାହାନ୍ତି । ସରକାର କହିଥିଲେ ଧାନ ଦେବାର ୪୮ ଘଣ୍ଟାରେ ଚାଷୀଙ୍କ ଆକାଉଣ୍ଟକୁ ଧାନ ମୂଲ୍ୟ ପଠାଯିବ । କେବଳ ସେତିକି ନୁହେଁ ଆହୁରି ୫ ହଜାରରୁ ଅଧିକ ଚାଷୀ ଧାନ ବିକ୍ରି କରିବାକୁ ବସିଥିବା ବେଳେ ସେମାନଙ୍କୁ ଟୋକନ୍ ଏପର୍ଯ୍ୟନ୍ତ ଦିଆଯାଇନାହିଁ । ଏହି ଚାଷୀ କିଭଳି ଧାନ ବିକ୍ରି କରିବେ ମୁଣ୍ଡରେ ହାତଦେଇ ବସିଛନ୍ତି ।

ଗତ ଜାନୁଆରି ୫ ତାରିଖରୁ ଧାନ ମଣ୍ଡି ସରକାରୀ ଭାବରେ ଖୋଲା ଯାଇଥିଲା । ମଣ୍ଡି ଖୋଲିବାର ୨୦ ଦିନ ପର୍ଯ୍ୟନ୍ତ ଧାନ କିଣା ଗଲା ନାହିଁ । ମିଲାରଙ୍କର ମୁଲ ଚାଲ ଠିକ ନହେବାରୁ ସେମାନେ ଧାନ ଉଠାଇଲେ ନାହିଁ । କଟଣୀ ଛଟନିକୁ ନେଇ କିଛି ଦିନ ଧରି ମିଲର ପ୍ରଶାସନ ଚାଷୀଙ୍କ ଭିତରେ ଟଣା ଓଟରା ଚାଲିଲା । ପରେ ଧାନ କିଣା ଆରମ୍ଭ ହେଲା । ଚାଷୀଙ୍କ ଠାରୁ ଧାନ କଟଣୀ ଛଟଣୀ ହେବ ନାହିଁ ବୋଲି ଯୋଗାଣ ମନ୍ତ୍ରୀ କହିଗଲେ । ମାତ୍ର ସବୁ ସରକାରୀ ମଣ୍ଡିରେ କୁଇଣ୍ଟାଲ ଉପରେ ୮ରୁ ୯ କିଲୋ ଧାନ କଟା ଯାଉଛି । ଏବେବି ଚାଷୀ କ୍ଷତି ସହୁଛନ୍ତି । ଏଫ୍‌ଏକ୍ୟୁ ମାନର ଧାନ ନାହିଁ । ତେଣୁ ଧାନରେ କଟନୀ ଛଟନୀ କରାଯାଉଛି ବୋଲି ଚାଷୀଙ୍କୁ କୁହାଯାଉଛି । ଚାଷୀ ବାଧ ହୋଇ ଏଭଳି ଭାବରେ ଧାନ ବିକୁଛି ।



ଅନ୍ୟପକ୍ଷରେ ଜିଲ୍ଲାରେ ମୋଟ ୨୨ଟି ମିଲାରଙ୍କୁ ୧୦୮ଟି ସମବାୟ ସଂସ୍ଥା ଓ ୫୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜରିଆରେ ଧାନ କିଣାଯିବାର ବ୍ୟବସ୍ଥା କରାଯାଇଥିଲା । ମିଲାରମାନେ ମାତ୍ର ଗୋଟିଏ ଦୁଇଟି ଗାଡ଼ି ପଠାଇ ଧାନ ଉଠାଉଛନ୍ତି । ଧାନ ମଣ୍ଡିରେ ଧାନ ଉଠାଇବା ପାଇଁ ଭଦ୍ରକ ଜିଲ୍ଲାର ମିଲରମାନେ କୌଶଳ ଖଞ୍ଜୁଛନ୍ତି । ଚାଷୀ ଯେମିତି ସିଧାସଳଖ ମୁଣ୍ଡରେ ଧାନ ଦେଇ ସରକାରଙ୍କର ୩୧୦୦ ଟଙ୍କାର ଲଭାନପାଉ । ଚାଷୀର ସବସିଡ ଟଙ୍କାକୁ ମିଲର ଓ ଦଲାଲ ଚଲୁ କରିବାକୁ ଚକ୍ରାନ୍ତ କରିଛନ୍ତି । ଧାନ ଦଲାଲ ସବୁ ଗାଁ ଗାଁରେ ସକ୍ରିୟ ହୋଇଛନ୍ତି । ସେମାନେ ଚାଷୀଙ୍କ ପାଖରେ ପହଞ୍ଚି ୧୮ ଶହରୁ ୧୯ ଟଙ୍କା ମୂଲ୍ୟରେ ଧାନ ଉଠାଇ ନେଉଛନ୍ତି । କମ ମୂଲ୍ୟରେ ଚାଷୀ ବାଧ ହୋଇ ଦଲାଲଙ୍କ ଜରିଆରେ ଧାନ ବିକ୍ରି କରି ଦେଉଛି । ଏହି ଦଲାଲମାନେ ପୁଣି ସେହି ଧାନକୁ ମିଲରଙ୍କ ଜରିଆରେ ବିକ୍ରି କରୁଛନ୍ତି । ଏଭଳି ଧାନ କିଣା ଭଦ୍ରକ ଜିଲ୍ଲାରେ ଖୋଲମ ଖୋଲିଛି, ଯାହାକୁ ନେଇ ଭଦ୍ରକ ଜିଲ୍ଲାରେ ଚାଷୀ କ୍ଷତି ସହୁଛି । କଷ୍ଟ କରି ଧାନ ଚାଷ କରୁଥିବା ଚାଷୀ ଲାଭବାନ ହେବା ବଦଳରେ ଜିଲ୍ଲାରେ ମିଲର୍ ଆଉ ଦଲାଲ ମାଲାମାଲ ହେଉଛନ୍ତି । ଏବେ ସୁଦ୍ଧା ଜିଲ୍ଲାରେ ୨ ଲକ୍ଷ ୭୫ ହଜାର କ୍ୱିଣ୍ଟାଲ ଧାନ କିଣା ଯାଇଥିବା ନେଇ ଯୋଗାଣ ବିଭାଗ କହୁଥିବା ବେଳେ ଆହୁରି ଅନେକ ଚାଷୀ ଟୋକନ ନପାଇ ଧାନ କିଭଳି ବିକ୍ରି କରିବେ ବୋଲି ଚିନ୍ତାରେ ରହିଛନ୍ତି । ଅନେକ ଚାଷୀଙ୍କର ଟୋକନ ଅବଧି ଶେଷ ହେବାକୁ ଯାଉଛି । ମାତ୍ର ସେମାନଙ୍କ ଠାରୁ ଧାନ ଉଠାଇ ନାହିଁ ମଣ୍ଡି । ଅନେକ ଚାଷୀ ଧାନ ବିକ୍ରି କରିବା ପାଇଁ ମଣ୍ଡିରେ ଶୀତ କାକରରେ ପଡ଼ି ରହୁଛି । ମିଲର୍ ଟ୍ରକ ପଠାଉ ନଥିବାରୁ ଚାଷୀ ଧାନ ମଣ୍ଡିରେ ଉଠା ଯାଉନାହିଁ । ବାଧ ହୋଇ ଚାଷୀ ଅଭାବୀ ଧାନ ବିକ୍ତିର ଦିକର ହେଉଛି ବୋଲି ଅଭିଯୋଗ କରିଛନ୍ତି ।

ଧାନ ବିକ୍ରିକୁ ନେଇ ଜିଲ୍ଲାରେ ବାହାର ମିଲରଙ୍କୁ ସୁଯୋଗ ଦେଲେ ଜିଲ୍ଲାରେ ଯେତେ ଧାନ ଅମଳ ହୋଉଛି । ତାହା ଉପଯୁକ୍ତ ସମୟ ସୀମା ମଧ୍ୟରେ କିଣାଯାଇ ପାରନ୍ତା । ମାତ୍ର ବାହାର ମିଲରଙ୍କର ବାଟ ଓଗାଳୁଛନ୍ତି । ଭଦ୍ରକ ଚାଷୀ ବାହାର ମିଲର ଆସୀ ଧାନ କିନୁ ବୋଲି ଦାବି କରିଥିବା ବେଳେ ଯୋଗାଣ ମନ୍ତ୍ରୀଙ୍କର ଭଦ୍ରକ ଗସ୍ତ ବେଳେ ମଧ ବାହାର ମିଲାର୍ ଭଦ୍ରକ ଆସିଲେ ସବୁ ଧାନ ଉଠିପାରିବ ବୋଲି କହିଥିଲେ । କିନ୍ତୁ ଯୋଗାଣ ନିଗମ ଏ ନେଇ କିଛି ସ୍ପଷ୍ଟ କରୁନାହିଁ । ଏବେ ଭଦ୍ରକ ମିଲରଙ୍କ ମନ ମନିରେ ଧାନ କିଣା ହେଉଥିବାରୁ ଏହି ନେଇ ଭଦ୍ରକର ସବୁ ବ୍ଲକରେ ଚାଷୀ ପ୍ରତିବାଦର ସ୍ୱର ଉଠିଛି । ଚାଷୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ବେଳେ ନବନିର୍ମାଣ କୃଷକ ସଂଗଠନର ନେତା ତ୍ରିଲୋଚନ ପଣ୍ଡା, କୃଷକ ନେତା ଚନ୍ଦ୍ରଶେଖର ନାୟକ, ଦିବ୍ୟ ସିଂ ନାୟକ, ସୀତାକାନ୍ତ ସାହୁ, ପ୍ରମୋଦ ଦାସ, ବିକାଶ ସାମଲ ପ୍ରମୁଖ ଚାଷୀ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି । ଧାନ କିଣା ଠିକ ଭାବରେ ହେଉ ନଥିବାରୁ କଂଗ୍ରେସର ଜିଲ୍ଲା ସଭାପତି ନଳିନୀକାନ୍ତ ମାହାନ୍ତି ଆଗାମୀ ଦିନରେ ଆନ୍ଦୋଳନକୁ ଉଲହାଇବେ ବୋଲି ଚେତାବନୀ ଦେଉଛନ୍ତି ।

■ ଅନେକ ସମୟରେ ଦେଖାଯାଉଛି– ସରକାରୀ କର୍ମଚାରୀମାନେ ସେମାନଙ୍କ କର୍ମସ୍ଥଳୀରେ ନ ରହି, ପ୍ରତିଦିନ ଯାତାୟାତ କରନ୍ତି, କର୍ମସ୍ଥଳୀରେ ସେମାନଙ୍କୁ କ୍ୱାର୍ଟର୍ସ ଯୋଗାଇ ଦିଆଯାଇଥିଲେ ମଧ୍ୟ । ସହରଠୁ ସାମାନ୍ୟ ଦୂରରେ ରହୁଥିବା କର୍ମଚାରୀମାନେ ମଧ୍ୟ ସହରରେ ରହିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି । ନିଜ ନିଜ କର୍ମସ୍ଥଳୀରେ ନ ରହିବା କାରଣରୁ ସେମାନେ ଠିକ୍ ସମୟରେ ଦପ୍ତରରେ ପହଞ୍ଚିପାରୁନାହାନ୍ତି ଏବଂ ଏଥିସହିତ ଅଫିସ୍ ଛୁଟି ପୂର୍ବରୁ ସେମାନେ ଘରକୁ ଫେରିବାର ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି । ଏଇ କାରଣରୁ ଲୋକମାନେ ଯେତିକି ସେବା ପାଇବା କଥା ପାଇପାରନ୍ତି ନାହିଁ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୮ ଫେବୃଆରୀ ୨୦୨୬ | ରବିବାର

# ଓଡ଼ିଶା ଏକ୍ସପ୍ରେସ୍


## ସରକାରଙ୍କ ଏକ ଉତ୍ତମ ନିଷ୍ପତ୍ତି

ଖବରରୁ ଜଣାପଡ଼ିଛି ସରକାର ଏଣିକି ସହରରେ ନିଅଣ୍ଟିଆ ଲୋକଙ୍କୁ ଭଡ଼ାଘର ଯୋଗାଇଦେବେ । ଭଡ଼ା ଦେଉଥିବା ମାଲିକଙ୍କ ଦୌରାତ୍ମ୍ୟରୁ ରକ୍ଷା ମିଳିବ । ରାଜ୍ୟର ବିଭିନ୍ନ ସହରରେ ଥିବା ଅବ୍ୟବହୃତ ସରକାରୀ ଘରଗୁଡ଼ିକୁ ଚିହ୍ନଟ କରାଯାଇ ସହରରେ ଘର ପାଉନଥିବା ନିଅଣ୍ଟିଆ ମଣିଷମାନଙ୍କୁ ସୁଲଭ ଭଡ଼ାସୂତ୍ରରେ ଯୋଗାଇ ଦିଆଯିବ ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ ପିଏମ୍ୱାଇ ୨.୦ ଅଧୀନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଖାଲି ଏବଂ ଅବ୍ୟବହୃତ ଘରଗୁଡ଼ିକୁ ଚିହ୍ନଟ କରି ସୁଲଭ ଦରରେ ଭଡ଼ା ଆକାରରେ ଦିଆଯିବ । ସ୍ଥାନୀୟ କର୍ତ୍ତୃପକ୍ଷ ଭଡ଼ା ନିର୍ଦ୍ଧାରଣ କରିବେ । ପ୍ରତି ଦୁଇବର୍ଷରେ ୮ ପ୍ରତିଶତ ପର୍ଯ୍ୟନ୍ତ ଭଡ଼ା ବୃଦ୍ଧି କରାଯାଇପାରିବ । ଗରିବ ଶ୍ରେଣୀର ଲୋକମାନେ ହିଁ ଏହାର ଫାଇଦା ନେବେ । ବିଶେଷ କରି ଆର୍ଥିକ ଦୁର୍ବଳ ବର୍ଗର ଲୋକେ ଏହାଦ୍ୱାରା ଉପକୃତ ହୋଇପାରିବେ । ପ୍ରବାସୀ ସହରୀ ଗରିବ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ ଅନୁଷ୍ଠାନରେ କାମ କରୁଥିବା କର୍ମଚାରୀ, କର୍ମଜୀବୀ ମହିଳାମାନଙ୍କୁ ଏସବୁ ଭଡ଼ାଘର ଯୋଗାଇ ଦିଆଯିବ ।

ଏଠି ପ୍ରଶ୍ନ ଉଠିପାରେ ରାଜ୍ୟର ବିଭିନ୍ନ ସହରରେ କେତେ ଏମିତି ଘର ଖାଲି ପଡ଼ିଛି ଯେ ଯାହା ଗରିବଗୁରୁବାଙ୍କ ଆବଶ୍ୟକତାକୁ ପୂରଣ କରିପାରିବ? ଆଉ ଏକ ପ୍ରଶ୍ନ ହେଉଛି ଏସବୁ ସରକାରୀ ଘର ଖାଲି ପଡ଼ିଛି କାହିଁକି? ଏସବୁ ସରକାରୀ ଘର ଯେଉଁ କର୍ମଚାରୀମାନଙ୍କ ପାଇଁ ତିଆରି ହୋଇଥିଲା ସେମାନେ ସେଥିରେ ରହୁନାହାନ୍ତି କାହିଁକି? ଯଦି କୌଣସି ସରକାରୀ ଦପ୍ତର ଥିଲା, ସେ ଦପ୍ତର ରହିଲା କୁଆଡେ?

ଅନେକ ସମୟରେ ଦେଖାଯାଉଛି– ସରକାରୀ କର୍ମଚାରୀମାନେ ସେମାନଙ୍କ କର୍ମସ୍ଥଳୀରେ ନ ରହି, ପ୍ରତିଦିନ ଯାତାୟାତ କରନ୍ତି, କର୍ମସ୍ଥଳୀରେ ସେମାନଙ୍କୁ କ୍ୱାର୍ଟସ ଯୋଗାଇ ଦିଆଯାଇଥିଲେ ମଧ୍ୟ । ସହରଠୁ ସାମାନ୍ୟ ଦୂରରେ ରହୁଥିବା କର୍ମଚାରୀମାନେ ମଧ୍ୟ ସହରରେ ରହିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି । ନିଜ ନିଜ କର୍ମସ୍ଥଳୀରେ ନ ରହିବା କାରଣରୁ ସେମାନେ ଠିକ୍ ସମୟରେ ଦପ୍ତରରେ ପହଞ୍ଚିପାରୁନାହାନ୍ତି ଏବଂ ଏଥିସହିତ ଅଫିସ୍ ଛୁଟି ପୂର୍ବରୁ ସେମାନେ ଘରକୁ ଫେରିବାର ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି । ଏଇ କାରଣରୁ ଲୋକମାନେ ଯେତିକି ସେବା ପାଇବା କଥା ପାଇପାରନ୍ତି ନାହିଁ ।

ରାଜଧାନୀ ଭୁବନେଶ୍ୱରର ୫୦ରୁ ୧୦୦ କିଲୋମିଟର ଦୂରରେ ଥିବା ଅଫିସ୍‌ଗୁଡ଼ିକର କର୍ମଚାରୀମାନଙ୍କ ଭିତରୁ ଅନେକେ ଭୁବନେଶ୍ୱରରେ ରହି ପ୍ରତିଦିନ ଯାତାୟାତ କରନ୍ତି । ଡାକ୍ତରମାନେ ସେମାନଙ୍କ କର୍ମସ୍ଥଳୀରେ ନରହିବା କାରଣରୁ ରୋଗୀମାନେ ଉପଯୁକ୍ତ ସେବା ପାଇପାରନ୍ତି ନାହିଁ । ଏବେ ସମସ୍ତଙ୍କର ଇଚ୍ଛା ଭୁବନେଶ୍ୱରରେ ରହିବାକୁ । ତେଣୁ ଭୁବନେଶ୍ୱରରେ ଯେଉଁସବୁ ଘର ଖାଲି ପଡ଼ିଛି ତା' ନିଶ୍ଚିତ ରୂପେ ରହିବା ଉପଯୋଗୀ ନୁହେଁ ବୋଲି ଧରିନେବାକୁ ପଡ଼ିବ । ଜିଲ୍ଲା ଏବଂ ସବ୍‌ଡିଭିଜନ ସ୍ତରର ଚାକିରିଆମାନେ ମଧ୍ୟ ଅନେକ ସମୟରେ ସେମାନଙ୍କ କର୍ମସ୍ଥଳୀରେ ନ ରହି ଭୁବନେଶ୍ୱରରୁ ଯାତାୟାତ କରିଥାନ୍ତି । ସେମାନଙ୍କ ଉଦ୍ଦିଷ୍ଟ କ୍ୱାର୍ଟର୍ସଗୁଡ଼ିକ ସମୟକ୍ରମେ ଭୂତକୋଠିରେ ପରିଣତ ହୁଏ । ଅନେକ ଜାଗାରେ ଚୋର, ତସ୍କରମାନେ ଝରକା, କବାଟ ତାଡ଼ି ନେଉଥିବାର ଦେଖାଯାଉଛି । ତେଣୁ କର୍ମସ୍ଥଳୀରେ ଯେଉଁମାନଙ୍କ ପାଇଁ ସରକାରୀ କ୍ୱାର୍ଟର୍ସ ରହିଛି ସେ କର୍ମଚାରୀମାନେ ସେଇଠି କିଭଳି ରହିବେ ସେ ଦିଗକୁ ମଧ୍ୟ ସରକାର ଗୁରୁତ୍ୱ ଦେବା ଦରକାର ।

ଆଉ ଏକ ପ୍ରଶ୍ନ ହେଉଛି ସରକାରୀ ଘର ଖାଲି ପଡ଼ିଥିବା ସମୟରେ ଅନେକ ସରକାରୀ ଦପ୍ତର ଭଡ଼ାଘରେ ମଧ୍ୟ ଚାଲିଛି ଅନେକ ଜାଗାରେ । କେଉଁଠି ପୁଣି ସରକାରୀ ଦପ୍ତରର ନୂଆ ଅଟ୍ଟାଳିକା ତିଆରି ସରିଥିଲେ ମଧ୍ୟ ଉଦ୍‌ଘାଟନ ହୋଇପାରୁନି ବର୍ଷ ବର୍ଷ ଧରି । ପୁଣି ଥରେ ମରାମତିର ଆବଶ୍ୟକତା ପଡ଼ିଲାଣି ।

ତେଣୁ ଯଦି ପ୍ରତିଟି ସରକାରୀ କର୍ମଚାରୀ ସେମାନଙ୍କ ନିଜ ନିଜ କର୍ମସ୍ଥଳୀରେ ରହୁଥାନ୍ତେ ତା'ହେଲେ ବୋଧେ ଏତେ ସରକାରୀ ଘର ଖାଲି ପଡ଼ିନଥାନ୍ତା ।

ସରକାର ବସ୍ତିବାସିନ୍ଦାଙ୍କୁ ଘର ଏବଂ ଜାଗା ଯୋଗାଇ ଦେଉଛନ୍ତି ସହରମାନଙ୍କରେ । ଠିକ୍ ସେହିଭଳି ବହୁତଳ ଅଟ୍ଟାଳିକା ନିର୍ମାଣ କରି ନିଅଣ୍ଟିଆ ଲୋକଙ୍କୁ ଭଡ଼ାସୂତ୍ରରେ ଯୋଗାଇଦେଲେ ସହରରେ ରହୁଥିବା ଗରିବ ବର୍ଗର ଲୋକେ ଉପକୃତ ହୋଇପାରନ୍ତେ ।

# ବିସ୍ତାରବାଦରୁ ବିଶ୍ୱ ବିପତ୍ତି



## ମୂଲ୍ୟବୋଧ

**ଅରବିନ୍ଦ ରାଉତରାୟ**

ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକଦା ବିଶ୍ୱଗୁରୁ ପାଲଟିଥିବା ପୃଥିବୀର ସର୍ବଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଏବେ ବିସ୍ତାରବାଦୀ ଚିନ୍ତାଧାରାକୁ ଆପଣେଇ ନେଇଛି । ଅଳ୍ପ କେଇଟା ଦିନ ପୂର୍ବରୁ ତେଲ ଖଣି ହାତେଇବା ନିଶାକୁ ଚରିତାର୍ଥ କରିବା ପାଇଁ ଦକ୍ଷିଣ ଆମେରିକୀୟ ଦେଶ ଭେନିଜୁଏଲା ଉପରେ ଆକ୍ରମଣ କରିଛି । କେବଳ ସେତିକି ନୁହେଁ, ବିଶ୍ୱର ସର୍ବାଧିକ ଅଶୋଧିତ ତୈଳ ଗଚ୍ଛିତ ଥିବା ସେହି ରାଷ୍ଟ୍ରର ଶାସନ କ୍ଷମତାରେ ଆପଣା ଶାସକ ବସାଇବା ଲକ୍ଷ୍ୟରେ ରାଷ୍ଟ୍ରପତି ନିକୋଲସ ମାଡୁରୋ ଓ ତାଙ୍କ ପତ୍ନୀଙ୍କୁ ରାତିଅଧିଆ ଆମେରିକା ବଳପୂର୍ବକ ଉଠାଇ ନେଉଛି । ଆକ୍ରମଣର ମାତ୍ର କେତେ ଘଣ୍ଟା ପରେ ରାଷ୍ଟ୍ରପତି ଟ୍ରମ୍ପ ଗିରଫ ରାଷ୍ଟ୍ରପତି ଦମ୍ପତିଙ୍କ ବିଚାର ଆମେରିକୀୟ ଅଦାଲତରେ କରାଯିବାକୁ ଘୋଷଣା କରି ପକାଇଛନ୍ତି । ଟ୍ରମ୍ପଙ୍କ ଅଭିଯୋଗ କିନ୍ତୁ ଲକ୍ଷ୍ୟଠାରୁ ସଂପୂର୍ଣ୍ଣ ଭିନ୍ନ । 'ଜୋର ଯାହାର ମୂଲକ ତାହାର' ନୀତିରେ ଏକ ସ୍ୱାଧୀନ ରାଷ୍ଟ୍ରର ସାର୍ବଭୌମତ୍ୱକୁ ଖିନ୍‌ଭିନ୍ କରାଯିବା ପ୍ରୟାସକୁ ରୁଷ, ଚୀନ, ଇରାନ ଆଦି ବିଶ୍ୱର ବଳୁଆ ଦେଶ ବିରୋଧ କରିଛନ୍ତି ଓ ବିରୋଧ କରାଯିବା ମଧ୍ୟ ସ୍ୱାଭାବିକ । ସେତିକିରେ କଥା ଛିଡିନି । ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ବିରୋଧ କରିଥିବା ରାଷ୍ଟ୍ର ଜାତିସଂଘର ଜରୁରୀ ବୈଠକ ବସାଯିବା ଲାଗି ଦାବି ଜଣାଇଛନ୍ତି । ହେଲେ ଆମେରିକାକୁ ପ୍ରତିଆକ୍ରମଣର ଚେତାବନୀ ମଧ୍ୟ ଦେବାକୁ ସେମାନେ ପଛାଇ ନାହାନ୍ତି । ଆମେରିକା କିନ୍ତୁ ଏଥିରେ ଉତ୍‌କ୍ଷିପ୍ତ ଓ ରୁଷରୁ ଦୁଇଟି ତୈଳବାହୀ ଜାହାଜକୁ ଦରିଆ ମଝିରେ ଜବତ କରି ପକାଇଛି । ଆମେରିକାର ଏହି ବିସ୍ତାରବାଦ ନୀତିକୁ ଭାରତ ନା ଗ୍ରହଣ କରିପାରୁଛି, ନା ଦୃଢ଼ ସ୍ୱରରେ ଖୋଲାଖୋଲି ବିରୋଧ କରିପାରୁଛି । ସମଗ୍ର ବିଶ୍ୱରେ ୱାଶିଂଟନ ବିରୋଧରେ ସୃଷ୍ଟି ହୋଇଥିବା ବିରୋଧାଭାଷକୁ ହଜମ କରି ରାଷ୍ଟ୍ରପତି ଟ୍ରମ୍ପ ଏବେ କୁଆଡେ ଗ୍ରୀନ୍‌ଲ୍ୟାଣ୍ଡ ଦଖଲ ପାଇଁ ମନ ବଳାଇଛନ୍ତି । ଆମେରିକା ସପକ୍ଷରେ ନାଟୋ ଶକ୍ତି ଅନ୍ତର୍ଭୁକ୍ତ ଦେଶ ସମୂହ ସମର୍ଥନ ଜଣାଇଛନ୍ତି । ମାତ୍ର ବିସ୍ତାରବାଦ ଓ ବିସ୍ତାରବାଦୀଙ୍କ ପ୍ରତି ସମର୍ଥନ ଯେ ଆଉ ଏକ ବିଶ୍ୱଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି ତାହା ବୁଝିବାକୁ ହାତରେ ସମୟ ନାହିଁ ।

ବିସ୍ତାରବାଦୀ ଦେଶ ତାଲିକାରେ କେବଳ ଆମେରିକା ରହିଛି ତାହା ନୁହେଁ, ଆମେରିକାକୁ ବିରୋଧ କରୁଥିବା ଦ୍ୱିତୀୟ ଶକ୍ତିଶାଳୀ ଦେଶ ଚୀନ ଓ ସର୍ବାଧିକ ଆଣବିକ ଅସ୍ତ୍ର ରଖିଥିବା ରାଷ୍ଟ୍ର ଋଷ ମଧ୍ୟ ଏଥିରୁ ବାଦ ପଡିନାହାନ୍ତି । ସୋଭିଏତ୍ ଋଷର ଏକଦା ଅଂଶ ଥିବା ୟୁକ୍ରେନ୍ ନାଟୋ ଚୁକ୍ତି ସ୍ୱାକ୍ଷର କରିବାକୁ ଘୋଷଣା କରିବା ଯୋଗୁ ଦୁଇବର୍ଷରୁ ଅଧିକକାଳ ଯୁଦ୍ଧ ବିଭୀଷିକା ଜନିତ ବିପତ୍ତି ଭୋଗୁଛି । ଯୁଦ୍ଧାସ୍ତ୍ର ଶକ୍ତିରେ ବଳିଆନ ଦେଶ ଋଷ ୟୁକ୍ରେନ୍‌ର ଚାରିଟି ବୃହତ ଅଂଶକୁ ମାଡ଼ି ବସିଲାଣି । ନାଟୋ ସମର୍ଥନ ବିରୋଧରେ ଏକାକୀ ଦୀର୍ଘବର୍ଷ ଲଢି ସୁଦ୍ଧା ଥକି ପଡିବା ଭଳି ମନେ ହେଉନାହିଁ । ବରଂ ଦିନୁଦିନ ଆକ୍ରମଣର ଗତି ଅଭିନବ ଉପାୟରେ ବଢାଇ ଚାଲିଛି । ଭାରତୀୟ ପ୍ରଦେଶ ଅରୁଣାଚଳର ବିସ୍ତୀର୍ଣ୍ଣ ଅଞ୍ଚଳ ନିଜ ଅକ୍ତିଆରରେ ରଖି ସୁଦ୍ଧା ଚୀନ୍ ବିଶ୍ୱକୁ ବିସ୍ତାରବାଦ ବିରୋଧୀ ବାର୍ତ୍ତା ଦେବାକୁ ପଛାଉ ନାହିଁ । କେବଳ ସେତିକି ନୁହେଁ, ପଡ଼ୋଶୀ ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କାକୁ ସବୁପ୍ରକାର ଆର୍ଥିକ ସହାୟତା ଯୋଗାଇ ଦେଇ ପଡୋଶୀ ରାଷ୍ଟ୍ର ଭାରତ ପାଇଁ ଆବଶ୍ୟକ ସୁସଂପର୍କ ରକ୍ଷା କ୍ଷେତ୍ରରେ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରତିବନ୍ଧକ ସୃଷ୍ଟି କରୁଛି । ପାନାମା ସାଗରରେ ନିଜର ବାଣିଜ୍ୟିକ ଗତିପଥକୁ ଜାହିର କରିବା ଲାଗି ସବୁପ୍ରକାର ବିସ୍ତାରବାଦକୁ ପ୍ରସାର କରିଚାଲିଛି ବେଜିଂ । ଚୀନଠାରୁ ଅଲଗା ହୋଇ ସ୍ୱତନ୍ତ୍ର ରାଷ୍ଟ୍ର ମର୍ଯ୍ୟାଦା ଉପଭୋଗ କରୁଥିବା ତାଇୱାନର ସାର୍ବଭୌମତ ଏବେ ବି ଖଣ୍ଡାଧାରରେ ଝୁଲୁଛି । ଆମେରିକୀୟ ନାଲି ଆଖି ଓ ନାଟୋ ରାଷ୍ଟ୍ରର ଧମକରେ ବିସ୍ତାରବାଦ ପ୍ରୟାସକୁ ଚରିତାର୍ଥ କରିପାରୁ ନଥିଲେ ମଧ୍ୟ ସେ କ୍ଷେତ୍ରର ପ୍ରୟାସରେ ଦିନୁ ଦିନ ନୂଆ ରୂପ ନେଉଛି । ତୈଳ ଭୋକ ମୋଇବା ଓ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଡଲାରର ବିନିମୟ ମୁଦ୍ରା ପ୍ରଭାବକୁ ଅତୁଟ ରଖିବା ଲକ୍ଷ୍ୟରେ ଆମେରିକା ଯଦି ଅନ୍ୟ ଏକ ରାଷ୍ଟ୍ରର ସାର୍ବଭୌମତ୍ୱକୁ ଖିନଭିନ୍ କରିପାରିଲା, ତେବେ ତାଇୱାନ ସମପରିଣାମ ଭୋଗିବା ଆଉ କେତେ ଦୂର?

ଏଣେ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ମନୋଭାବକୁ ପ୍ରଭାବିତ କରିଛନ୍ତି ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜଙ୍ଗ ଉନ । ବନ୍ଧୁ ମାଡୁରୋ ଓ ତାଙ୍କ ପତ୍ନୀଙ୍କୁ ତୁରନ୍ତ ମୁକ୍ତ କରାନଲେ ପରିଣାମ ଭୟାବହ ହେବ ବୋଲି ଟ୍ରମ୍ପଙ୍କୁ ଖୋଲା ଚେତାବନୀ ଦେଇଛନ୍ତି । ଗୋଟିଏ ପରେ ଗୋଟିଏ କ୍ଷେପଣାସ୍ତ୍ର ପରୀକ୍ଷା କରି ଆମେରିକା ଉପରେ ପରମାଣୁ ଆକ୍ରମଣ ପାଇଁ ପ୍ରସ୍ତୁତିର ବାର୍ତ୍ତା ଦେଇଛନ୍ତି ସମଗ୍ର ବିଶ୍ୱକୁ । ତେବେ ଟ୍ରମ୍ପଙ୍କ ବିସ୍ତାରବାଦ ନୀତି ଓ ପରବର୍ତ୍ତୀ ଆକ୍ରମଣ ଘଟଣାର ପ୍ରତିଆକ୍ରମଣ ପ୍ରସ୍ତୁତି ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ମୁହାଁଇ ନେଉଥିବାର ଆଶଙ୍କା ସ୍ପଷ୍ଟ ବାରି ହୋଇପଡୁଛି । ଭେନେଜୁଏଲାର ତୈଳ ଭଣ୍ଡାର ଓ ପ୍ରାକୃତିକ ସମ୍ପଦ ଏବେ ଦେଶ ପାଇଁ କାଳ ହୋଇଛି । ଆମେରିକାରେ ଗଚ୍ଛିତ ଭୂତଳ ଅଶୋଧିତ ତୈଳର ଛଅଗୁଣ କେବଳ ଭେନେଜୁଏଲା ପାଖରେ ରହିଛି । ତା'ପଛକୁ ଚାରିଗୁଣ ତୈଳ ଭଣ୍ଡାରର ମାଲିକ ହେଉଛି ଇରାନ । ତୈଳ କ୍ଷେତ୍ରରେ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ମର୍ଯ୍ୟାଦା ହାସଲ ଲାଗି ପ୍ରୟାସ ଜାରି ରଖିଥିବା ଟ୍ରମ୍ପଙ୍କ ନଜର ଏବେ ସେହି ଦୁଇ ରାଷ୍ଟ୍ର ଉପରେ । ବରଫାବୃତ୍ତ ଗ୍ରୀନ୍‌ଲ୍ୟାଣ୍ଡ ମଧ୍ୟ ପରବର୍ତ୍ତୀ ଲକ୍ଷ୍ୟଭୁକ୍ତ ହୋଇଗଲାଣି । ତିରିଶ ହଜାର କୋଟି ବ୍ୟାରେଲ ତେଲ ସାଙ୍ଗକୁ ନଅହଜାର ଟନ୍ ସୁନା ଖଣିର ମାଲିକ ଭେନେଜୁଏଲା ଉପରେ କୋକେନ ଯୋଗାଣ ଅଭିଯୋଗ ଆଣିଛି ହ୍ୱାଇଟ୍ ହାଉସ । ହେଲେ ଆମେରିକାକୁ ଚାଲାଣ ହେଉଥିବା ନିଶା ସାମଗ୍ରୀ ମଧ୍ୟରୁ ମାତ୍ର ଏକ ପ୍ରତିଶତ ଯାଉଛି ଭେନେଜୁଏଲାରୁ । କୋକେନକୁ ଆଳ କରି ଟ୍ରମ୍ପ ସେନା ରାଷ୍ଟ୍ରପତି ମାଡୁରୋ ଦମ୍ପତିଙ୍କୁ ଜେଲରେ ରଖିଛି ଆମେରିକାର ଶତାଧିକ ତୈଳ ଉତ୍ତୋଳନ କମ୍ପାନୀ ଭେନେଜୁଏଲାରୁ ଅଶୋଧିତ ତୈଳ ସଂଗ୍ରହ କରି ନିଜ ଦେଶକୁ ପଠାଇବା ବ୍ୟବସ୍ଥାକୁ ମାଡୁରୋ ହଜମ କରି ନପାରି ପ୍ରତିବନ୍ଧ ଲଗାଇ ଦେଇଥିଲେ । ଏଥିରେ ନା ଆମେରିକା ତେଲ ପାଇଲା ନା ସେ ଦେଶର କମ୍ପାନୀ ଆଗକୁ ବଢିବାରେ ସୁଯୋଗ ପାଇଲେ । ପର୍ଯ୍ୟାୟକ୍ରମେ ଉତ୍ତୋଳିତ ତୈଳର ଷାଠିଏ ପ୍ରତିଶତ ଗଲା ଚୀନ ଭଣ୍ଡାରକୁ ଓ କେତେକାଂଶ ଋଷକୁ । ଆମେରିକା କାହିଁକି କୌଣସି ବିସ୍ତାରବାଦୀ ରାଷ୍ଟ୍ର ମାଡୁରୋଙ୍କ ପରିବର୍ତ୍ତିତ ବ୍ୟବସ୍ଥାକୁ ସହଜେ ଗ୍ରହଣ କରିବା କଷ୍ଟକର । ଏଣେ ମାଡୁରୋ ୨୦୨୫ରେ ତୃତୀୟଥର ଲଗାତର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ଘଟଣାକୁ ଟ୍ରମ୍ପ ସମ୍ଭାଳିବା କଷ୍ଟକର ହୋଇପଡିଲା ।

ଅନ୍ୟପକ୍ଷରେ ବ୍ରାଜିଲ, ଚୀନ, ରଷିଆ, ଭାରତ ଓ ଦକ୍ଷିଣ ଆଫ୍ରିକା ସମେତ ବ୍ରିକ୍ସ ରାଷ୍ଟ୍ରସମୂହ ଡଲାର ପରିବର୍ତ୍ତେ ରୁବଲ ଓ ୟୁରୋ ମାଧ୍ୟମରେ ଆନ୍ତର୍ଜାତିକ ବଜାରରେ ତେଲ ବିକ୍ରି କରିବାର କୂଟନୀତିକୁ ଆପଣେଇ ନେଲେ ୨୦୧୮ ରୁ । ତେଲ କାରବାର ପାଇଁ ପୂର୍ବରୁ ଆମେରିକା ସହ ସ୍ୱାକ୍ଷରିତ ହୋଇଥିବା ଡଲାର ମାଧ୍ୟମ ନୀତି ବିଫଳ ହେବା ସହ ସମଗ୍ର ବିଶ୍ୱରେ ଗ୍ରହଣୀୟତା ହରାଇବାର ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ । କୌଣସି ଶକ୍ତିଶାଳୀ ରାଷ୍ଟ୍ର ପାଇଁ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ନିଜସ୍ୱ ବିନିମୟ ମୁଦ୍ରାର କ୍ରୟଶକ୍ତିକୁ ଦୁର୍ବଳ କରିବା ପ୍ରୟାସ ସହଜେ ଗ୍ରହଣୀୟ ନୁହେଁ । ଆମେରିକା ଏଥିରେ ଉତ୍‌କ୍ଷିପ୍ତ ନହୋଇ ଗତି ନାହିଁ । ଦୁଇହଜାର ମସିହାରେ ଇରାକ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ଉଠାଇ ଆଣି ଫାଶୀଖୁଣ୍ଟରେ ଝୁଲାଇବା ନୀତିକୁ ଟ୍ରମ୍ପ ଦୋହରାଇବା ଆରମ୍ଭ କଲେ ମାଡୁରୋଙ୍କ ପାଇଁ । ମାଡୁରୋଙ୍କୁ ଗାଦିଚ୍ୟୁତ କରି ଗିରଫ କରିବା ପାଇଁ ଆମେରିକା ୨୦୨୦ ମାର୍ଚ୍ଚ ୨୬ ରେ ୧୩୦ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲା । ୨୦୨୫ ରେ ସେ ତୃତୀୟ ଥର ପାଇଁ ରାଷ୍ଟ୍ରପତି ଆସନ ହାସଲ କରିବା ପରେ ପୁରସ୍କାର ରାଶି ୪୨୦ କୋଟି ଟଙ୍କାରେ ପହଞ୍ଚାଇଥିଲା । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ ଆମେରିକୀୟ ଆକ୍ରମଣରେ ଗଭୀର ଉଦ୍‌ବେଗ ପ୍ରକାଶ କରି ତାହାକୁ ଭୟଙ୍କର ଉଦାହରଣ ଆଖ୍ୟା ଦେଇଛନ୍ତି ହ୍ୱାଇଟ୍ ହାଉସର ଏହି ପଦକ୍ଷେପ ବିଶ୍ୱସ୍ତରରେ ଭୟଙ୍କର ପରିଣାମ ସୃଷ୍ଟି କରିବା ଆଶଙ୍କାକୁ ସେ ସ୍ୱୀକାର କରିବା ସହିତ ତାହାକୁ ଆନ୍ତର୍ଜାତିକ ଆଇନର ଉଲ୍ଲଙ୍ଘନ ଭାବେ ବର୍ଣ୍ଣନା କରିଛନ୍ତି ।

ବିଶ୍ୱ ଶାନ୍ତିରେ ସର୍ବଦା ବିଶ୍ୱାସ କରୁଥିବା ରାଷ୍ଟ୍ର ଭାରତ ସାଂପ୍ରତିକ ପରିସ୍ଥିତିରେ ଚିନ୍ତା ପ୍ରକଟ କରିବା ମଧ୍ୟ ସ୍ୱାଭାବିକ ୧୯୬୮ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ଲାଟିନ ଆମେରିକୀୟ ଦେଶ ଭେନେଜୁଏଲା ଯାଇ ଦ୍ୱିପାକ୍ଷିକ ସମ୍ପର୍କ ସେତୁ ସ୍ଥାପନ କରିଥିଲେ । ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ସ୍ୱଳ୍ପକାଳୀନ ଗସ୍ତରେ ସେଠାକାର ଅଧିବାସୀ ବେଶ୍ ଭାବବିହ୍ୱଳ ହୋଇପଡିଥିଲେ । ରଷରୁ ତୈଳ ଆମଦାନୀ ନେଇ ଭାରତ ଉପରେ ଖପ୍ପା ହୋଇଥିବା ରାଷ୍ଟ୍ରପତି ଟ୍ରମ୍ପ ଏହି ସମ୍ପର୍କକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି । ଭାରତ ଉପରେ ପଚାଶ ପ୍ରତିଶତ ଟିକସ ଲଗାଇ ମଧ୍ୟ ସେ ଶାନ୍ତି ହେଉନଥିବା ସମଗ୍ର ବିଶ୍ୱକୁ ବାର୍ତ୍ତା ଯାଇଛି । ଭାରତ ତା'ର ମନୋଭାବରେ ପରିବର୍ତ୍ତନ ନ ଆଣିଲେ ପାଞ୍ଚଶହ ପ୍ରତିଶତ ଟିକସ ଲଗାଇ ଆର୍ଥିକ ଯୁଦ୍ଧର ଭୟ ସୃଷ୍ଟି କରିଥିବା ଟ୍ରମ୍ପ ମଧ୍ୟ ଭୁଲିଯାଇଛନ୍ତି ଯେ, ଅପରେସନ ସିନ୍ଦୁର ପରିପ୍ରେକ୍ଷୀରେ ନୂଆଦିଲ୍ଲୀ ଉପରେ ଚାପ ସୃଷ୍ଟି କରି ସ୍ଥାୟୀ ଯୁଦ୍ଧବିରତି ପରିସ୍ଥିତି ଉପୁଜାଇ ଥିଲେ । ଭାରତ–ପାକ ଯୁଦ୍ଧ ବିଭୀଷିକାରେ ପୂର୍ଣ୍ଣଚ୍ଛେଦ ପକାଇ ଲକ୍ଷ ଲକ୍ଷ ଲୋକଙ୍କ ଜୀବନହାନି ଆଶଙ୍କାକୁ ଏଡାଇଥିବା ଦର୍ଶାଇ ସେ ଏକଦା ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି ଜଣାଇଥିଲେ । ସେ କ୍ଷେତ୍ରରେ ବିଫଳତା ପରେ ବିସ୍ତାରବାଦ ନୀତିକୁ ସୁଦୃଢ଼ କରି ଭୟଙ୍କର ବିଶ୍ୱ ବିପି ସୃଷ୍ଟି ଲାଗି ବୀଜବପନ କରିବା ପ୍ରୟାସକୁ ଅଧିକାଂଶ ରାଷ୍ଟ୍ର ଏ ଯାଏ ଗ୍ରହଣ କରିପାରୁ ନାହାନ୍ତି । ରଷିଆ, ଚୀନ, ଇରାନ, କ୍ୟୁବା, ଆମେରିକୀୟ ବିସ୍ତାରବାଦ ମନୋଭାବକୁ ବିରୋଧ କରିଥିବା ବେଳେ ବ୍ରିଟେନ, ଫ୍ରାନ୍ସ, ଇସ୍ରାଏଲ, ପେରୁ, ଆର୍ଜେଣ୍ଟିନା ସମେତ ନାଟୋ ରାଷ୍ଟ୍ର ସମର୍ଥନ ଜଣାଇଛନ୍ତି । ରଷିଆ, ଚୀନ ଓ ଇରାନ ପଟୁ ଆମେରିକା ବା କୌଣସି ସମର୍ଥକ ରାଷ୍ଟ୍ର ଉପରେ ଆକ୍ରମଣ ହେଲେ ନାଟୋ ଦେଶ ସମୂହ ଚୁପ ହୋଇ ବସିବେ ନାହିଁ ବୋଲି ଚେତାବନୀ ଶୁଣାଇ ଦେଇଛନ୍ତି । ମାତ୍ର ସାଂପ୍ରତିକ ସ୍ଥିତିରେ ଭଙ୍ଗା ନପଡିଲେ ତୃତୀୟ ବିଶ୍ୱଯୁଦ୍ଧ ଭଳି ବିପିକୁ ରୋକିବା କଷ୍ଟସାଧ ହୋଇପଡିବ ।


**ବରିଷ୍ଠ ସାମ୍ବାଦିକ, କଟକ**
*ମୋ– ୯୪୩୭୧୩୪୪୦୦*


# ପୁରୁଷୋତ୍ତମ ଶ୍ରୀଜଗନ୍ନାଥ

■ **କବୀର କୁମାର ଜେନା** ■

ବହୁକାଳରୁ ପୁରୀ ପୁରୁଷୋତ୍ତମ ଧାମ ନାମରେ ପରିଚିତ ହୋଇ ଆସିଅଛି । ଖୁବ ସମ୍ଭବ ଶଙ୍କରାଚାର୍ଯ୍ୟଙ୍କ ଗୀତାର ବର୍ଣ୍ଣିତ ପୁରୁଷୋତ୍ତମ ବୋଲି ପ୍ରଚାର କରିଥିଲେ। ପୁରୁଷୋତ୍ତମ ତତ୍ତ୍ୱ ଉପରେ ଆଧାରିତ ଗୀତାରେ ପୁରୁଷୋତ୍ତମ ଯୋଗ ନାମରେ ପ୍ରସିଦ୍ଧ ପଞ୍ଚଦଶ ଅଧ୍ୟାୟ ୧୮ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି– ଯେ ହେତୁ ମୁଁ କ୍ଷରର ଅତୀତ ଏବଂ ଅକ୍ଷର ଠାରୁ ଉତ୍ତମ, ତେଣୁ ଲୋକରେ ଓ ବେଦରେ ପୁରୁଷୋତ୍ତମ ବୋଲି ପ୍ରସିଦ୍ଧ ହୋଇଛି । ପଣ୍ଡିତ ନୀଳକଣ୍ଠଙ୍କ ମତରେ 'ଲୋକରେ ବୋଇଲେ ଜଗତନଙ୍କ ଉପାସନା ପାଇଁ ସେ ହେଉଛନ୍ତି ପୁରୁଷୋତ୍ତମ । ବେଦରେ ବୋଇଲେ ଜ୍ଞାନରେ ବା ତତ୍ତ୍ୱଦର୍ଶନ ହିସାବରେ ମଧ୍ୟ ସେହି ହେଉଛି ପୁରୁଷୋତ୍ତମ ।' ତେଣୁ ଗୀତା ବେଳକୁ ଆଉ କେଉଁଠାରେ ପୁରୁଷୋତ୍ତମ ନ ଥିଲେ ବୋଲି ପଣ୍ଡିତ ନୀଳକଣ୍ଠ ମତ ଦେଇଛନ୍ତି । ଗୀତା ବର୍ତ୍ତମାନ ରୂପ ଗ୍ରହଣ କରିବାକୁ ପ୍ରାୟ ୩୦୦ ଖ୍ରୀଷ୍ଟାବ୍ଦ ହେବ ବୋଲି ଗ୍ରହଣ କରାଯାଇ ପାରେ । କାରଣ ଏହା ସାଂଖ୍ୟ ଯୋଗ, ବେଦାନ୍ତ, ଶ୍ୱେତାଶ୍ୱେତର ଉପନିଷଦ ଉପରେ ପ୍ରତିଷ୍ଠିତ ଏକ ସମନ୍ୱୟବେଦୀ ଦର୍ଶନ । ମନେ ହୁଏ ପୁରୁଷୋତ୍ତମ ଦର୍ଶନର ଉଦ୍ଭବ ସଙ୍ଗେ ସଙ୍ଗେ ଏହି ପୁରୁଷୋତ୍ତମ ମାଧ୍ୟମରେ ତାହାର ପ୍ରତୀକ ଉପାସନା ପ୍ରଚଳିତ ହୋଇ ଆସିଛି ।

ଗୀତାରେ ସମସ୍ତ ଭୂତଗଣଙ୍କୁ କ୍ଷର ପୁରୁଷ ବୋଲି କୁହାଯାଇଛି । ସର୍ବବ୍ୟାପି ପ୍ରାଣଶକ୍ତି ଚଞ୍ଚଳ ହୋଇ ସ୍ୱ, ରଜ ଓ ତମରେ ପରିବର୍ତ୍ତିତ ହୋଇଛି। ସେଥିରୁ ପୁଣି ଏହା ଜଡ଼ ପଞ୍ଚଭୂତ ଓ ଜୀବନ୍ତ ପ୍ରାଣୀ ସମୂହ ଭାବରେ ଏହି ବିପୁଳକାୟ ବିଶ୍ୱରୂପରେ ପ୍ରକାଶିତ ହୋଇଛି। ଏହି ସୃଷ୍ଟି ବିବର୍ତ୍ତନ ଓ ପରିବର୍ତ୍ତନ ମଧ୍ୟରେ କ୍ଷରଣଶୀଳ। ଏହାର ସୃଷ୍ଟି, ସ୍ଥିତି, ପ୍ରଳୟ ଅଛି – ତେଣୁ ସମସ୍ତ ଭୂତ ଓ ପ୍ରାଣୀଗଣ କ୍ଷର ପୁରୁଷ। ଏହା ଜଗତରୂପୀ ବଳରାମ ଶରୀର। ଋଗବେଦର ଦଶମ ମଣ୍ଡଳର ପୁରୁଷସୁକ୍ତରେ ସର୍ବବ୍ୟାପୀ ବିରାଟ ପୁରୁଷର କଥା କୁହାଯାଇଛି । ସେହି ପୁରୁଷ ସହସ୍ର ମସ୍ତକ, ସହସ୍ର ଚକ୍ଷୁ ଓ ସହସ୍ର ପାଦ ବିଶିଷ୍ଟ। ସେ ସମସ୍ତ ପୃଥିବୀକୁ ବ୍ୟାପ୍ତ କରି ଦଶାଙ୍ଗୁଳି ପରିମିତ ହୋଇ ବିରାଜମାନ। ଲକ୍ଷ୍ୟ କଲେ ଜଣାପଡ଼େ ଯେ ବେଦର ଏହି ପୁରୁଷସକ୍ତ କାଳରୁ ପୁରୁଷୋତ୍ତମ ଦର୍ଶନ ମୂଳବୀଜ ନିହିତ । ଏହି ପ୍ରକାଶିତ ବିଶ୍ୱ ତାଙ୍କର ମହିମା ବୋଲି ବେଦରେ କୁହାଯାଇଛି । ଋଗବେଦର ପୁରୁଷ ଓ ଉପନିଷଦର ବ୍ରହ୍ମ ସ୍ୱରୂପତଃ ଅଭିନ୍ନ ।

ପୁରୁଷୋତ୍ତମ ଯୋଗରେ ଅନ୍ୟ ଏକ ପୁରୁଷ ଅକ୍ଷର ପୁରୁଷ କଥା କୁହାଯାଇଛି । କୂଟସ୍ଥକୁ ଅକ୍ଷର ପୁରୁଷ ବୋଲି କୁହାଯାଏ। କୁଟ ବା ଦେହରେ ନିର୍ବିକାର ଭଳି ଯେ ରହିଛନ୍ତି । ଏହି ଜ୍ଞାନ ଶରୀର କୂଟସ୍ତ ଚୈତନ୍ୟ ବା ଅକ୍ଷର ବୋଲି ପରିଚିତ। ଏହି ଶରୀରରୂପୀ କ୍ଷେତ୍ରରେ ସେ ହେଉଛନ୍ତି ଜ୍ଞାତା, ବିଶ୍ୱରୂପୀ ଶରୀରର ସେ ହେଉଛନ୍ତି ଜ୍ଞାନ ଶରୀର। ଏହି ଅକ୍ଷର ଶରୀର ଆତ୍ମା ସର୍ବଦା ସାକ୍ଷୀଭୂତ । ଗୀତାରେ ଅଛି ଯେ ସେହି ଆତ୍ମା ଜୀବେ ଜୀବେ ବିଭକ୍ତ ବା ଭିନ୍ନ ଭିନ୍ନ ପ୍ରତିଭାତ ହୋଇଥିଲେ ମଧ୍ୟ ସେ ଅବିଭକ୍ତ ବା ଏକ। ସେହି ଅକ୍ଷର ପୁରୁଷ ଜୀବୀଭୂତ ସନାତନବୋଲି ଗୀତାରେ କୁହାଯାଇଛି । ସେହି ଆତ୍ମା ବିଭକ୍ତ ହୋଇ ପ୍ରକୃତ ମଧ୍ୟରେ ଅବସ୍ଥିତ ରହି ପଞ୍ଚଇନ୍ଦ୍ରିୟ ଓ ମନଦ୍ୱାରା ଭୋଗ ପାଇଁ ଜୀବଲୋକକୁ ଓହ୍ଲାଇ ଆସିଛନ୍ତି। ଯେପରି ବାୟୁ କୁସୁମରୁ ଗନ୍ଧବିଶିଷ୍ଟ ସୂକ୍ଷ୍ମାଂଶ ଗ୍ରହଣ କରେ, ସ୍ଥାନାନ୍ତରକୁ ନେଇଯାଏ– ସେହିପରି ଏହି ଜ୍ଞାନଶରୀରକୁ ଘେନି ଆତ୍ମା ଦେହାନ୍ତର ଗ୍ରହଣକରେ ବୋଲି ଗୀତାରେ ଅଛି ।। ଯେ ହେତୁ ଜୀବଶରୀର ମଧ୍ୟରେ ଏହି ଆତ୍ମା କୂଟସ୍ଥ ଚୈତନ୍ୟ ବା ଆଜ୍ଞାଚକ୍ରରେ ଅବସ୍ଥିତ ଓ ସ୍ୱୟଂ ଜ୍ୟୋତି ସମ୍ପନ୍ନ ତାଙ୍କର ବର୍ଣ୍ଣ ସୁବର୍ଣ୍ଣବର୍ଣ୍ଣ ।

ଜଗନ୍ନାଥ ଗବେଷକ ଅଧ୍ୟାପକ ରାଘବାନନ୍ଦ ନାୟକଙ୍କ ତଥ୍ୟ ଅନୁଯାୟୀ 'ଏହି ବିଶ୍ୱ ଆତ୍ମା ସର୍ବକାରଣର କାରଣ ହେଉଛନ୍ତି ଜଗନ୍ନାଥ ପୁରୁଷୋତ୍ତମ ।। ସବୁ ଜୀବାତ୍ମା ତାଙ୍କର ଅଂଶଭୂତ ତାହା ତାଙ୍କର ଅକ୍ଷର ଶରୀର। ଏହି ବିଶ୍ୱ ବ୍ରହ୍ମାଣ୍ଡ ତାଙ୍କର କ୍ଷର ଶରୀର ହେଲେ ମଧ୍ୟ ଏହାଠାରୁ ସେ ଅତୀତ । ସର୍ବଭୂତରେ ଅନ୍ତରାତ୍ମା ସେହି ପୁରୁଷ ସବୁ ଜୀବାତ୍ମାର ସମାହାର ହୋଇ ମଧ୍ୟ ତାହାଠାରୁ ବଶିଷ୍ଟ ଓ ଶ୍ରେଷ୍ଠବୋଲି ସେ ପୁରୁଷୋତ୍ତମ। ସେ ହେଉଛନ୍ତି ସର୍ବଭୂତର ଆତ୍ମା ପରମାତ୍ମା ପରମବ୍ରହ୍ମ ଜଗନ୍ନାଥ ଗୀତା କହେ ଯେ ଈଶ୍ୱର ହେଲେ ମଧ୍ୟ ସେ ନିର୍ବିକାର ଲୋକତ୍ରୟରେ ପ୍ରବିଷ୍ଟ ହୋଇ ପାଳନ କରୁଛନ୍ତି ବୋଲି ସେ ଜଗତର ନାଥ। ସେ ଯେଉଁଠି ଅବସ୍ଥିତ ତାହା ପରମ ଧାମ ଓ ପୁରୁଷୋତ୍ତମ କ୍ଷେତ୍ର। କାରଣ ସେ ହେଉଛନ୍ତି ପରମ ସତ୍ତା । ତାଙ୍କର ସେହି ପରମ ସ୍ୱରପକୁ ତାଙ୍କର ବିଭୂତି ଓ ଜ୍ୟୋତି, ଐଶ୍ୱର୍ଯ୍ୟର ଅଭିବ୍ୟକ୍ତି ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି ପ୍ରକାଶ କରିପାରେ ନାହିଁ – ଏହି ବିଶ୍ୱ ବ୍ରହ୍ମାଣ୍ଡ ରୂପ ମଧ୍ୟ ତାଙ୍କର ସ୍ୱରୂପକୁ ପ୍ରକାଶ କରିବା ସମ୍ଭବ ନୁହେଁ, ତେଣୁ ଏହାଠାରୁ ସେ ଭିନ୍ନ। ଜୀବ ଆତ୍ମା ତାଙ୍କର ଅଂଶ ହୋଇଥିବାରୁ ତାଙ୍କର ସ୍ୱରୂପକୁ କିଞ୍ଚିତ ପ୍ରକାଶକରେ ସତ, ମାତ୍ର ଏହାଠାରୁ ତାଙ୍କର ସ୍ୱରୂପକୁ କିଞ୍ଚିତ ପ୍ରକାଶକରେ ସତ, ମାତ୍ର ଏହାଠାରୁ ତାଙ୍କର ସ୍ୱରୂପ ଆହୁରି ମହିମାବନ୍ତ। ବିନ୍ଦୁ ସିନ୍ଧୁର କଳନା କରିବ କିପରି ? ତାହା ସ୍ୱପ୍ରକାଶ ପରମ ଜ୍ୟୋତିର୍ମୟ ସ୍ଥାନ। ଆତ୍ମାର ହିରଣ୍ମୟ ବିନ୍ଦୁ ସୂକ୍ଷ୍ମାଶରୀର ସେଠାକୁ ଗଲେ, ଜୀବ ସତ୍ତ୍ୱେ, ରଜ, ତମମୁକ୍ତ ହୋଇ ସେହି ସ୍ୱରୂପରେ ଅବସ୍ଥାନ କଲେ ସେହି ପୁରୁଷୋତ୍ତମ ଧାମରେ ରହେ। ସେହି ପୁରୁଷୋତ୍ତମ ସହ ମିଶିଗଲେ ପାଏ କୈବଲ୍ୟ ମୁକ୍ତି। ଏହା ହିଁ ହେଉଛି ପରମଧାମ ବୈକୁଣ୍ଠ।'

ପାତାଳଠାରୁ ବ୍ରହ୍ମଲୋକ ପର୍ଯ୍ୟନ୍ତ ଥିବା ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିଚକ୍ରଠାରୁ ଉର୍ଦ୍ଧ୍ୱରେ ଏହି ଧାମର ଅବସ୍ଥାନ। ଜୀବାତ୍ମା ସାଧନଦ୍ୱାରା ତାହା ପ୍ରାପ୍ତ ହେଲେ ସୃଷ୍ଟିଚକ୍ରର ଆବର୍ତ୍ତନ ମଧ୍ୟରେ ଆଉ ପେଡ଼୍ ନାହିଁ ବୋଲି ପୁରୁଷୋତ୍ତମ ଯୋଗରେ କୁହାଯାଇଛି। ସେଠାରେ ଯେ ପହଞ୍ଚିବ ସେ ଜଗନ୍ନାଥ ମୂର୍ତ୍ତି ହୋଇଯିବ। ସମୁଦ୍ର ମଧ୍ୟରେ ଜଳବିନ୍ଦୁ ପଡ଼ିଲେ ଯେପରି ସମୁଦ୍ର ହୋଇଯାଏ, ସ୍ୱତନ୍ତ୍ର ହୋଇ ରହେନାହିଁ। ସେ ହେଉଛନ୍ତି ସମସ୍ତ ସୃଷ୍ଟିର କେନ୍ଦ୍ରଭୂମି, ଏକ ସ୍ଥିର ଅବିନାଶୀ ପରମତ୍ୱ। କ୍ଷରଣଶୀଳ ଜଗତର ଅତୀତ, ଅକ୍ଷର ଜୀବୀଭୂତ ଆତ୍ମା ଠାରୁ ଶ୍ରେଷ୍ଠ ସବୁର, ଆଦି, ଅନ୍ତ, ମଧ୍ୟ ପରମଧାମ ଓ ଆଧାର ମଧ୍ୟ ସେହି ଜଗନ୍ନାଥ। ବିଶ୍ୱରୂପ ଦର୍ଶନ ଯୋଗରେ ଅର୍ଜ୍ଜୁନ ସେହି ପରମ ପୁରୁଷଙ୍କୁ ଦର୍ଶନ କରି କହୁଛନ୍ତି– ତୁମେ ଅକ୍ଷର ବ୍ରହ୍ମ, ତୁମେ ଜ୍ଞାତବ୍ୟ ତୁମେ ବିଶ୍ୱର ପ୍ରଧାନ ଆଶ୍ରୟ, ତୁମେ ନିତ୍ୟ ଓ ସନାତନ ଧର୍ମ ପାଳକ, ତୁମେ ନିରନ୍ତର ପୁରୁଷ ଏହା ହେଉଛି ମୋର ଉପଲବ୍ଧି।

ସୃଷ୍ଟି ପ୍ରକ୍ରିୟାରେ ଯେ ଚିର ସ୍ୱତନ୍ତ୍ର ସେ ଅବତାର ଗ୍ରହଣ କରିବା ପୁରୁଷୋତ୍ତମ ତତ୍ତ୍ୱର ଏକ ଗଭୀର ଜ୍ଞାନ ଦର୍ଶନ। ଜୀବରୂପରେ ସେ ରୂପେ ରୂପେ ବହୁହୋଇ ଏହି ଲୋକରେ ଅଂଶବତାର ହୋଇଛନ୍ତି। ତଥାପି ତାଙ୍କ ପୂର୍ଣ୍ଣତାର ହାନି ହୋଇନାହିଁ। ସେହି ପୂର୍ଣ୍ଣ ପରଂବ୍ରହ୍ମ ମଣିଷ ଶରୀରକୁ ଆଶ୍ରୟ କରି ଆବଶ୍ୟକ ଅନୁସାରେ ଯୁଗେ ଯୁଗେ ଅବତାର ହୋଇଥାନ୍ତି। ପରମ ବ୍ରହ୍ମଙ୍କର ପୂର୍ଣ୍ଣବତାର ପୁରୁଷୋତ୍ତମ କୃଷ୍ଣ ଓଡ଼ିଶାର କାଳିଆ ଠାକୁର ଜଗନ୍ନାଥ ଭାବରେ ପୁରୁଷୋତ୍ତମ ଧାମରେ ପୂଜିତ। ପୁରୁଷୋତ୍ତମ ଦର୍ଶନ କ୍ଷର ପୁରୁଷ ଅନନ୍ତ ବିଶ୍ୱରୂପୀ ବଳରାମ ଜ୍ଞାନରୂପା ଅକ୍ଷର ପୁରୁଷ ସୁଭଦ୍ରା ଓ ପରଂବ୍ରହ୍ମରୂପୀ ପୁରୁଷୋତ୍ତମ ଜଗନ୍ନାଥ ଏହି ପୁରୁଷୋତ୍ତମ ଜଗନ୍ନାଥ ଏହି ପୁରୁଷୋତ୍ତମ ଧାମରେ ବିଜେ କରିଛନ୍ତି। ସେଥିପାଇଁ ବ୍ରହ୍ମ ପୁରାଣରେ ଏହି ପୁରୁଷୋତ୍ତମ କ୍ଷେତ୍ରକୁ ବିଶ୍ୱରେ ପ୍ରସିଦ୍ଧତମ ବୋଲି କୁହାଯାଇଛି। ଯାହାଥିଲା ଦର୍ଶନ ଓ ଦ୍ୱ ଓ ତାହା ଏହି ପୁରୀଧାମରେ ହୋଇଛି ମୂର୍ତ୍ତିମନ୍ତ। ଏହି ଦର୍ଶନରେ ସମସ୍ତ ଦର୍ଶନ ସମନ୍ୱୟ। ସେହି ପରମାତ୍ମା ସହ ଜୀବାସାର ମିଳନ ହିଁ ଯୋଗ। ଏହି ଯୋଗ ଅବସ୍ଥାରେ ସର୍ବ ବାସୁଦେବମୟ ଜ୍ଞାନ ଲାଭ ହୁଏ । ଆମ ଶରୀର ମଧ୍ୟ ବ୍ରହ୍ମାଣ୍ଡର କ୍ଷୁଦ୍ର ପ୍ରତିକୃତି । ଆମର ଶରୀର ମଧ୍ୟ ବଳରାମ ରୂପୀ କର୍ମମୟ କ୍ଷର ପୁରୁଷ । ଚିଦ୍‌ରୂପୀ ଜ୍ଞାନମୟୀ ଅକ୍ଷର ସୁଭଦ୍ରା ଶରୀର ଆମ କୂଟସ୍ଥ ଚୈତନ୍ୟରେ ସ୍ୱୟଂ ଜ୍ୟୋତିବିନ୍ଦୁ ରୂପରେ ବାସକରୁଛନ୍ତି । ତାହା ହିଁ ତ ଆମର ଜୀବାତ୍ମା । ଏହାର ଉର୍ଦ୍ଧ୍ୱରେ କୂଟସ୍ଥ ବା ଆଜ୍ଞାଚକ୍ର ଠାରୁ ବ୍ରହ୍ମରନ୍ଧ୍ରୁ ପର୍ଯ୍ୟନ୍ତ ଦଶାଙ୍ଗୁଳି ପରିମିତ ସ୍ଥାନରେ ବେଦର ବିଶିଷ୍ଟ ବିରାଟ ପୁରୁଷ, ପରମ ବ୍ରହ୍ମସ୍ୱରୂପ ଉପନିଷଦର ସ୍ୱୟଂ ଜ୍ୟୋତିର୍ମୟ ପୁରୁଷ, ଗୀତାର ପୁରୁଷୋତ୍ତମଙ୍କ ଅଧିଷ୍ଠାନ । ତେଣୁ ଏହି ଶରୀର ହିଁ ସେହି ପୁରୁଷୋତ୍ତମ କ୍ଷେତ୍ର ବୋଲି କୁହାଯାଇପାରେ ।


*ଓଡ଼ିଶା ହାଇକୋର୍ଟ, କଟକ,*
*ମୋ. ୮୯୧୭୩୭୭୯୮୭*


# ଡାକ୍ତରୀ ଶିକ୍ଷା ଓ 'ବିତର୍କରେ ବିଯୁକ୍ତ ୪୦'

■ **ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର** ■

ଡାକ୍ତରୀ ପାଠପଢ଼ା ସବୁଠାରୁ କଷ୍ଟଦାୟକ ଓ ଏହି କଷ୍ଟଲବ୍ଧ ପାଠ ପାଇଁ ସମ୍ଭବତଃ ଡାକ୍ତରୀ ଶିକ୍ଷାକୁ ଏକ କଷ୍ଟଦାୟକ ଶିକ୍ଷା ଭାବରେ ସମସ୍ତେ ଜାଣନ୍ତି । ଅନେକ ଜାଣିଛନ୍ତି ଡାକ୍ତରୀ ପାଠ୍ୟକ୍ରମରେ ପିଜି ଡିଗ୍ରୀ ପାଇବା ନିମିତ୍ତ ଏମବିବିଏସ ଅର୍ଥାତ୍ ଡାକ୍ତରୀ ସ୍ନାତକମାନଙ୍କୁ ଆଉ ସମ୍ଭବତଃ ବେଶି ପରିଶ୍ରମ ବା ଅଧ୍ୟବସାୟ କରିବା ପାଇଁ ପଡ଼ିବନାହିଁ । ଆମ ଦେଶରେ ଡାକ୍ତରୀ ପାଠ୍ୟକ୍ରମ ବ୍ୟବସ୍ଥାରେ ଏପରି ଶିକ୍ଷା ଓ ତାଲିମର ବ୍ୟବସ୍ଥା ରହିଛି ଜଣେ ପରୀକ୍ଷାର୍ଥୀ ଏଥିପାଇଁ ଆବଶ୍ୟକ ହେଉଥିବା ପ୍ରବେଶିକା ପରୀକ୍ଷା ଯାହାକୁ ନିଟ–ପିଜି କୁହାଯାଉଛି ସେଥିପରେ ବିଯୁକ୍ତ ଚାଳିଶ ନମ୍ବର ରଖିଲେ ମଧ୍ୟ ନାମ ଲେଖାଇବା ପାଇଁ ଯୋଗ୍ୟତା ରଖିପାରୁଛି । ନିକଟରେ ଏଭଳି ଏକ ପ୍ରସଙ୍ଗ ଉଦାହରଣ ସୃଷ୍ଟି ହେବାପରେ ଏହା ଅନେକ ବିବାଦ, ବିତର୍କ ଓ ତର୍କ ଆଲୋଚନାର ଝଡ଼ ସୃଷ୍ଟି କରିଛି । କେବଳ ସେତିକି ନୁହେଁ ଭାରତ ପରି ଡାକ୍ତର ସମୃଦ୍ଧ ଦେଶରେ ଡାକ୍ତରୀ ଶିକ୍ଷା ଓ ଡିଗ୍ରୀଧାରୀ ଡାକ୍ତରମାନଙ୍କର ଗୁଣାତ୍ମକ ଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ।

ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ବା ଡାକ୍ତରୀ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ ଆମ ଦେଶରେ ନିର୍ଦ୍ଦିଷ୍ଟ ପ୍ରବେଶିକା ପରୀକ୍ଷା ଏମବିବିଏସ ପାଇଁ ନିଟ ୟୁଜି ଏବଂ ସ୍ପେଶାଲିଷ୍ଟ ପାଇଁ ନିଟ ପିଜି ପ୍ରଚଳିତ ଅଛି । ଏହି ପ୍ରବେଶିକା ପରୀକ୍ଷାର ଫଳାଫଳ ଆଧାରରେ ମାନ୍ୟତାପ୍ରାପ୍ତ ମେଡ଼ିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ମିଳୁଛି । ପ୍ରତି ଠିକ ଉତ୍ତର ପାଇଁ ୪ ନମ୍ବର ମିଳୁଥିବା ବେଳେ ପ୍ରତି ଭୁଲ ଉତ୍ତର ପାଇଁ ୧ ନମ୍ବର ବିଯୁକ୍ତ ହୋଇଯାଏ ଏବଂ ଆଦୌ ଉତ୍ତର ନଲେଖିଲେ ଶୂନ ମିଳେ । ମୋଟ ଠିକ ଉତ୍ତରର ଗୁଣନ ୪ର ଫଳାଫଳରୁ ମୋଟ ଭୁଲ ଉତ୍ତର ଗୁଣନ ୧ ଫଳାଫଳକୁ ବିଯୁକ୍ତ କଲେ ଯେଉଁ ସର୍ବଶେଷ ନମ୍ବର ରହେ ତାହା ଯୋଗ୍ୟତା ମାନଦଣ୍ଡ ବା ମେଧା ନିର୍ଦ୍ଧାରଣ କରେ । ସାମାନ୍ୟ ବା ଅତି ନଗଣ୍ୟ ପଏଣ୍ଟ ବ୍ୟବଧାନରେ ଭାଗ୍ୟ ନିର୍ଦ୍ଧାରଣ ହେଉଥିବାରୁ ଛାତ୍ରଛାତ୍ରୀମାନେ ଗଳଦଘର୍ମ ଉଦ୍ୟମ କରି ଆସୁଛନ୍ତି ଏବଂ ମେଡ଼ିକାଲ ଛାତ୍ରଛାତ୍ରୀ ଉତ୍ପାଦନକାରୀ ମେସିନ ରୂପେ ପରିଚିତ ରାଜସ୍ଥାନର କୋଟାରେ ଛାତ୍ରଛାତ୍ରୀମାନେ ଆକାଂକ୍ଷା, ପ୍ରତିଯୋଗିତା ଓ ମାତ୍ରାଧିକ ଚାପରେ ଆତ୍ମହତ୍ୟା କରୁଥିବା ଭଳି ଉଦାହରଣ ବଢ଼ିବାରେ ଲାଗିଛି । କିନ୍ତୁ ସଦ୍ୟତମ ନିଟ ପିଜିରେ ସୃଷ୍ଟି ହୋଇଥିବା ଏହି ବ୍ୟତିକ୍ରମ ଯେତିକି ଆଶ୍ଚର୍ଯ୍ୟଜନକ ତତୋଧିକ ଉଦବେଗଜନକ । ଏହି ପରୀକ୍ଷାରେ ଠିକ ଉତ୍ତର ଓ ଆଦୌ ଉତ୍ତର ଦେଇନଥିବା ପ୍ରଶ୍ନ ତୁଳନାରେ ଅଧିକ ଭୁଲ ଉତ୍ତର ଦେଇଥିବା ବା ବିଯୁକ୍ତାତ୍ମକ ୪୦ (–୪୦) ନମ୍ବର ରଖିଥିବା ଜଣେ ପରୀକ୍ଷାର୍ଥୀଙ୍କୁ ପିଜି ସ୍ପେଶାଲିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ମିଳିଛି । ଏହି ଧାରା ପୂର୍ବବର୍ଷ ମାନଙ୍କରୁ ଜାରି ରହିଥିବା ବେଳେ ଚଳିତ ବର୍ଷ ବିଯୁକ୍ତ ୪୦ ପର୍ଯ୍ୟନ୍ତ ହ୍ରାସ ପାଇଛି ।

ସବୁଠାରୁ ବଡ଼କଥା ହେଉଛି ଆମ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଅନେକ ଆହ୍ୱାନ ଭିତରେ ଗୋଟିଏ ବଡ଼ ଆହ୍ୱାନ ହେଉଛି ଚଳିତ ବର୍ଷ ଦେଶର ବିଭିନ୍ନ ମେଡ଼ିକାଲ କଲେଜରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ପିଜି ସିଟ ସଂଖ୍ୟା ଯୋଡ଼ା ଯାଇଥିଲେ ମଧ୍ୟ ସେଥିରେ ନାମ ଲେଖାଇବା ପାଇଁ ପରୀକ୍ଷାର୍ଥୀମାନେ ଆଶା ମୁତାବକ ନିର୍ଦ୍ଦିଷ୍ଟ ନମ୍ବର ରଖିବାରେ ବଞ୍ଚିତ ହୋଇଛନ୍ତି । ତେଣୁ ସମସ୍ତ ପିଜି ସିଟ ସଂଖ୍ୟା ପୂରଣ କରିବା ଉଦ୍ଦେଶ୍ୟରେ ଶତପ୍ରତିଶତ ନମ୍ବର ରଖିଥିବା ପ୍ରାର୍ଥୀଙ୍କ ସହିତ ଶୂନ ବା ତଳକୁ ଚାଳିଶ ପର୍ଯ୍ୟନ୍ତ ବିଯୁକ୍ତାତ୍ମକ ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ସୁଯୋଗ ଦେବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଏହାର ଫଳସ୍ୱରୂପ ଡାକ୍ତର ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ନିମିତ୍ତ ଚଳିତ ବର୍ଷ କଟଅଫ ମାର୍କ ବିଯୁକ୍ତ ୪୦କୁ ଖସି ଆସିଛି । ବିଶେଷଜ୍ଞ ହେବାକୁ ଯାଉଥିବା ବିଶେଷକରି ଜୀବନରକ୍ଷାକାରୀ ଏକ ସେବା ବ୍ୟବସ୍ଥାରେ ଯୋଡ଼ି ହେବାକୁ ଯାଉଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଯୋଗ୍ୟତା ଏଥିରୁ ସୁସ୍ପଷ୍ଟ। ଉଲ୍ଲେଖନୀୟ କଥା ହେଉଛି ସରକାରୀ ଭାବରେ ଏହି ଅପରିଣାମଦର୍ଶୀ ନୀତି, ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିର ଫଳ ଆଗାମୀ ଦିନରେ ନିଶ୍ଚିନ୍ତ ପଡ଼ିବ ।

ଏହା ବେଶ ଭଲଭାବେ ଜଣାଯେ ଭାରତରେ ଯେତିକି ସଂଖ୍ୟାରେ ମେଡ଼ିକାଲ କଲେଜମାନ ନିର୍ମାଣ ହେଉଛି ତାହାକୁ ଦେଖି ସେଥି ନିମିତ୍ତ ଆବଶ୍ୟକ ପଡୁଥିବା ଭିତ୍ତିଭୂମି, ଆବଶ୍ୟକ ପାରା ମେଡ଼ିକାଲ ସୁବିଧା ଓ ସର୍ବୋପରି ଶିକ୍ଷକଙ୍କ ଘୋର ଅଭାବ ରହିଛି । ତେଣୁ ଡାକ୍ତରୀ ଶିକ୍ଷା ଓ ତାଲିମ ଭଳି ଏକ କ୍ଷେତ୍ର ଯାହା ଅଧିକରୁ ଅଧିକ ପ୍ରାକ୍ଟିକାଲ ହେବା କଥା ସେଥିରେ ଆମ ଡାକ୍ତରୀ ଛାତ୍ରଛାତ୍ରୀମାନେ କେବଳ ଥିଓରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରୁଛନ୍ତି । ସଂଖ୍ୟା ଦୃଷ୍ଟିରୁ ଦେଖିଲେ ସରକାର ଶ୍ରେୟ ନେବାକୁ ଯାଇ ଏହି ପ୍ରୟାସରେ ଭାରତରେ ପ୍ରତି ବର୍ଷ ଡିଗ୍ରୀଧାରୀ ଡାକ୍ତରଙ୍କ ସଂଖ୍ୟାତ ବଢୁଛି କିନ୍ତୁ ଗୁଣାତ୍ମକ କ୍ଷେତ୍ର ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ତେଣୁ ନିଟ–ପିଜିରେ ଯଦି ବିଯୁକ୍ତ ଚାଳିଶ ନମ୍ବର ରଖିଥିବା ଜଣେ ଛାତ୍ର ନାମ ଲେଖାଇବାର ସୁଯୋଗ ପାଇଲା ସେଥିରେ କେହି ଆଶ୍ଚର୍ଯ୍ୟ ହେବାର ନାହିଁ ।

ଏଠାରେ ଏକ ସ୍ୱତଃ ପ୍ରଶ୍ନ ଉଠୁଛି ଭାରତ ପରି ଏକ ବିଶାଳ ଜନସଂଖ୍ୟାର ରାଷ୍ଟ୍ରରେ ଯଦି ଏହି ଧାରା ଜାରି ରହେ ତେବେ ଆସନ୍ତା ଦିନରେ ଡାକ୍ତରୀ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନେ ନିଟ ପିଜିରେ କେବଳ ଶତପ୍ରତିଶତ ନିଶ୍ଚିନ୍ତ ଥିବା ଦୁଇ ଚାରୋଟି ଉତ୍ତର ଲେଖି ଦେଇ କିମ୍ବା ଆଦୌ ଉର ନ ଲେଖି ଖାତା ଦେଇ ଚାଲିଆସିବାର ସମ୍ଭାବନାଯେ ସୃଷ୍ଟି ନ ହେବ ତାହା କିଏ କହିବ? କାରଣ ଯେଉଁଠି କଟଅଫ ମାର୍କ ବିଯୁକ୍ତ ୪୦ ପର୍ଯ୍ୟନ୍ତ ଯାଉଛି ସେଠାରେ ୧୨/ ୧୬ ନମ୍ବର କିମ୍ବା ଶୂନ ରଖିଲେ ମଧ୍ୟ ନାମ ଲେଖା ପାଇଁ ସୁଯୋଗ ମିଳିପାରିବ । ହୁଏତ କର୍ତ୍ତୃପକ୍ଷ ବିଯୁକ୍ତ ୪୦ ବିତର୍କ ଓ ସମାଲୋଚନାରୁ ବର୍ତ୍ତିବା ପାଇଁ ଆଗାମୀ ବର୍ଷ ଠାରୁ ଅତି ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବେ ଏବଂ କଟଅଫ ମାର୍କ ବିଯୁକ୍ତାତ୍ମକ ନ ହୋଇପାରେ, କିନ୍ତୁ ଏହାଦ୍ୱାରା ବିନା ପ୍ରାକ୍ଟିକାଲ କିମ୍ବା ବିନା ଶିକ୍ଷକରେ ଉତ୍ତୀର୍ଣ୍ଣ ହୋଇଥିବା ଆମ ଏମବିବିଏସ ଡିଗ୍ରୀଧାରୀ ମାନଙ୍କର ମେଧାଶକ୍ତି ଯେ ବୃଦ୍ଧି ପାଇବ ତାହା ଭାବିବା ଭୁଲ । ପୁଣି ଏହି ପରମ୍ପରା ଯଦି ଏମବିବିଏସ ପାଠ୍ୟକ୍ରମ ବା ନିଟ୍‌ୟୁଜିକୁ ସଂକ୍ରମିତ ହୁଏ ଆଗାମୀ ଦିନରେ ଆମ ସ୍ୱାସ୍ଥ୍ୟସେବାକୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଭବିଷ୍ୟତର ଡାକ୍ତର ମାନଙ୍କର ରୋଗ ନିଦାନ ଦକ୍ଷତା, ଚିକିତ୍ସାଗତ ପାରଦର୍ଶିତା ଓ ସ୍ୱାସ୍ଥ୍ୟ ବିଜ୍ଞାନ ସମ୍ପର୍କିତ ଜ୍ଞାନ ଓ ଅଭିଜ୍ଞାତ କ'ଣ ହେବ ତାହା ଅନୁମେୟ। ଏକ ପକ୍ଷରେ ସରକାର ଅଧିକ ଡାକ୍ତର ସୃଷ୍ଟି କରିବାର ଶ୍ରେୟ ସାଉଁଟି ଚାଲିଥିବେ, ଅପରପକ୍ଷରେ ରୋଗୀମାନେ କେବଳ ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ଡାକ୍ତରଖାନାକୁ ଯାଉଥିବାବେ କିମ୍ବା ସେଠାରୁ ଫେରୁଥିବେ ।


**ମୋ. ୯୪୩୭୦୫୧୯୫୭**

ପ୍ରତ୍ୟେକ ଉତ୍ତମ ଜିନିଷର ପ୍ରଭାବ ସକାରାତ୍ମକ ହୋଇଥାଏ । ଉତ୍ତମ ମଣିଷଟିଏ ସମାଜକୁ ସୁଧାରିପାରେ । ସୁନ୍ଦର ଫୁଲଟିଏ ପୁଲକିତ କରେ ମନକୁ । ଠିକ୍ ସେମିତି ମନଛୁଆଁ ବାସ୍ନା ମାନସିକ ସୁସ୍ଥତା ଆଣେ । ଆପଣଙ୍କୁ ଭଲ ଲାଗୁଥିବା ବାସ୍ନା ଆପଣଙ୍କ ଚିନ୍ତା ଓ ଚେତନାକୁ ପ୍ରଭାବିତ କରିଥାଏ । ଚନ୍ଦନର ବାସ୍ନା ନାକରେ ବାଜିଲେ ମନରେ ଆଧ୍ୟାତ୍ମିକ ଭାବନା ଜାତ ହୁଏ । ତୁଳସୀର ବାସ୍ନା ମନକୁ ଶୀତଳ କରେ । ଆସନ୍ତୁ ଦେଖିବା ବାସ୍ନା ସମ୍ପର୍କରେ ଗବେଷଣା କ'ଣ କହେ...









# ସୁବାସ ଏବଂ ସଙ୍ଗୀତ ଦିଏ ସତେଜତା

ଗବେଷଣାରୁ ଜଣାଯାଇଛି, ବାସ୍ନାର ମଧ୍ୟ ରୋଗ ଉପଶମ କ୍ଷମତା ରହିଛି । ମାନସିକ ବିକାରଗ୍ରସ୍ତ ଏବଂ ସ୍ମୃତିଶକ୍ତି ହରାଇଥିବା ରୋଗୀମାନଙ୍କଠାରେ ବାସ୍ନାକୁ ବ୍ୟବହାର କରି ସେମାନଙ୍କ ସ୍ମୃତିଶକ୍ତିକୁ ପୁଣି ଫେରାଇ ଆଣିହେଉଛି ।

ସ୍ମୃତିଶକ୍ତି ହରେଇଥିବା ମଣିଷଟି ଯେଉଁ ପରିବେଶରେ ରହୁଥିଲା ଏବଂ ସେଠି ଯେଉଁସବୁ ବାସ୍ନାକୁ ସିଏ ଉପଭୋଗ ଆଉ ଅନୁଭବ କରୁଥିଲା ଠିକ୍ ସେଇ ବାସ୍ନା ଯଦି ତା' ନାକରେ ବାଜେ ତେବେ ସେ ତା'ର ସ୍ମୃତିଶକ୍ତି ପୁଣି ଫେରିପାଇଥାଏ ।

୧୯୨୦ ମସିହା କଥା । ସବୁଦିନ ଭଳି ସେଦିନ ମଧ୍ୟ ଫରାସୀ ସୁଗନ୍ଧବିତ୍ ରେନ୍ ମରିସ୍ ଗ୍ୟାତେଫୋୟେ ତାଙ୍କ ଗବେଷଣାରେ ବ୍ୟସ୍ତ ଥା'ନ୍ତି । ହଠାତ୍ ନିଆଁ ଲାଗି ତାଙ୍କ ଡାହାଣ ହାତଟି ପୋଡ଼ିଯାଏ । କିଛି ଉପାୟ ନପାଇ ସେ ସଙ୍ଗେ ସଙ୍ଗେ ତାଙ୍କର ସେଇ ହାତଟିକୁ ବୁଡ଼େଇ ଦିଅନ୍ତି ପାଖରେ ଥିବା ପାଣିପାତ୍ର ଭିତରେ । ଆଉ ସେଇ ମୁହୂର୍ତ୍ତରେ ସେ ପା'ନ୍ତି ଏକ ଅସାମାନ୍ୟ ଅନୁଭୂତି । ପୋଡ଼ା ସ୍ଥାନରେ ହେଉଥିବା ଜ୍ୱଳନ ଏବଂ ଯନ୍ତ୍ରଣା ନିମିଷକେ କୁଆଡ଼େ ଉଭେଇ ଯାଏ ।

ଏହାର କାରଣ ଅନୁସନ୍ଧାନ କରିବାକୁ ଯାଇ ମରିସ୍ ଦେଖିଲେ ଯେଉଁ ପାତ୍ରରେ ସେ ହାତ ବୁଡ଼େଇଥିଲେ ତାହା ପାଣିପାତ୍ର ନଥିଲା, ତାହା ଥିଲା ଲ୍ୟାଭେଣ୍ଡର ଫୁଲର ନିର୍ଯାସରୁ ବାହାର କରାଯାଇଥିବା



ସୁଗନ୍ଧିତ ତୈଳ ।

ସେଇଦିନଠୁ ଲ୍ୟାଭେଣ୍ଡରର ନାଁ ଯୁକ୍ତ ହେଲା ସୁଗନ୍ଧି ଚିକିତ୍ସା ବା 'ଆରୋମା ଥେରାପି' ସହିତ । ଫ୍ରାନ୍ସରେ ଏ ପଦ୍ଧତି ଖୁବ୍ ଲୋକପ୍ରିୟ ଏବେ ।

ପ୍ରାୟ ୯୦ ବର୍ଷ ତଳର ଏହି ଚିକିତ୍ସା ପଦ୍ଧତି ଏବେ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛି । ସୌନ୍ଦର୍ଯ୍ୟ ଏବଂ ରୂପଚର୍ଯ୍ୟା ପାଇଁ ଏହା ଅପରିହାର୍ଯ୍ୟ ହୋଇପଡ଼ିଛି ।

କେତେକ ଗନ୍ଧ ଆମକୁ ଉତ୍ତେଜିତ କରିବା ବେଳେ ଆଉ କେତେକ ଶାନ୍ତ କରି ନିଦ୍ରା ଆଣିଦିଏ । ନିଦ୍ରାହୀନତାରେ ଏବେ ଆରୋମା ଥେରାପିର ସାହାଯ୍ୟ ନିଆଯାଉଛି ।

ପ୍ୟାରିସ୍‌ର 'ଆରୋମାଟିକ୍ ରିସର୍ଚ୍ଚ' ସଂସ୍ଥା ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି– ସୁଗନ୍ଧଯୁକ୍ତ ଫୁଲଭରା ଉଦ୍ୟାନ ଭିତରେ ରହୁଥିବା ଯୁବତୀମାନଙ୍କୁ ବୟସ ଶୀଘ୍ର ଛୁଇଁପାରେ ନାହିଁ ।

ଏହି ଗବେଷଣା ପାଇଁ ସମାନ ବୟସର ସାତଜଣ ଯୁବତୀଙ୍କୁ ଫୁଲଭରା ପାର୍କ ସଂଲଗ୍ନ ଏକ ଘରେ ରଖାଯିବା ବେଳେ, ସେଇ ବୟସର ଆଉ ସାତଜଣଙ୍କୁ ସେଇସବୁ ଫୁଲର ବାସ୍ନାଠାରୁ ଦୂରେଇ ରଖାଯାଇଥିଲା । ଦୁଇବର୍ଷ ପରେ ଉଭୟ ଦଳଙ୍କୁ ପରୀକ୍ଷା କରି ଦେଖାଯାଇଥିଲା ଯେ ସୁଗନ୍ଧଯୁକ୍ତ ଫୁଲ ବଗିଚା ପାଖରେ ଥିବା ଯୁବତୀମାନେ ବେଶୀ ସତେଜ ଥିଲେ ଅନ୍ୟ ସାତଜଣଙ୍କ ତୁଳନାରେ । ସେମାନେ ଏ ଦି'ବର୍ଷ ଭିତରେ ଖୁବ୍ କମ୍ ରୋଗରେ ଆକ୍ରାନ୍ତ ହୋଇଥିଲେ । ସେମାନେ ନିଜ ନିଜ ଭିତରେ ଝଗଡ଼ା ମଧ୍ୟ କରିନଥିଲେ ।

ଏଇ ଗବେଷଣାରୁ ଜଣାଯାଇଥିଲା– କେବଳ ଶାରୀରିକ ନୁହେଁ, ମାନସିକ ସୁସ୍ଥତା ପାଇଁ ମଧ୍ୟ ବାସ୍ନାର ଗୁରୁତ୍ୱ ଖୁବ୍ ବେଶୀ ।

ଆଜିକାଲି ବିଭିନ୍ନ ସହରରେ ମାସାଜ୍ ପାଇଁ ମଧ୍ୟ ସୁଗନ୍ଧଯୁକ୍ତ ତୈଳର ବ୍ୟବହାର କରାଯାଉଛି ।




ପ୍ରସାଧନରେ ମିଶୁଥିବା ସୁଗନ୍ଧଯୁକ୍ତ ତୈଳ ମଧ୍ୟ ତ୍ୱଚାକୁ ସୁସ୍ଥ ରଖିବାରେ ସାହାଯ୍ୟ କରୁଛି ।

ଆପଣ ଦେଖିଥିବେ, ବେଳେ ବେଳେ ଗୋଟେ ଗୋଟେ ଧୂପକାଠି, ସେଣ୍ଟ୍ କିମ୍ବା ବଡି ସ୍ପ୍ରେ'ର ଗନ୍ଧ ଖୁବ୍ ବିରକ୍ତିକର ଲାଗେ । ସେ ବାସ୍ନା



ନାକରେ ବାଜିଲେ ଚିଡ଼ଚିଡ଼ ଲାଗେ ଆଉ କେଉଁ ବାସ୍ନା ପୁଣି ମିଜାଜ୍ ଖୁସ୍ କରିଦିଏ । ଏଇଥିରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ ସୁଗନ୍ଧର ମନ ଏବଂ ମସ୍ତିଷ୍କ ଉପରେ ପ୍ରଭାବ ରହିଛି ।

## ସଙ୍ଗୀତ ମନକୁ ଦିଏ ଶାନ୍ତି

ବାସ୍ନା ଭଳି ମଧୁର ସଂଗୀତର ମଧ୍ୟ ଅନେକ ସକାରାତ୍ମକ ପ୍ରଭାବ ରହିଛି । ସଂଗୀତ ମାନସିକ ଚାପ, ମାନସିକ ଅସ୍ଥିରତାକୁ ଦୂର କରିପାରେ । କ୍ଲାନ୍ତ ମନକୁ ଶାନ୍ତ କରିଦେଇପାରେ ।

ଗବେଷକମାନେ କହନ୍ତି– ସଂଗୀତର ମଧ୍ୟ ରୋଗ ଉପଶମ କ୍ଷମତା ରହିଛି ।

ସଂଗୀତ ଯେ କେବଳ ମନୋରଞ୍ଜନର ଏକ ମାଧ୍ୟମ, ତା'ନୁହେଁ । ସଂଗୀତ ଶରୀରରେ ସତେଜତା ଆଣେ, ଫୂର୍ତ୍ତି ଯୋଗାଏ ଏବଂ କ୍ଲାନ୍ତି ମେଣ୍ଟାଏ ।

ଗ୍ରୀଷ୍ମର ତାତିକୁ ଦୂରେଇ ଦେଇ ଶୀତଳ ପରଶ ମଧ୍ୟ ଯୋଗାଇ ଦେଇପାରେ ମଧୁର ସଂଗୀତ । ଝରଣାର ଶୀତଳତା, ହ୍ରଦର ମାଦକତା ମଧ୍ୟ ଅନୁଭବ କରିହୁଏ ସଂଗୀତରୁ । ଝରଣାର ଗୀତ ଆଉ ବର୍ଷାର ସଂଗୀତ ଶୁଣିଲେ ଦେହ ଶୀତେଇ ଉଠେ । ଦିନସାରା ଗ୍ରୀଷ୍ମର ତାତିରେ ସିଝିବା ପରେ ଅଫିସ୍‌ରୁ ଘରକୁ ଫେରି ଥକ୍କା ମାରୁଥିବା ବେଳେ ଟିକେ ମଧୁର ସଂଗୀତ ଶୁଣନ୍ତୁ, ଦେଖିବେ ସବୁ କ୍ଲାନ୍ତି ଦୂରେଇ ଯିବ ।

ଆଜିକାଲି ପାଶ୍ଚାତ୍ୟ ଦେଶମାନଙ୍କରେ ପରିବେଶକୁ ସନ୍ତୁଳିତ ରଖିବା ପାଇଁ ସଂଗୀତର ସାହାଯ୍ୟ ନିଆଯାଉଛି । ସହରୀକରଣ ଏବଂ କୋଠାବାଡ଼ିର ବ୍ୟାପକ ନିର୍ମାଣ ଫଳରେ ପ୍ରକୃତି ଦୂରେଇ ଯାଇଛି, କୋଇଲିର କୁହୁ ହଜିଯାଉଛି, ଝିଙ୍କାରୀ ଆଉ ଗାଉନି । କୁମ୍ଭାଟୁଆ ଡାକୁନି । ଏସବୁର ବିକଳ୍ପ ଭାବେ ଏବେ ସଂଗୀତକୁ ନିଆଯାଉଛି ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ।

ମଧୁର ସଂଗୀତ ଜୀବନକୁ ମଧୁମୟ କରେ, ଜୀବନରେ ମାଦକତା ଭରିଦିଏ, ମନକୁ ଏକଦମ୍ ହାଲ୍କା କରିଦିଏ । ରାତି ସରୁଥିବ, ସିନ୍ଦୂରା ଫାଟୁଥିବ, କାକର ଭିଜେଇ ଦେଇଥିବ ଘାସର ଗାଲିଚାକୁ ଆଉ ଛୁଇଁ ଯାଇଥିବ ଫୁଲର ପାଖୁଡ଼ା ସବୁକୁ । ଏତିକିବେଳେ ଆପଣ ବାହାରିଥିବେ ମର୍ଣ୍ଣିଂ ୱାକ୍‌ରେ । ଦୂରରୁ କେଉଁଠୁ ଗୋଟେ ଭଜନର ସୁରେଲା ସ୍ୱର ଭାସିଆସୁଥିବ । ଜୀବନର ସବୁ ନିଅଣ୍ଟ ଯେମିତି ସେତିକିରେ ପୂରଣ ହୋଇଗଲା ଭଳି ଲାଗିବ ।

ମଣିଷର ମନ ଏବଂ ଶରୀର ଉପରେ ସଂଗୀତର ପ୍ରଭାବ ଖୁବ୍ ବେଶୀ । ଖୁବ୍ ବେରସିକ ମଣିଷକୁ ମଧ୍ୟ ସଂଗୀତ ହସେଇପାରେ, ନଚେଇ ପାରେ ଆଉ ରସେଇ ପାରେ । ଖୁବ୍ ନିରସ ମଣିଷର ମଧ୍ୟ ବ୍ୟାଣ୍ଡ ପାର୍ଟି ସଂଗୀତର ସୂର ଆଉ ତାଳରେ ମନକୁ ମନ ଗୋଡ଼ ଉଠିଯାଏ ନାଚିବାକୁ ।

ପ୍ରାଗ୍ ଐତିହାସିକ ଯୁଗରୁ ସଂଗୀତ ରହିଆସିଥିବା କଥା ବିଜ୍ଞାନୀମାନେ କହନ୍ତି । ସଂଗୀତ କେତେବେଳେ ପ୍ରାକୃତିକ ଉତ୍ସରୁ ତ



ପୁଣି କେତେବେଳେ ଜୀବଜନ୍ତୁମାନଙ୍କ ଠାରୁ ସୃଷ୍ଟି ମଧ୍ୟ ହୋଇଛି ।

ଝରଣାର ନାଦ, କୋଇଲିର କୁହୁ, ବୃଷଭର ଡାକ ଏସବୁଥିରୁ ସଂଗୀତର ସୃଷ୍ଟି ହୋଇଛି, ମଣିଷକୁ ବିମୋହିତ କରିଛି ।

ପ୍ରକୃତିକୁ ବାଦ୍‌ଦେଲେ ମଣିଷର ସ୍ୱର ହିଁ ପ୍ରଥମ ବାଦ୍ୟଯନ୍ତ୍ର କହିଲେ ଭୁଲ୍ ହେବନି ।

ଡାରୱିନ୍ ମତ ଦେଇଥିଲେ, ଜୀବଜନ୍ତୁମାନେ ତାଙ୍କ ଜୀବନସାଥୀ ସହିତ ଶାରୀରିକ ଭାବେ ମିଳିତ ହେବା ପାଇଁ ସଂଗୀତର ସାହାଯ୍ୟ ନେଇଥାନ୍ତି । କିନ୍ତୁ ମଣିଷମାନେ ମନୋରଞ୍ଜନ ଏବଂ ମାନସିକ ଶାନ୍ତି ପାଇଁ ଏହା ଶୁଣିଥାନ୍ତି । ବଣଜଙ୍ଗଲରେ ରହୁଥିବା ବିଭିନ୍ନ ଗୋଷ୍ଠୀଙ୍କ ଭିତରେ ସମ୍ପର୍କ ସ୍ଥାପନ ପାଇଁ ସଂଗୀତକୁ ବ୍ୟବହାର କରାଯାଉଥିଲା ।

ସଂଗୀତକୁ ଭଲ ଭାବରେ ଉପଲବ୍ଧି କରିବା ପାଇଁ, ବୁଝିବା ପାଇଁ ମଣିଷର ଯେଉଁ କ୍ଷମତା ରହିଛି ସେଥିପାଇଁ ମଣିଷର ନର୍ଭସ୍ ସିଷ୍ଟମ୍ ହିଁ ଦାୟୀ (ସ୍ନାୟୁ ପଦ୍ଧତି) ।

ସଂଗୀତ ଶୁଣିବା ସମୟରେ ଆମେ ଯେଉଁ ଆନନ୍ଦ ପାଉ ତାହା ପରବର୍ତ୍ତୀ ସମୟରେ ମଧ୍ୟ ଆମକୁ ସାହାଯ୍ୟ କରେ । ଆମେ ଶୁଣିଥିବା ସୁମଧୁର ସଂଗୀତକୁ ମନେପକେଇଲେ ମଧ୍ୟ ମସ୍ତିଷ୍କ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ । ସଂଗୀତ ଶୁଣିବାର କ୍ଷମତା ଏବଂ ପ୍ରବଣତା ଜନ୍ମ ପରେ ପରେ ହିଁ ଆରମ୍ଭ ହୋଇଥାଏ । ଦୁଇ ମାସର ଶିଶୁ ମଧ୍ୟ ସଂଗୀତ ପ୍ରତି ଆକୃଷ୍ଟ ହୋଇପାରେ । ଜନ୍ମର କିଛି ସପ୍ତାହ ଭିତରେ ନବଜାତ ଶିଶୁ ଭଲ ସଂଗୀତ ଏବଂ ଖରାପ ସଂଗୀତ ଭିତରେ ଫରକ ଜାଣିପାରେ ।



---



# ପରିଣତ ବୟସରେ ସୁସ୍ଥତା ପାଇ

ବାର୍ଦ୍ଧକ୍ୟରେ ଖାଦ୍ୟ ପ୍ରତି ଟିକେ ଅଧିକ ଆସକ୍ତି ଆସିଯାଏ । ଯେଉଁ ସବୁ ଖାଦ୍ୟକୁ ଏ ବୟସରେ ବାରଣ କରାଯାଏ ଠିକ୍ ସେଇସବୁ ଖାଦ୍ୟ ଖାଇବାକୁ ମନବଳେ । ତେଣୁ ଜିଭର ଲାଳସାରେ ଟିକେ ଲଗାମ ଲଗାନ୍ତୁ । ଏବେ ପ୍ରତ୍ୟେକ ମଣିଷ ଖାଦ୍ୟକୁ ମଧ୍ୟ ଫ୍ୟାସନ୍ ପରିସରଭୁକ୍ତ କରିସାରିଲେଣି । ଖାଦ୍ୟକୁ ମଧ୍ୟ ଆମେ ଅନୁକରଣ କଲେଣି । ପାଶ୍ଚାତ୍ୟ ଖାଦ୍ୟ ପ୍ରେମରେ ଏବେ ଆମେ ସମସ୍ତେ ପଡ଼ିଗଲେଣି । ଫାଷ୍ଟଫୁଡ୍, ଡ୍ରାଏଫୁଡ୍ ଓ ପ୍ୟାକେଟ୍‌ଫୁଡ୍ ଖାଇବାରେ ଆମେ ଖୁବ୍ ଅଭ୍ୟସ୍ତ ହୋଇ ପଡ଼ିଲେଣି ଏବେ । ଏହାଛଡ଼ା ଆମେ ସନ୍ତୁଳିତ ଖାଦ୍ୟ ମଧ୍ୟ ଖାଇନଥାଉ । ଯାହା ଖାଉ ତାହା ମଧ୍ୟ ଠିକ୍ ସମୟରେ ଖାଇ ନଥାଉ । ଏଇସବୁ କାରଣରୁ ଶରୀର ବେଳେ ବେଳେ ଅସୁସ୍ଥ ହୋଇପଡ଼େ ।







ଆମ ଶରୀର ଯାହା ଚାହେଁ, ଶରୀରକୁ ସୁସ୍ଥ ରଖିବାକୁ ଯେଉଁସବୁ ଉପାଦାନ ଆବଶ୍ୟକ କରେ ତାହା ଠିକ୍ ଭାବରେ ଏବଂ ଠିକ୍ ସମୟରେ ପାଇନଥାଏ । ବଦଳରେ ସିଏ ଯାହା ନଚାହେଁ ସେସବୁ ଅଧିକ ମାତ୍ରାରେ ପାଇଥାଏ ଆଉ ଏଥିପାଇଁ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ ।

ଆମେ ଭାବୁ କେବଳ ଭଲ ଭଲ ପୁଷ୍ଟିକର ଖାଦ୍ୟ ଖାଇଲେ ଶରୀର ସୁସ୍ଥ ରହିବ । ତାହା ସବୁବେଳେ ଠିକ୍ ନୁହେଁ । ପାଖରେ ପଇସା ଅଛି ବୋଲି ମାଛ, ମାଂସ ଆଉ କ୍ଷୀର, ଘିଅରେ ଭାସିଲେ ଯେ ଶରୀରକୁ ଅଧିକ ସୁସ୍ଥ ରଖିହେବ ଏ କଥା ଭୁଲ୍ । ବରଂ ଏହା ଶରୀରକୁ ଅଧିକ ସମସ୍ୟା ପହଞ୍ଚାଇଥାଏ ।

ଅସନ୍ତୁଳିତ ଖାଦ୍ୟ ଖାଇବା ଫଳରେ, ଖାଦ୍ୟ ରୁଚି ବଦଳିଯିବା ଦ୍ୱାରା ଆମେ ଆଜିକାଲି କେଉଁସବୁ ସମସ୍ୟାରେ ପଡୁଛେ ଆସନ୍ତୁ ଦେଖିବା–

ଦିନେ ଭାରତ ଭାରାକ୍ରାନ୍ତ ଥିଲା ବିଭିନ୍ନ ସଂକ୍ରାମକ ରୋଗରେ । ଏବେ କିନ୍ତୁ ଏ ସମସ୍ୟା କମିଲାବେଳକୁ ଅନେକ ବଡ଼ଧରଣର ଶାରୀରିକ ସମସ୍ୟା ଆସି ପହଞ୍ଚିଯାଇଛି ।

ଡାୟାବିଟିସ୍, ଉଚ୍ଚ ରକ୍ତଚାପ ଏବଂ ହୃଦରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି । ଏହାର ଏକମାତ୍ର କାରଣ ହେଲା ଅଧିକ ମୋଟା ହେବା । ଏସବୁ କାରଣରୁ ଭାରତର ଆର୍ଥିକ ମାନଦଣ୍ଡ ପରୋକ୍ଷରେ ନଷ୍ଟ ହେଉଛି । ଲଗାମଛଡ଼ା ଖାଦ୍ୟ ଗ୍ରହଣ ପାଇଁ ଏହା ହୋଇଥାଏ (ଅତ୍ୟଧିକ ମୋଟା ହେବା, ଶରୀରରେ ଚର୍ବି ଜମିବା ।)

- ଶରୀର ଓଜନ ଅତ୍ୟଧିକ ବଢ଼ିଲେ ଏହା ହୃଦରୋଗକୁ ଆମନ୍ତ୍ରଣ କରିଥାଏ ।
- **ରକ୍ତଚାପ** : ବିଶେଷଜ୍ଞମାନେ କହନ୍ତି, ସହରରେ ବାସ କରୁଥିବା ୮୦ ପ୍ରତିଶତ ଲୋକ ଖାଇବା ତେଲ ଅତ୍ୟଧିକ ପରିମାଣରେ ବ୍ୟବହାର କରିଥାନ୍ତି । ରକ୍ତଚାପର ଏହା ମଧ୍ୟ ଏକ ମୁଖ୍ୟ କାରଣ ।
- ଭାରତରେ ୭୦ ପ୍ରତିଶତ ମଧୁମେହ ରୋଗୀ ଅତ୍ୟଧିକ ମୋଟା । ସେମାନଙ୍କ ଓଜନ ୯୦ରୁ ୧୦୦ କିଗ୍ରା ପର୍ଯ୍ୟନ୍ତ ଏବଂ ତା'ଠାରୁ ମଧ୍ୟ ବେଶୀ ହୋଇଥାଏ । ମଧୁମେହ ରୋଗୀମାନେ କେବଳ ୬ ପ୍ରକାର ଖାଦ୍ୟ, ଯେଉଁଟା ସେମାନଙ୍କ ପାଇଁ ନିର୍ଦ୍ଧାରିତ ତାହା ହିଁ ଜୀବନସାରା ଖାଇବା ଉଚିତ୍ ।
- **ଆଥ୍ରାଇଟିସ୍** (ଆଣ୍ଠୁଗଣ୍ଠିବାତ ଏବଂ ଯକୃତ ସମସ୍ୟା)

ଅତ୍ୟଧିକ ମୋଟା ହେବା ଏବଂ ଓଜନ ବଢ଼ିବା ଫଳରେ ଏହିସବୁ ସମସ୍ୟା ଦେଖାଦେଇଥାଏ । ବିଭିନ୍ନ ପ୍ରକାର ଅଖାଦ୍ୟକୁ ହଜମ କରେଇବାକୁ ଯାଇ ଯକୃତ ହାଲିଆ ହୋଇପଡ଼େ ।



ଜୀବନକୁ ଆହୁରି ହାଲ୍‌କା ଏବଂ ସହଜ କରିବାକୁ ଯାଇ ଆମେ ଯେଉଁ ଉପକରଣ ସବୁ ବ୍ୟବହାର କରିଥାଉ ସେଇଥିପାଇଁ ବଢୁଥିବା ଓଜନ ହେଲା ପ୍ରାୟ ୮ କିଲୋ । ଗ୍ରାଇଣ୍ଡର, କୁକିଂରେଞ୍ଜ, ୱାସିଂ ମେସିନ୍, ଭ୍ୟାକୁମ୍



କ୍ଲିନର ବ୍ୟବହାର କରୁଥିବା ମହିଳାମାନେ ଏସବୁଠାରୁ ଦୂରେଇ ରହିଥିବା ମହିଳାମାନଙ୍କ ଠାରୁ ଅଧିକ ପୃଥୁଳ ଏବଂ ମଧୁମେହରେ ଅଧିକ ଆକ୍ରାନ୍ତ ହେଉଥିବାର ଏକ ସର୍ବେକ୍ଷଣରୁ ଜଣାଯାଏ । ଅତ୍ୟଧିକ ଟିଭି ଦେଖିବା, ଏସି କାର୍ ବ୍ୟବହାର କରୁଥିବା ଲୋକମାନଙ୍କ ଓଜନ ଆହୁରି ୪ କିଲୋ ଅଧିକ ହୋଇଥାଏ ।

ଆପଣ କ'ଣ ଖାଉଛନ୍ତି ଜାଣନ୍ତି ?

ରୋଡ଼ାମିନ୍ ବି :

କେଉଁଥିରୁ ମିଳେ- ଗୋଲାପଜାମ୍, ଜେଲି, ପେଷ୍ଟ୍ରି ।

ଏହାର ଅସଲ ବ୍ୟବହାର– ଅଏଲ୍ ପେଣ୍ଟିଂ ଏବଂ ରଙ୍ଗକାରଖାନାରେ ବ୍ୟବହାର କରାଯାଏ ।

**ପରିଣତି–** ଯକୃତ, କିଡ୍‌ନି ଏବଂ ସ୍ନାୟୁରୋଗ ।

ନାଇଟ୍ରାଇଟ୍ ଜେଗ୍ :

କେଉଁଥିରୁ ମିଳେ– କଷା ମାଂସ, ମାଛ, ଚିଙ୍ଗୁଡ଼ି ମାଛ ।

ଏହାର ଅସଲ ବ୍ୟବହାର– ଟେକ୍ସଟାଇଲ୍ ମିଲ୍ ଏବଂ ରଙ୍ଗ କାରଖାନାରେ ଏ ରାସାୟନିକ ବ୍ୟବହୃତ ହୁଏ ।

**ପରିଣତି–** ପାକସ୍ଥଳୀରେ କ୍ୟାନସର ହୋଇପାରେ ।

ମେଟାନିଲ୍ ୟେଲୋ :

କେଉଁଥିରୁ ମିଳେ ଆମକୁ– ବିରିୟାନି, ବୁନ୍ଦିଆ, ଫଳରସ ।

ଏହାର ଅସଲ ବ୍ୟବହାର– ଟେକ୍ସଟାଇଲ୍ ଏବଂ ରଙ୍ଗ କାରଖାନାରେ ।

**ପରିଣତି–** ଯକୃତ ଏବଂ କିଡ୍‌ନି କ୍ୟାନସର ।

### ୪ ପ୍ରକାର ଖାଦ୍ୟ

ଫଳ ଓ ପରିବା:ପ୍ରତିଦିନ ଯଥେଷ୍ଟ ପରିମାଣର ତଟକା ଫଳ ଏବଂ ପନିପରିବା ଖା'ନ୍ତୁ । (ଖାଦ୍ୟର ଚାରି/ପାଞ୍ଚ ଭାଗ ଏହା ଖାଇବା ଉଚିତ୍)

**ଶର୍କରା ଜାତୀୟ ଖାଦ୍ୟ :** ଭାତ, ରୁଟି, ମିଠା, ଆଳୁ, ପାଉଁରୁଟି (ବେଶୀ ଖା'ନ୍ତୁ)

ଦୁଗ୍ଧଜାତ ଖାଦ୍ୟ:ଛେନା, ଦହି (ଏଥିରେ ଅଳ୍ପ ଚର୍ବିଥାଏ କ୍ଷୀର ଅପେକ୍ଷା) ।

ଆମୀଷ:ସନ୍ତୁଳିତ ପରିମାଣର ଅଣ୍ଡା, ଚିକେନ୍ ମାଂସ, ମଟନ ଏବଂ ମାଛ । (ଅଳ୍ପ ପରିମାଣର ଖାଆନ୍ତୁ) ।

### ବର୍ଜନୀୟ ଖାଦ୍ୟ

- ପୋଡ଼ା ତେଲରେ ଛଣାଯାଇଥିବା ଖାଦ୍ୟ ଖାଇବା ଫଳରେ ଧମନୀର ପଥରୋଧ ହେବାର ସମ୍ଭାବନା ଅଧିକ ହୋଇଥାଏ । ଏଇ ସବୁ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ବର୍ଜନ କରିବା ଉଚିତ୍ ।
- ଘିଅ ଏବଂ ତେଲରେ ଛଣାଯାଇଥିବା (ଡ୍ରାଏଫୁଡ୍) ଗୁଡ଼ିକରେ କୌଣସି ପୁଷ୍ଟିସାର ନଥାଏ । ୨୦୦ ଗ୍ରାମ ଏହିପରି ଖାଦ୍ୟରେ ୬୦୦ କ୍ୟାଲୋରି ମଧ୍ୟରୁ ୨୮୦ କେବଳ ଚର୍ବି ଜାତୀୟ ଦ୍ରବ୍ୟ ଥାଏ । ଏଗୁଡ଼ିକ ଧମନୀର ପଥକୁ ସଂକୁଚିତ କରିଥାଏ ।
- **ଗୋଲାପଜାମୁ** : ଏହି ମିଠାଟି ଭଲଭାବରେ ଛଣାଯାଇଥାଏ ଏବଂ ଶର୍କରାକୁ ଖୁବ୍ ଭଲ ଭାବରେ ଗ୍ରହଣ କରିଥାଏ । ଏହା ଶରୀର ପାଇଁ ଖୁବ୍ କ୍ଷତିକାରକ ଏହା ଶରୀରକୁ ଅଧିକ ୩୨୦ କ୍ୟାଲୋରି ଯୋଗାଇଥାଏ ।
- **ସିଙ୍ଗଡ଼ା** : ଘିଅ ଏବଂ ତେଲଛଣା ସିଙ୍ଗଡ଼ା ଆହୁରି କ୍ଷତି ପହଞ୍ଚାଇଥାଏ ଶରୀରକୁ । ଏଥିରେ ୪୦୦ କ୍ୟାଲୋରି ଥାଏ ।
- **ବର୍ଗର** : ମଇଦା ପ୍ରସ୍ତୁତ ଏ ଖାଦ୍ୟଟି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଖୁବ୍ କ୍ଷତିକାରକ ।



ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୮ ଫେବୃଆରୀ ୨୦୨୬ । ରବିବାର

## ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସଚେତନତା



**ଖୋର୍ଦ୍ଧା,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ରାଜ୍ୟ ତଥା ଜିଲ୍ଲାରେ ଶିଶୁଙ୍କ କ୍ଷେତ୍ରରେ ଯୌନ ଶୋଷଣ, ବାଲ୍ୟ ବିବାହ ତଥା ସାଇବର ଅପରାଧ ଦିନକୁ ଦିନ ବଢୁଥିବାରୁ ଜିଲ୍ଲାପାଳ ଖୋର୍ଦ୍ଧାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଖୋର୍ଦ୍ଧା ଆନୁକୁଲ୍ୟରେ ବିଜେବି ଉଚ୍ଚ ବିଦ୍ୟାଳୟରେ ସାଇବର ଅପରାଧ ଓ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ଉପରୋକ୍ତ ଶିବିରର ଆଭିମୁଖ୍ୟ ଉପରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିବା ସହିତ ୧୪ରୁ ୧୮ ବର୍ଷର ପିଲାମାନେ କିପରି ଯୌନ ଶୋଷଣର ଶିକାର ହେଉଛନ୍ତି ଏବଂ ଏହାକୁ ରୋକିବା ପାଇଁ ପୋକ୍ସୋ ଆଇନ ଥିଲେ ମଧ୍ୟ ପିଲାମାନଙ୍କ ମଧ୍ୟରେ ସଚେତନତା ଅଭାବରୁ ବହୁତ ପିଲାମାନେ ଏହାର ଶିକାର ହେଉଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ଲାନ୍ ଇଣ୍ଡିଆର ଜିଲ୍ଲା ସଂଯୋଜିକା ଅମିତା ସିଂହ ସାଇବର ଅପରାଧ କବଳରୁ ପିଲାମାନେ କିପରି ନିବୃତ୍ତ ହେବେ ତା'ଉପରେ ସଚେତନ କରାଇଥିଲେ। ଶିବିରରେ ବିଦ୍ୟାଳୟର ନବମ ଶ୍ରେଣୀର ୨୦୦ରୁ ଉର୍ଦ୍ଧ୍ୱ ପିଲାମାନେ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋବସନ ଅଧିକାରୀ ସୌମେନ୍ଦ୍ର ନାୟକ ଏବଂ ୟୁନିଟର ସାମାଜିକ କର୍ମୀ ତଥା ଏସଜେପିୟୁର ସଭ୍ୟ ରଞ୍ଜନ କୁମାର ଗୋଛାୟତ, ରିତାଞ୍ଜଳି ମହାନ୍ତି, ମନସ୍ୱିନୀ ମହାପାତ୍ର, ପ୍ଲାନ୍ ଇଣ୍ଡିଆର ସାମାଜିକ କର୍ମୀ ମଧୁସ୍ମିତା ପାତ୍ର ଶିବିର ପରିଚାଳନା କରିଥିଲେ।

## ଗୋବିନ୍ଦପୁର କଲେଜରେ ଓଡ଼ିଆ ପାଠଚକ୍ର

**ନିଆଳି,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗୋବିନ୍ଦପୁର କଲେଜରେ ଓଡ଼ିଆ ବିଭାଗ ତରଫରୁ ଏକ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର କୈଳାସ ଚନ୍ଦ୍ର ଦାସଙ୍କ ପୌରହିତରେ ପରିଚାଳିତ ହୋଇଥିବା ଏହି ପାଠଚକ୍ରରେ ପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ନାତକୋତ୍ତ ପରିଷଦର ଚେୟାରମ୍ୟାନ ଡକ୍ଟର ଗଗନ ବିହାରୀ ବେଉରା ପାଠଚକ୍ରଟିର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ଚରଣ ଦାସ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଫେସର ଡକ୍ଟର ଗିରିବାଳା ମହାନ୍ତି ଏବଂ ଡକ୍ଟର କୈଳାସ ପଟ୍ଟନାୟକ ଯଥାକ୍ରମେ ତୁଳନାତ୍ମକ ସାହିତ୍ୟ ଓ ଲୋକତତ୍ତ୍ୱ, ପ୍ରସଙ୍ଗର ବିଭିନ୍ନ ଦିଗକୁ ଆଧାର କରି ପ୍ରଦାନ କରିଥିଲେ। ଏକ ତଥ୍ୟ ସମ୍ବଳିତ ଓ ସାର ଗର୍ଭକ ଅଭିଭାଷଣ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରୀ ଶ୍ୱେତସ୍ମିତା ଏବଂ ସ୍ନେହାଞ୍ଜଳି ପଣ୍ଡା ଏହି ଅବସରରେ ଓଡ଼ିଆ ବିଭାଗ ତରଫରୁ ଉପାୟନ ଓ ମାନପତ୍ର ସହିତ ଅତିଥି ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏକ ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ। ପାଠ ଚକ୍ରର ସାମ୍ବାଦିକା ବର୍ଷା ରାଣୀ ଦାସ, ମାନ ପତ୍ରପାଠ କରିଥିଲେ ସୁଶ୍ରୀ ଅନୁପମା କାର୍ଯ୍ୟକ୍ରମଟିର ସଞ୍ଚାଳନ କରିଥିଲେ। ଲଭଲି ପ୍ରଧାନ ଏବଂ ଶେଷକୁ ଧନ୍ୟ ବାଦ ଅର୍ପଣ କରିଥିଲେ ପାଠଚକ୍ରର ସହ ସାମ୍ବାଦିକା ସ୍ମିତାରାଣୀ ପାତ୍ର, ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଗଣ ଏହି ପାଠଚକ୍ରରେ ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିବା କାରଣରୁ ଅଧ୍ୟକ୍ଷ ଶ୍ରୀ ଦାସ ଏବଂ ପ୍ରାପ୍ତ କାଉଁସିଲର ଚେୟାରମ୍ୟାନ ଡ଼. ବେଉରା ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ।

## 'ସ୍ମୃତିରେ ସ୍ମୃତିରେ' ପୁସ୍ତକ ଉନ୍ମୋଚନ



**ଜଟଣୀ,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜଟଣୀ ରାମଚନ୍ଦ୍ରପୁରଠାରେ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଡ.ପ୍ରମୋଦ ଚନ୍ଦ୍ର ଦାଶ ଏବଂ ମଦନ ମୋହନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପଣ୍ଡିତ ରମାକାନ୍ତ ରଥ, ସତ୍ୟବାଦୀ ବଳିୟାର ସିଂହ, ସୁଦର୍ଶନ ମହାପାତ୍ର, ବିନାୟକ ରଥ, ପ୍ରତାପ କୁମାର ପ୍ରଧାନ, ସୁରେଶ କୁମାର ମିଶ୍ର, ହରିହର ସାମନ୍ତରାୟ, ଯୁଧିଷ୍ଠିର ପରିଡା, ଖଗେଶ୍ୱର ମାର୍ଥା, ଜବାହାରଲାଲ ସୁବୁଦ୍ଧି, ତ୍ରିଲୋଚନ ମହାପାତ୍ର, ସୀତାକନ୍ତ ଶତପଥି, ଶ୍ୟାମସୁନ୍ଦର ତ୍ରିପାଠୀ, ସୁରେଶ ଚନ୍ଦ୍ର ସ୍ୱାଇଁ, ଡ.ସୁକାନ୍ତି ମହାପାତ୍ର, ଆଦୀନାରାୟଣ ଖଣ୍ଡୁଆଳ, ପଦ୍ମନାଭ ପାଣିଗ୍ରାହୀ, ବ୍ରଜବନ୍ଧୁ ନାୟକ, ସତ୍ୟବାଦୀ ସାହୁ, ସୁରେଶ ଚନ୍ଦ୍ର ରଥ, ଶରତ ଚନ୍ଦ୍ର ଦାଶ, ଅମ୍ରିତା ସାମଲ, କାଦମ୍ବିନୀ ସ୍ୱାଇଁଙ୍କ ସହ ଓଡିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୦୦ରୁ ଅଧିକ ପାଲାକାର, ସାହିତ୍ୟିକମାନେ ଭାଗ ନେଇ ମହାନ୍ ଆତ୍ମାର ସ୍ମୃତିଚାରଣ କରିଥିଲେ। ରମାକାନ୍ତ ମିଶ୍ର ଥିଲେ ଜଣେ ଅସାଧାରଣ ଜ୍ଞାନର ଅଧିକାରୀ, ସଂସ୍କୃତ ଭାଷାରେ ବିଦ୍ୱାନ, ଓଡିଆ ସାହିତ୍ୟରେ ଦକ୍ଷ, ଉତ୍ତମ ଶିକ୍ଷକ, ଓଡିଶାର ଜଣେ ଉଚ୍ଚ କୋଟୀର ପାଲା ଗାୟକ ଓ ସଂଗଠକ। ବିଭିନ୍ନ ସାଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନରେ ସକ୍ରିୟ ଜଡିତ ଥିଲେ। ଆମରି ସତ୍ୟ ବିକାଶ ପରିଷଦ, ଜଟଣୀ ପୁସ୍ତକ ମେଳା, ଜଟଣୀ ସାହିତ୍ୟ ସଂସଦ, ସମ୍ବାଦ ସାହିତ୍ୟ ଘର, ହରିପୁର ଗ୍ରାମବାସୀ ଆଜି ସେ ମହାନ୍ ବ୍ୟକ୍ତିତ୍ୱଙ୍କୁ ମନେ ପକାଉଛି। ଶିଷ୍ୟ ଶରତ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନଗଣନା ଲାଗି ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

**କେନ୍ଦ୍ରାପଡ଼ା,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୨୦୨୭ ପ୍ରଥମ ପର୍ଯ୍ୟାୟ ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀମାନଙ୍କୁ ନେଇ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୧୧ ପରେ ୧୫ ବର୍ଷ ବ୍ୟବଧାନରେ ଜନଗଣନା ହେଉଥିବାରୁ ସଠିକ ଏବଂ ଦାୟିତ୍ୱବାନ ହୋଇ ଜନଗଣନା କାର୍ଯ୍ୟ କରିବାକୁ ବୈଠକରେ ଅଧକ୍ଷତା କରିଥିବା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମାଲିକ କହିଛନ୍ତି। ଆଜିର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଡିଡି ପ୍ଲାନିଂ ଆରତୀ ନାୟକ, କେନ୍ଦ୍ରାପଡ଼ା ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ପଟ୍ଟାମୁଣ୍ଡାଇ ମୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ସମେତ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଡେପୁଟି କଲେକ୍ଟରମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଘେରିଲେ ଚାଷୀ

**ଝାରସୁଗୁଡ଼ା,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**

'ଟଙ୍କା ଦିଅ ଟାର୍ଗେଟ ନିଅ' କଥା କହି ହରଡ଼ଘଣାରେ ପଡ଼ିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ। ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଏଭଳି କାର୍ଯ୍ୟ ଚରମ ସୀମାରେ ପହଞ୍ଚିବା ପରେ ଗୁରୁବାର ଲଇକେରା ବ୍ଲକ୍ ଝରିଆବାହାଲରେ ଚାଷୀମାନେ ଜିଲ୍ଲା ଯୋଗାଣ ଅଧିକାରୀ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଘେରିଥିଲେ। କ'ଣ ପାଇଁ ଚାଷୀଙ୍କୁ ଏମିତି ଶୋଷଣ କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲାରେ ଧାନ କିଣା ବ୍ୟାହତ ହେବା ପରେ ଚାଷୀଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଥିଲା। ଏହାପରେ ଜିଲ୍ଲାପାଳ ଏକ ଚିଠି ଜାରି କରି ପଞ୍ଚାୟତ କମିଟି ମାଧ୍ୟମରେ ଧାନ କିଣିବାକୁ ସ୍ଥିର କରିଥିଲେ। ଏହାକୁ ନେଇ ଚାଷୀ ସଂଗଠନ ବିରୋଧ କରିଥିଲେ। ଜିଲ୍ଲାପାଳଙ୍କୁ ଦାବିପତ୍ର ମଧ୍ୟ ଦେଇଥିଲେ। ଏହି ନୂଆ ବ୍ୟବସ୍ଥାକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ମାତ୍ର ନୂଆ ବ୍ୟବସ୍ଥା ଅନୁସାରେ ଗଠିତ ଦଳ ଘରକୁ ଘର ବୁଲି ଧାନ ଯାଞ୍ଚ କରିଥିଲା। ଏହାପରେ ଧାନ ସମବାୟ ସମିତିକୁ ଆଣିବାକୁ କହିଥିଲା। ଗୁରୁବାର ଲଇକେରା ବ୍ଲକ୍‌ର ଝରିଆବାହାଲର କିଛି ଚାଷୀ ସେମାନଙ୍କ ଧାନକୁ ଗାଡ଼ିରେ ନେଇ ସମବାୟ ସମିତିକୁ ଆସୁଥିଲେ। ସେହି ସମୟରେ ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ବେଶ୍ରା ପହଞ୍ଚି ଗାଡ଼ିକୁ ଜବତ କରିଥିଲେ। ଧାନର କାଗଜପତ୍ର ଯାଞ୍ଚ କରିଥିଲେ। କୌଣସି ଗାଡ଼ିକୁ ସମବାୟ ସମିତିକୁ ଛାଡ଼ି ନଥିଲେ। ଏ ବିଷୟରେ ଖବର ପାଇ ମା'ଅନ୍ଧାରୀ କୃଷକ ସଂଘ ସଭାପତି ହେମନ୍ତ କୁମୁରାଙ୍କ ନେତୃତ୍ୱରେ ୧୧ଟି ପଞ୍ଚାୟତର ଶତାଧିକ ଚାଷୀ ଝରିଆବାହାଲରେ ପହଞ୍ଚି ଜିଲ୍ଲା ଯୋଗାଣ ଅଧାକାରୀଙ୍କୁ ଘେରିବା ସହିତ ତାଙ୍କର କାର୍ଯ୍ୟକୁ ବିରୋଧ କରିଥିଲେ। ଘଟଣାସ୍ଥଳରେ ଲଇକେରା ପୋଲିସ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିବା ବେଳେ ଚାଷୀମାନେ ରାଜି ହୋଇ ନଥିଲେ। ଏଥିସହ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନାମରେ ବିଭିନ୍ନ ଅଭିଯୋଗ କରିଥିଲେ। କିଛି ଦିନ ହେବ ଜିଲ୍ଲା ଯୋଗାଣ ଅଧିକାରୀ ସମବାୟ ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଠାରୁ ଟଙ୍କା ନେଇ ଟାର୍ଗେଟ ଦେଇଥିବା ବେଳେ ଲଇକେରା ବ୍ଲକ୍‌ର କିଛି ଚାଷୀଙ୍କୁ କାହିଁକି ଟାର୍ଗେଟ ଦିଆଯାଉନାହିଁ ବୋଲି ପଚାରିଥିଲେ। ମାତ୍ର ସେମାନଙ୍କୁ ସିଏସ୍ ଟଙ୍କା ଦେବାକୁ କହିଥିଲେ। ଟଙ୍କା ଦେଲେ ଟାର୍ଗେଟ ଦିଆଯିବ ବୋଲି କହିଥିଲେ। ଚାଷୀମାନେ ଆମେ କାହିଁକି ଟଙ୍କା ଦେବୁ ବୋଲି ପ୍ରଶ୍ନ କରିଥିଲେ। ଚାଷ କରିବୁ, ଅମଳ କରି ନିଜ ଖର୍ଚ୍ଚରେ ସମବାୟ ସମିତିକୁ ଆଣିବୁ, ସେଥିରେ ୭ରୁ୮ କିଲୋ କଟନିଛଟନି କରାଯିବ ଏହାପରେ ୮୦୦ ଟଙ୍କା ଇନପୁଟ ବଦଳରେ ୭୩୯ ଟଙ୍କା ଦିଆଯିବ। ଏବେ ପୁଣି ଟଙ୍କା ଦେଲେ ଟାର୍ଗେଟ ଦିଆଯିବ ବୋଲି କହି ସିଏସଓଙ୍କୁ ବିରୋଧ କରିଥିଲେ। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। କିନ୍ତୁ ଜିଲ୍ଲା ଯୋଗାଣ ଅଧିକାରୀ ଗାଡ଼ିଗୁଡ଼ିକୁ ଯାଞ୍ଚ ଆଳରେ ଅଟକାଇ ଟଙ୍କା ମାଗୁଥିଲେ। ଏହାକୁ ନେଇ ଚାଷୀମାନେ ବିରୋଧ କରିବା ସହିତ ଅଧିକାରୀଙ୍କୁ ଘେରିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ପରେ ସମବାୟ ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ଟାର୍ଗେଟ ଦିଆଯିବ ବୋଲି ସିଏସଓ ଶ୍ରୀ ବେଶ୍ରା କହିଥିଲେ। ଏଥିସହ ଜିଲ୍ଲାପାଳ ଯେଉଁ ନୂତନ ପଦ୍ଧତିରେ ଧାନ କିଣିବା ପାଇଁ କହିଥିଲେ, ତାହାକୁ ପ୍ରତ୍ୟାହାର କରାଗଲା। ଯେଉଁମାନଙ୍କର ଟୋକନ ଲାପ୍ସ କରିଛି, ସେମାନଙ୍କର ଆଉ ଥରେ ନବୀକରଣ କରାଯିବ ବୋଲି କହିଥିଲେ। ପ୍ରଥମ ଟୋକନ ପରେ ଯେଉଁମାନଙ୍କର ଧାନ ରହିଛି, ସେମାନେ ଦ୍ୱିତୀୟ ଟୋକନରେ ଧାନ ଦେଇପାରିବେ ବୋଲି କହିବା ପରେ ଅଧିକାରୀଙ୍କୁ ଚାଷୀମାନେ ଛାଡ଼ିଥିଲେ। ଏଥିନେଇ ସିଏସ୍‌ଓ ଶ୍ରୀ ବେଶ୍ରାଙ୍କୁ ପଚାରିବାରୁ ପ୍ରଥମେ ୫ ଲକ୍ଷ ୪୩ ହଜାର, ଏହାପରେ ୨ ଲକ୍ଷ ପରେ ଦେଢ଼ ଲକ୍ଷ କ୍ୱିଣ୍ଟାଲ ଟାର୍ଗେଟ ଦିଆଯାଇଥିଲା। ମୋଟ ୮ ଲକ୍ଷ ୯୩ ହଜାର କ୍ୱିଣ୍ଟାଲ ଧାନ ଟାର୍ଗେଟ ଦିଆଯାଇଥିବା ବେଳେ ଧାନ ୬ କ୍ୱିଣ୍ଟାଲ ୯୧ ହଜାର କିଣାଯାଇଛି। ଅବଶିଷ୍ଟ ୨ ଲକ୍ଷ ୨ ହଜାର କ୍ୱିଣ୍ଟାଲ ଧାନ ପାଇଁ କିଣା ହେବ। ଏଥିସହ ୭୧ ହଜାର କ୍ୱିଣ୍ଟାଲ ଟାର୍ଗେଟ ଦିଆଯାଇଥିବା ବେଳେ ଗୁରୁବାର ୨୧ ହଜାର କ୍ୱିଣ୍ଟାଲ ଟାର୍ଗେଟ ଦିଆଯାଇଛି ବୋଲି ସିଏସଓ ଶ୍ରୀ ବେଶ୍ରା କହିଥିଲେ। ଅନ୍ୟପକ୍ଷରେ 'ଟଙ୍କା ଦିଅ ଟାର୍ଗେଟ ନିଅ' ପ୍ରସଙ୍ଗରେ ବ୍ୟାଙ୍କ ଗ୍ୟାରେଣ୍ଟି ପାଇଁ ଟଙ୍କା ମଗାଯାଉଛି ବୋଲି କହିଥିଲେ।

## ଗର୍ଭବତୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଓଡ଼ାପଡ଼ା,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଥମେ ଇନଷ୍ଟାଗ୍ରାମରେ ଚାଟିଙ୍ଗ ଓ ଫେସବୁକରୁ ପ୍ରେମ ତାପରେ ସୁଦୂର ବେଙ୍ଗାଲୁରୁକୁ ଲୁଚି ପଳେଇ ଯାଇ ଗୋପନରେ ପ୍ରେମ ବିବାହ ଓ ଏବେ ହତ୍ୟା ଅଭିଯୋଗ ଆଣିଛନ୍ତି ପରିବାର ଲୋକ। ଘଟଣା ଅନୁସାରେ ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଧଳପୁର ଗ୍ରାମର ଅଜୟ ମହାପାତ୍ରଙ୍କ ଝିଅ ଯଶୋବନ୍ତି ମହାପାତ୍ରଙ୍କର ଗତ ୫ ତାରିଖରେ ବେଙ୍ଗାଲୁରୁ ଠାରେ ଗର୍ଭବତୀ ଥିବା ଅବସ୍ଥାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଯଶୋବନ୍ତି ପୂର୍ବରୁ ନୟାଭାଗିରଥି ଗ୍ରାମପଞ୍ଚାୟତର ହଳଦିଆବାହାଳ ଗ୍ରାମରେ ବୈଦିକ ରୀତିନୀତି ଅନୁସାରେ ଜୈନେକ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇଟି ସନ୍ତାନ ମଧ୍ୟ ଅଛନ୍ତି। କିଛି ବର୍ଷ ଭଲରେ ସଂସାର ଚାଲିବା ପରେ ପ୍ରାୟ ତିନି ବର୍ଷ ହେବ ଉଭୟଙ୍କ ମଧ୍ୟରେ ମତାନ୍ତର ଓ ମନାନ୍ତର ହେବାରୁ ଦୁଇ ଛୁଆକୁ ଛାଡି ସ୍ୱାମୀଙ୍କ ଠାରୁ ଅଲଗା ହୋଇଯାଇଥିଲେ। କିଛି ଦିନ ଅଲଗା ହେବାପରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ କ୍ରୀଷ୍ଣାକାନ୍ତ ସାହୁଙ୍କ ସହିତ ଫେସବୁକ୍‌ରେ ପ୍ରଥମେ ବନ୍ଧୁତା ଓ ପରେ ଇନଷ୍ଟାଗ୍ରାମରୁ ପ୍ରେମ ସମ୍ପର୍କ ଗଢି ଉଠିଥିଲା। କ୍ରୀଷ୍ଣାକାନ୍ତ ବେଙ୍ଗାଲୁରୁରେ ଏକ ଘରୋଇ ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ଭାବେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରି ଆସୁଥିଲେ। ପ୍ରେମ ଏତେ ନିବିଡ଼ ଥିଲା ଯେ ଦୁଇବର୍ଷ ତଳେ ଯଶୋବନ୍ତି ବେଙ୍ଗାଲୁରୁ ପଳାଇଯାଇ ଉଭୟେ ବିବାହ କରିନେଇଥିଲେ। ବାପାଙ୍କ ଅଭିଯୋଗ ଅନୁସାରେ ବିବାହର ପ୍ରାୟ ଏକ ବର୍ଷ ଉଭୟଙ୍କ ବୈବାହିକ ଜୀବନ ଭଲରେ ଭଲରେ କଟୁଥିଲା। ଯଶୋବନ୍ତି ଗର୍ଭବତୀ ମଧ୍ୟ ହୋଇଥିଲେ। କିନ୍ତୁ କ'ଣ ହେଲା କେଜାଣି ଏକ ବର୍ଷ ପରେ ଯଶୋବନ୍ତିଙ୍କୁ କ୍ରୀଷ୍ଣାକାନ୍ତ ବିଭିନ୍ନ ସମୟରେ ଅମାନୁଷିକ ନିର୍ଯାତନା ଦେବାକୁ ଆରମ୍ଭ କରିଦେଇଥିଲେ। ଗର୍ଭ ନଷ୍ଟ କରିବାକୁ ବାରମ୍ବାର ବାଧ କରୁଥିଲେ ବୋଲି ଅଭିଯୋଗରୁ ଜଣାପଡ଼ିଛି। ତେବେ ଗତ ୫ ତାରିଖ ସନ୍ଧ୍ୟା ୭ଟା ସମୟରେ ତମ ଝିଅର ମୃତ୍ୟୁ ହୋଇଛି ବୋଲି ଅଜୟଙ୍କୁ ଫୋନ୍ ଯୋଗେ ଜଣାଇଥିଲେ ଜୁଆଇଁ କ୍ରୀଷ୍ଣାକାନ୍ତ। ପଚାଶ ହଜାର ଟଙ୍କା ଆଣି କି ଆସିଲେ ବେଙ୍ଗାଲୁରୁରୁ ଘରକୁ ମୃତଦେହ ଯିବ ନହେଲେ ନାହିଁ ବୋଲି ସଫା ସଫା ଜଣାଇ ଥିଲେ କ୍ରୀଷ୍ଣାକାନ୍ତ। ତିନି ଘଣ୍ଟା ପୂର୍ବରୁ ଅର୍ଥାତ୍ ଚାରିଟା ବେଳେ ଝିଅ ସାଙ୍ଗରେ ଭଲରେ କଥା ହୋଇଥିବା ବେଳେ ହଠାତ କେମିତି ଓ କାହିଁକି ମୃତ୍ୟୁ ହେଲା ସେ ନେଇ ଆଶ୍ଚର୍ଯ୍ୟ ହୋଇଥିଲେ ବାପା ଅଜୟ। ଗର୍ଭବତୀ ଝିଅକୁ ହତ୍ୟା କରାଯାଇଥିବା ସନ୍ଦେହ କରି ମୋଟଙ୍ଗା ଥାନା ସମେତ ଢେଙ୍କାନାଳ ଏସପିଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଏଥିସହିତ ଝିଅର ମୃତଦେହକୁ ବେଙ୍ଗାଲୁରୁରୁ ନିଜ ଗ୍ରାମକୁ ଆଣିବାର ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ଜଣାଇଛନ୍ତି।

## ୧୯ରୁ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ

**କୋଣାର୍କ,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପଦ୍ମଶ୍ରୀ ସ୍ୱର୍ଗତ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ମାନସ ପୁତ୍ର କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ ୪୦ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ୧୯ ତାରିଖରେ ଅନୁଷ୍ଠିତ ହେବ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ମହାସମର କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ। ଏହି ଅବସରରେ ଶୁକ୍ରବାର ଅପରାହ୍ନରେ କୋଣାର୍କ ନାଟ୍ୟ ମଣ୍ଡପ ପରିସରରେ ୪୦ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। କୋଣାର୍କ ନାଟ୍ୟ ମଣ୍ଡପର ଉପଦେଷ୍ଟା ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ଗୁରୁ ଜୟକୃଷ୍ଣ ନାୟକ, ଖଗେଶ୍ୱର ଖଣ୍ଡାୟତରାୟ, ବିଷ୍ଣୁ ଚରଣ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୧୯ ତାରିଖ ସଂଧ୍ୟାରେ ପ୍ରଥମେ ବାବା ବାଲୁଙ୍କେଶ୍ୱର ମହାଦେବଙ୍କ ଆଜ୍ଞାମାଳ ମଞ୍ଚରେ ବିଜେ ହେବ। ଏହା ପରେ ନାଟ୍ୟ ମଣ୍ଡପ ଓ ସାସମଲ ନୃତ୍ୟାଳୟା ଡାନ୍ସ ଏକାଡେମୀର ୫୦ଜଣ କଳାକାରମାନେ ଅପୂର୍ବ ନୃତ୍ୟ ଶୈଳୀରେ ପରିବେଷଣ କରିବେ ପଞ୍ଚଦେବସ୍ତୁତି। ପରେ ଓଡିଶୀ, କୁଚିପୁଡ଼ି, ଭାରତନାଟ୍ୟମ ଆଦି ନୃତ୍ୟ ପରିବେଷଣ ହେବ। ଏହି ଅବସରରେ ୩୦ତମ କୋଣାର୍କ ସାହିତ୍ୟ ଉତ୍ସବ ନିମନ୍ତେ ବିଭିନ୍ନ ସ୍ଥାନରୁ ସାହିତ୍ୟିକ, କବି ଓ କବୟିତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁଲୋଚନା ପ୍ରଧାନ, ବାମଦେବ ଆଲୁକୁ, ସୁଦେଷ୍ଣା ସାସମଲ ସମେତ ନାଟ୍ୟମଣ୍ଡପର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରାଣୀ ଚିକିତ୍ସାଳୟରେ ଅବ୍ୟବସ୍ଥା ନେଇ ବିକ୍ଷୋଭ

**ବ୍ରହ୍ମପୁର,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**



ବ୍ରହ୍ମପୁର ଜିଲ୍ଲା ପ୍ରାଣୀ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥା ନେଇ ଶୁକ୍ରବାର ସ୍ଥାନୀୟ ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଆବାହକ ଆଇନଜୀବି ଅବନୀ ଗୟା ଓ ସମାଜସେବୀ ମନୋଜ ତରାଇଙ୍କ ନେତୃତ୍ୱରେ ବହୁ ସଂଖ୍ୟକ କର୍ମକର୍ତ୍ତା ବିକ୍ଷୋଭରେ ଅଂଶ ଗ୍ରହଣ କରି ସରକାରଙ୍କ ଦି ମୁଣ୍ଡିଆ ଚରିତ୍ରକୁ ଦୃଢ଼ ନିନ୍ଦା କରିଥଲେ। ଗୋଟିଏ ପକ୍ଷରେ ସରକାର ଗୋ ଚାଲାଣକୁ ପ୍ରସଙ୍ଗ କରି କ୍ଷମତାକୁ ଆସିଥିବା ବେଳେ ବର୍ତ୍ତମାନ ସମଗ୍ର ବିଶ୍ୱରେ ଭାରତ ଗୋ ଚାଲାଣରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। ଗୋ ସୁରକ୍ଷା ନାଁରେ ସ୍ଥାନେ ସ୍ଥାନେ ପ୍ରସଙ୍ଗ କରି ନାନା ପ୍ରକାର ହୋ ହାଲ୍ଲା, ଗଣ୍ଡଗୋଳ ହେଉ ଥିବାବେଳେ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା ନ ପାଇ ଗାଇ, ଷଣ୍ଢଙ୍କ ମୃତ୍ୟୁ ହେବା ଅତ୍ୟନ୍ତ ସ୍ପର୍ଶ କାତର କଥା। ଗଞ୍ଜାମ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଔଷଧର ଓଭରଡୋଜ ବା ମାତ୍ରାଧିକ ଔଷଧ ଦେବା ଓ ଗୋଟିଏ ସିରିଞ୍ଜରେ ବିଭିନ୍ନ ପଶୁଙ୍କୁ ଇଞ୍ଜେକସନ ଦେବା ଭଳି ଜଘନ୍ୟ ଅବହେଳା ଯୋଗୁଁ ଗୋଟିଏ ଗାଈର ଅକାଳ ମୃତ୍ୟୁ ଘଟିଛି। ଏଥିପାଇଁ ଖୁବ୍‌ଶୀଘ୍ର ତଦନ୍ତ କରି ଦୋଷୀଙ୍କୁ ଗିରଫ କରାଯିବାକୁ ଦାବି ହୋଇଛି, ଏ ନେଇ ସ୍ଥାନୀୟ ଟାଉନ୍ ଥାନାରେ ଅଭିଯୋଗ ଦାଖଲ ହୋଇଛି। ଏତଦବ୍ୟତୀତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଇଣ୍ଡୋର୍ ବିଭାଗ ଖୋଲିବା, ନିୟମିତ ସମସ୍ତ ଆବଶ୍ୟକୀୟ ଔଷଧ ଯୋଗାଇବା, ଚିକିତ୍ସାଧୀନ ପ୍ରାଣୀଙ୍କ ପାଇଁ ଖାଦ୍ୟ ଯୋଗାଣ, ସରକାରୀ ଯୋଗାଣ ଔଷଧକୁ ଅନ୍ୟତ୍ର ବିକ୍ରି କରି କମିଶନ କାରବାର ବନ୍ଦ କରିବା, ସ୍ୱେଚ୍ଛାସେବୀ ପଶୁ ପ୍ରେମୀଙ୍କୁ ଧମକ ଦେବା ବନ୍ଦ କରିବା, ଅଞ୍ଚଳ ଅନୁସାରେ ମଧ୍ୟ ଏଲ ତାଲିକା ଗଣମାଧ୍ୟମରେ ପ୍ରକାଶ କରିବା, ପଲିଥିନ୍ ନିଷିଦ୍ଧ କରିବା, ଅସ୍ତ୍ରୋପଚାର ଗୃହ ଖୋଲିବା, ପାଥୋଲୋଜି-ଏକ୍ସରେ ଚାଲୁ କରିବା, ଗୋଶାଳାରେ ସିସି କ୍ୟାମେରା ଲଗାଇବା, କାର୍ଯ୍ୟ ସମୟରେ ଅନୁପସ୍ଥିତ ରହୁଥିବା କର୍ମଚାରୀଙ୍କୁ ତଦାରଖ ଲାଗି ବାୟୋମେଟ୍ରିକ୍ ଲାଗୁ କରିବା, ମିଛ ବିଲିଂର ତଦନ୍ତ କରିବା, ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟ ପାଇଁ ଆଉ ଗୋଟିଏ ଆମ୍ବୁଲାନ୍ସ ଯୋଗାଇବା, ଆହତ ପଶୁକୁ ଆମ୍ବୁଲାନ୍ସରେ ଉଠାଇବା ପାଇଁ ଲିଫ୍ଟ ମେସିନ୍ ସଂଯୋଗ କରିବା, ରାସ୍ତାରେ ଗାଈକୁ ଛାଡି ତାକୁ ଅବହେଳା କରୁଥିବା ଗାଈ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା, ମୃତ ପଶୁଙ୍କୁ ଦହନ ପାଇଁ ବୈଦ୍ୟୁତିକ ଦହନ ମେସିନ୍ ସ୍ଥାପନ ଆଦି ୧୮ଟି ଦାବି ଉପସ୍ଥାପନ ହୋଇଛି। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ କୁନି କୁମାରୀ ଦେବୀ, ଶିକ୍ଷକ ସଙ୍ଗଠନ ନେତା ଆଶୋକ ଦଳାଇ, ଶ୍ୟାମ ସୁନ୍ଦର ଖାଡ଼ାଙ୍ଗା, ଯୁବନେତା ସ୍ମୃତି ରଞ୍ଜନ ତରାଇ, କିଶୋର ସ୍ୱାଇଁ, ବି. ମଣିକଣ୍ଠ, ଓମ୍ ପ୍ରକାଶ ଜେନା, ରୁଦ୍ର ମାଧବ, ଅଜୟ ପାଣଗ୍ରାହୀ, ଶ୍ରୀକାନ୍ତ ପାଳ, ଶ୍ୟାମଘନ ପରଦେଶୀ, ମହେଶ ଗୌଡ଼, କାଳିଆ ଜେନା, ଶ୍ୟାମଘନ ଦଳାଇ, ଆଦିତ୍ୟ ପ୍ରସାଦ, ଶ୍ରୀକାନ୍ତ ଗୌଡ଼ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଖୁବ୍‌ଶୀଘ୍ର ସମସ୍ତ ସମସ୍ୟାର ସମାଧାନ ନ ହେଲେ ଯେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ପାଇଁ ରାଜ୍ୟ ସରକାର ହିଁ ଦାୟୀ ରହିବେ ବୋଲି ମଞ୍ଚ ଆବାହକ ଅବନୀ ଗୟା ମତବ୍ୟକ୍ତ କରିଛନ୍ତି।

## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ

**ବେତନଟୀ,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**



ପିଏମଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସମସ୍ତ ଅତିଥିଙ୍କୁ ସସମ୍ମାନେ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ ଓ ଏନସିସି ଶିକ୍ଷକ ପ୍ରକାଶ କୁମାର ଗିରି ସ୍ୱାଗତ କରିଥିଲେ। ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟବ୍ୟକ୍ତା ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱନାଥ ହେମ୍ବ୍ରମ, ପଞ୍ଚାୟତ ସମିତି ସଭ୍ୟ ରଣଜିତ କୁମାର ସିଂ, ଯୁବ ନେତା ଜୀବନ କୁମାର ପରିଡା, ଏସଏମସି ଉପସଭାପତି ଟୁନି ପ୍ରଧାନ, ପୂର୍ବତନ ଛାତ୍ର ସଭାପତି ଜୟନ୍ତ କୁମାର ପଟ୍ଟନାଏକ ଉପସ୍ଥିତ ଥିଲେ। ସର୍ବ ପ୍ରଥମେ ଶିକ୍ଷକ ସୁବୋଧ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ପୂର୍ବକ ସମସ୍ତ ଅତିଥିଙ୍କୁ ମଞ୍ଚାସୀନ କରାଇଥିଲେ। ସଂସ୍କୃତ ଶିକ୍ଷକ ରାଜକମଲ ସକ୍ଷତୁଆ ବେଦମନ୍ତ୍ର ପାଠ କରିଥିଲେ। ସ୍ୱାଗତ ସଙ୍ଗୀତ ଓ ସ୍ୱାଗତ ନୃତ୍ୟ ମାଧ୍ୟମରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷକ ନିରୋଜ କୁମାର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ସୁବୋଧ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା, ଶୃଙ୍ଖଳା ଓ ସାଂସ୍କୃତିକ ଚେତନାକୁ ବିକାଶ କରିବା ଉପରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ମୁଖ୍ୟ ଆକର୍ଷଣ ଥିଲା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଦେଶଭକ୍ତିମୂଳକ ନୃତ୍ୟ, ଓଡ଼ିଆ ସଂସ୍କୃତି ଭିତ୍ତିକ ନାଟକ, ଗୀତ ଓ ଆଧୁନିକ ନୃତ୍ୟ। ପ୍ରତ୍ୟେକ ପ୍ରଦର୍ଶନୀ ଦର୍ଶକମାନଙ୍କ ମଧ୍ୟରେ ଭାରି ପ୍ରଶଂସା ପାଇଥିଲା।

## ଜଳସମ୍ପଦ ବିଭାଗ ପ୍ରକଳ୍ପର ଶିଳାନ୍ୟାସ

**ମାହାଙ୍ଗା,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**



ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ଉଷୁମା ପଂଚାୟତ ଗସ୍ତ କରି କେନ୍ଦ୍ରାପଡା କେନାଲ ୬(ଘ) ଶାଖା ନାଳୀ ଉନ୍ନତୀକରଣ ଓ ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ। ପରେ ବରାହିପୁର ପଞ୍ଚାୟତ ଗସ୍ତ କରି କେନ୍ଦ୍ରାପଡା କେନାଲ ୬(ଚ) ଶାଖା ନାଳୀ ଉନ୍ନତୀକରଣ ଓ ସିମେଣ୍ଟ କଂକ୍ରିଟ ଲାଇନିଙ୍ଗର ଶୁଭ ଶିଳାନ୍ୟାସ କରିଥିଲେ। ଓଷଙ୍ଗ ପଞ୍ଚାୟତ ଗସ୍ତକରି କେନ୍ଦ୍ରାପଡା କେନାଲ ୬ ଶାଖା ନାଳୀ ଉନ୍ନତୀକରଣ ଓ ସିମେଣ୍ଟ କଂକ୍ରିଟ ଲାଇନିଙ୍ଗର ଶିଳାନ୍ୟାସ କରିବା ପରେ ଶେଷରେ ପୋଡାମରାଇ ପଞ୍ଚାୟତ ସିନ୍ଧୁପୁର ଓ ଏକରଣା ଠାରେ କେନ୍ଦ୍ରାପଡା କେନାଲ ୮(ଜି) ଶାଖା ନାଳୀ ଉନ୍ନତୀକରଣ ଓ ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ କରିଥିଲେ। ବିଶେଷ କରି ଏହି ୫ଟି କେନାଲ ନିର୍ମାଣ ହେବା ଫଳରେ ଉଷୁମା, ବରାହୀପୁର, ଓଷଙ୍ଗ, ପୋଡାମରାଇ ପଞ୍ଚାୟତ ସହ ବହୁ ପଞ୍ଚାୟତର ଚାଷୀମାନେ ବିଲକୁ ଜଳସେଚିତ କରିପାରିବେ। ଯାହା ଫଳରେ ଚାଷୀମାନେ ସଠିକ୍ ଭାବେ ଚାଷ କରି ଭଲ ଅମଳ କରିପାରିବେ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜଳସଂପଦ ବିଭାଗ ଏସଡିଓ ରାଜେନ୍ଦ୍ର ପ୍ରସାଦ ମଲିକ, କନିଷ୍ଠଯନ୍ତ୍ରୀ କୁମୁଦ କୁମାର ବେହେରା, ଭକ୍ତଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ନିର୍ମଳ ରାଉତ, ପ୍ରକାଶ ନାୟକ, ପୂର୍ବତନ ବ୍ଲକ ଅଧକ୍ଷା କନକଲତା ବେହେରା, ଜିତେନ୍ଦ୍ର ଶତପଥି, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ଧ୍ରୁବଚରଣ ସାମଲ, ମନୋରଞ୍ଜନ ନାୟକ, କିଶୋର ରାଉତ, ଅମୀୟ ରଞ୍ଜନ ପ୍ରଧାନ, ନିରଞ୍ଜନ ସାମଲ, ସଦାଶିବ ଦାସ, ଅଶୋକ ବିଶ୍ୱାଳ, ମନୋଜ ପାତ୍ର, ପବିତ୍ର ରାଉତ, ପବିତ୍ର ପ୍ରଧାନଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଲୁଣା ବ୍ରିଜ୍‌ରୁ ମିଳିଲା ଯୁବତୀଙ୍କ ମୃତଦେହ

**ମାର୍ଶାଘାଇ,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ଲୁଣାବ୍ରିଜ ନିକଟରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଥିବା ଜଣାପଡିଛି। ଯୁବତୀ ଜଣଙ୍କ ଗୋଟିଏ ବାଇଗଣି ସାଲୁଆର ପିନ୍ଧିଥିବା ବେଳେ ମଣିଙ୍କ ନିକଟ ଲୁଣାବ୍ରିଜ ତଳେ ଭାସୁଥିବା ଜଣାପଡିବା ପରେ ଖବରପାଇ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି କେନ୍ଦ୍ରାପଡା ଡାକ୍ତରଖାନା ଫ୍ରିଜରରେ ରଖିଥିବା ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି।

## ନାବାଳିକା ଉଦ୍ଧାର

**ମାର୍ଶାଘାଇ,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା କଳାଗଡ ଗ୍ରାମର ଜଣେ ନାବାଳିକା ଗତ ବର୍ଷ ନଭେମ୍ବର ମାସରୁ ନିଖୋଜଥିବା ନାବାଳିକାଙ୍କ ମା' ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ପୋଲିସ ବହୁ ଖୋଜାଖୋଜି ପରେ ନାବାଳିକଙ୍କୁ ମୁମ୍ବାଇରୁ ଉଦ୍ଧାର କରିଥିବା ପୋଲିସ ସୂଚନା ଦେଇଛି। ନାବାଳିକକୁ କେନ୍ଦ୍ରାପଡା ସିଡବ୍ଲୁସିରେ ରଖି ଘଟଣାର ତଦନ୍ତ କରୁଥିବା ପୋଲିସ ସୂଚନା ଦେଇଛି।

## ମନରେଗା ନାଁ ପରିବର୍ତ୍ତନକୁ କଂଗ୍ରେସର ବିରୋଧ




**ଖୋର୍ଦ୍ଧା,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗରିବ ଲୋକଙ୍କୁ ଶହେ ଦିନର କର୍ମନିଯୁକ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ପୂର୍ବରୁ ଉପା ସରକାର ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପ୍ରଣୟନ କରିଥିଲେ। ଏହି ଯୋଜନାରେ ଶ୍ରମିକମାନେ ନିଜ ଅଞ୍ଚଳରେ ବର୍ଷକୁ ୧୦୦ ଦିନର କାମ ନିଶ୍ଚିତ ଭାବରେ ପାଇବାର ପ୍ରାବଧାନ ରହିଥିଲା। ସରକାର ଯଦି ଶ୍ରମିକଙ୍କୁ କାମ ମାଗିବାର ୧୫ ଦିନ ଭିତରେ କାମ ଯୋଗାଇ ନ ଦିଆଯାଏ ତେବେ ସେମାନଙ୍କୁ ଭତ୍ତା ପ୍ରଦାନ କରିବାକୁ ନିୟମ ରହିଥିଲା। ଯାହା ଫଳରେ ଏହି ଯୋଜନା ମାଧ୍ୟମରେ ଭାରତ ବର୍ଷର କୋଟି କୋଟି ପୁରୁଷ ଓ ମହିଳା ଶ୍ରମିକ ଉପକୃତ ହୋଇଆସୁଥିଲେ। କିନ୍ତୁ ବିଡମ୍ବନାର ବିଷୟ ବିଜେପି ସରକାର ଭାର ସମ୍ଭାଳିବା ପରେ ଏହି ଯୋଜନାକୁ ପରିବର୍ତ୍ତନ କରି ମହାତ୍ମା ଗାନ୍ଧୀଙ୍କ ନାମ ବଦଳାଇ ଭିବିଗ୍ରାମଜୀ ନାମରେ ବିଲ ପ୍ରଣୟନ କରିଛନ୍ତି। ଏହାର ଉଦ୍ଦେଶ୍ୟ ମହାତ୍ମା ଗାନ୍ଧୀଙ୍କ ନାମକୁ ପରିବର୍ତ୍ତନ କରିବା ପାଇଁ ଏକ ଚକ୍ରାନ୍ତ ବୋଲି କଂଗ୍ରେସ ଦଳ ପକ୍ଷରୁ ଅଭିଯାଗ ହୋଇଆସୁଛି। ପୂର୍ବ ଯୋଜନାର ମୂଳ ଲକ୍ଷ୍ୟରୁ ଶ୍ରମିକମାନଙ୍କୁ ବଞ୍ଚିତ କରିଛନ୍ତି। ଯାହାକୁ ନେଇ କଂଗ୍ରେସ ଦଳ ପକ୍ଷରୁ ଦାବି ହେଉଥିବା ବେଳେ ମହାତ୍ମା ଗାନ୍ଧୀଙ୍କ ନାମକୁ ପୁନଶ୍ଚ ରଖାଯାଇ ଉକ୍ତ ଯୋଜନାକୁ ଅପରିବର୍ତ୍ତିତ କରିବା ଦାବିରେ ସରକାରଙ୍କ ନିକଟରେ ବିକ୍ଷୋଭ ପଦର୍ଶନ କରିଛି କଂଗ୍ରେସ ଦଳ। ଏହି ପ୍ରତିବାଦରେ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ବିରାଟ ରାଲି ବାହାରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରିବା ସହିତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି କ୍ରମରେ ଅଖିଳ ଭାରତ କଂଗ୍ରେସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ଦଳର ଶତାଧିକ କର୍ମୀଙ୍କ ସମେତ ପୁରୁଖା ନେତାମାନେ ଏହି ବିକ୍ଷୋଭରେ ଯୋଗଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଡିଏମଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପୂର୍ବ ଯୋଜନାକୁ ପ୍ରଣୟନ କରିବାପାଇଁ ପଦକ୍ଷେପ ନେବାକୁ ଦାବି ଉପସ୍ଥାପନ କରିଛନ୍ତି।

## ଫାଇଲେରିଆ ନିରାକରଣ ପାଇଁ ସମନ୍ୱୟ କମିଟି ବୈଠକ



**ବୁଗୁଡ଼ା,୭।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଫାଇଲେରିଆ ନିରାକରଣ ପାଇଁ ସରକାରୀସ୍ତରରେ ବହୁ ପଦକ୍ଷେପ ନିଆଯାଉଥିଲେ ହେଁ ସଚେତନତା ଅଭାବରୁ ଫାଇଲେରିଆ ରୋଗୀଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଥିବାରୁ ଏହି ରୋଗର ନିୟନ୍ତ୍ରଣ କରିବା ଏବେ ସ୍ୱାସ୍ଥ୍ୟ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବୁଗୁଡ଼ା ବ୍ଲକରେ ଫାଇଲେରିଆ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ବୁଗୁଡ଼ା ଅଞ୍ଚଳକୁ ଏବେ ରେଡ ଜୋନ ଭାବେ ଘୋଷଣା କରାଯାଇଛି। ସଦ୍ୟ ରିପୋର୍ଟ ଅନୁସାରେ ବୁଗୁଡ଼ା ଗ୍ରାମାଞ୍ଚଳରେ ଫାଇଲେରିଆ ରୋଗୀଙ୍କ ସଂଖ୍ୟା ୫୪୭ ଓ ବୁଗୁଡ଼ା ସହରରେ ୯୧ ଥିବାବେଳେ ନୂତନ ଭାବେ ୮ଜଣ ଚିହ୍ନଟ ହୋଇଥିବାରୁ ଏହି ସଂଖ୍ୟା ୯୯ରେ ପହଞ୍ଚି ଥିବା ଜଣା ପଡିଛି।

ସଚେତନତା ସତ୍ତ୍ୱେ ପାର୍ଶ୍ୱ ପ୍ରତିକ୍ରିୟା ଭୟରେ ଅଧିକାଂଶ ଲୋକ ଔଷଧ ନଖାଇ ଫୋପାଡି ଦେଉଥିବାରୁ ଫାଇଲେରିଆ ନିୟନ୍ତ୍ରଣ କରିବା ମୁସ୍କିଲ ହୋଇ ପଡୁଛି। ତେବେ ପାର୍ଶ୍ୱ ପ୍ରତିକ୍ରିୟା ଗୋଟିଏ ବରଦାନ ସାଧାରଣ ଲୋକଙ୍କ ଅପେକ୍ଷା ଯାହା ଦେହରେ ପୂର୍ବରୁ ଫାଇଲେରିଆ କୀଟାଣୁ ପ୍ରବେଶ କରିଥାଏ ସେହି ଛୁଆ କିମ୍ବା ବ୍ୟକ୍ତି ଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ଯାହାକି ଶୁଭ ସୂଚନା ଅଟେ ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହିଛନ୍ତି। ମେଡିକାଲ ଅଫିସର ଅରୁଣ କୁମାର ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଫାଇଲେରିଆ ନିରାକରଣ ନିମନ୍ତେ ଏକ ବ୍ଲକସ୍ତରୀୟ ସମନ୍ୱୟ ବୈଠକରେ ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା, ବିଜେପି ନଗର ସଭାପତି କେଦାର ନାଥ ମହାରଣା, ଏଟିଓ ସୁନନ୍ଦ ଶେଖର ସାହାଣୀ, ଏବିଇଓ କୃଷ୍ଣ ଚନ୍ଦ୍ର ବେହେରା, ସିଡିପିଓ ବବିତା ପଣ୍ଡା, ଏନଟିଡି ଜିଲ୍ଲା ଅଧିକାରୀ ଚିନ୍ମୟ କୁମାର ସାହୁ, ବିପିଏମ ଦୁର୍ଗା ପ୍ରସାଦ ପଟ୍ଟନାୟକ, ପିଏଚ୍‌ସିଓ ରଜନୀ କୁମାରୀ ପାତ୍ର, ମ୍ୟାଲେରିଆ ସୁପରଭାଇଜର ସ୍ୱରୂପ କୁମାର ପାତ୍ର ପ୍ରମୁଖ ଯୋଗଦେଇ ବୁଗୁଡ଼ା ବ୍ଲକ ରେଡ ଜୋନରେ ଥିବାରୁ ସରକାରୀସ୍ତରରେ ଏହାର ନିରାକରଣ ପାଇଁ ଜୋର ଦିଆଯାଇଥିବା ଜଣାପଡିଛି।

## ଛୁଙ୍କ ଦିଆ ଚା’

**ହେଲ୍‌ଥ**



**ଟନିକ୍**

ପତିଦେବ ଅଫିସ୍‌ରୁ ଫେରିଲେ । କ୍ଳାନ୍ତ ହୋଇ ଫେରିଥିଲେ ତ ଟିକେ ବସିପଡ଼ିଲେ । ପତ୍ନୀଦେବୀ ପଚାରିଲେ- ଚା’ କରିଦେବି ?

ପତି କହିଲେ- ହଁ, ଠିକ୍‌ଅଛି କର ।

ପତ୍ନୀ ପୁଣି ପଚାରିଲେ- ଅଦା ପକାଇବି ?

ପତି କହିଲେ- ଓ.କେ. ।

ପତ୍ନୀ ପୁଣି ପଚାରିଲେ- ଗୋଲମରିଚ ପକାଇବି ?

ପତି କହିଲେ- ଠିକ୍ ଅଛି ପକାଅ ।

ପତ୍ନୀ ରୋଷେଇ ଘରୁ ପୁଣି ପଚାରିଲେ- ତୁଳସୀ ପକାଇବି କି ? ଦେହ ପାଇଁ ଭଲ ହୋଇଥାଏ ।

ପତିଦେବ ପାଖରେ ଆଉ ଧୈର୍ଯ୍ୟ ନଥିଲା । ସେ ଚିଡ଼ିଯାଇ କହିଲେ- ଗୋଟିଏ କାମ କର, ଟିକିଏ ରାଇ ଆଉ ଜୀରା ପକାଇ ଛୁଙ୍କ ଦେଇ ଦେଉନ ।


**ଶେଷ ପୃଷ୍ଠା**

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 8th February, 2026 Sunday | RNI Regd. No. ODIODI/2009/28880


# ୟୁଟର୍ଣ୍ଣ ନେଇପାରେ ପାକିସ୍ତାନ: ଭାରତ ସହ ମ୍ୟାଚ୍ ଖେଳିବ !

**ନୂଆଦିଲ୍ଲୀ,୭।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଇସିସିକୁ ତୋଡ ଦେଖାଉଥିବା ପାକିସ୍ତାନର ସବୁ ଗର୍ବ ଏବେ ଭାଙ୍ଗି ଚୂରମାର ହୋଇ ଯାଇଛି। ଟି-୨୦ ବିଶ୍ୱକପରେ ଭାରତ ବିପକ୍ଷ ମ୍ୟାଚକୁ ବୟକଟ କରିବା ପଛରେ ‘ଅପ୍ରତ୍ୟାଶିତ ଘଟଣା’ କ୍ଲଜ ବ୍ୟବହାର କରିବା ପରେ ଆକ୍ସନ ମୋଡକୁ ଆସିଛି ଆଇସିସି।

ପାକିସ୍ତାନ କ୍ରିକେଟ ବୋର୍ଡକୁ ଆଇସିସି ଅପ୍ରତ୍ୟାଶିତ କ୍ଲଜର କାରଣ ପଚାରିବା ସହ କଟକଣା ଲଗାଇବାର ଧମକ ଦେଇଛି। ଆଇସିସିର କଟକଣା ଚେତାବନୀ ପରେ ପିସିବି ସ୍ୱରକୁ ନରମ କରିଛି। ଏଥିସହ ଆଇସିସି ସହ ଆଲୋଚନା କରିବାକୁ ଆଗେଇ ଆସିଥିବା ଜଣାପଡିଛି।

ଫେବୃଆରୀ ୧୫ ତାରିଖରେ ଭାରତ ବିପକ୍ଷରେ ମ୍ୟାଚ୍ ନ ଖେଳିବାକୁ ପାକିସ୍ତାନ ସରକାର ନେଇଥିବା ନିଷ୍ପତ୍ତି ସମ୍ପର୍କରେ ପିସିବି ବିଧିବଦ୍ଧ ଭାବେ ଆଇସିସିକୁ ଅବଗତ କରାଇଛି। ଭାରତ ବିପକ୍ଷରେ ନ ଖେଳିବା ପାଇଁ ପିସିବି ଦେଇଥିବା କାରଣକୁ ଆଇସିସି ଗ୍ରହଣ କରିନାହିଁ। ଏଥିସହ ପିସିବିକୁ ଆଇସିସି ଜବାବ ତଲବ କରିବା ପରେ ଦୁଇ ପକ୍ଷ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ପାକିସ୍ତାନ କଟକଣା ଭୟରେ ନିଜ ଆଭିମୁଖ୍ୟକୁ ବଦଳାଇବାର ସଙ୍କେତ ବି ଦେଇଛି।

ଏହି ପ୍ରସଙ୍ଗ ସହ ଜଡିତ ସୂତ୍ରରେ କୁହାଯାଇଛି ଯେ ପୂର୍ବରୁ ଆଇସିସି ଯେଉଁଭଳି ସମ୍ବେଦନଶୀଳ ପ୍ରସଙ୍ଗଗୁଡିକୁ ସମାଧାନ କରିଥିଲା, ଏବେ ସେହି ଆଧାରରେ ଏହାକୁ ମଧ୍ୟ ବିଚାର କରୁଛି। ଟି-୨୦ ବିଶ୍ୱକପର ଅପବିତ୍ରତାକୁ ଅକ୍ଷୁଣ୍ଣ ରଖିବା ସହ ଖେଳାଳିଙ୍କ କଲ୍ୟାଣ, ଫ୍ୟାନ୍‌ଙ୍କ ସ୍ୱାର୍ଥ ଓ ସାଂଗଠନିକ ନରପେକ୍ଷତାକୁ ଦୃଷ୍ଟିରେ ରଖି ଆଇସିସି ପଦକ୍ଷେପ ନେଉଛି।

ପାକିସ୍ତାନ ସରକାର ପ୍ରଥମେ ସୋଶାଲ ମିଡିଆରେ ଘୋଷଣା କରିଥିଲେ ଯେ ଭାରତ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନ କ୍ରିକେଟ ଟିମ ପଡିଆକୁ ଓହ୍ଲାଇବ ନାହିଁ। ଏହାପରେ ପିସିବି ପକ୍ଷରୁ ଅପ୍ରତ୍ୟାଶିତ ଘଟଣା





କ୍ଲଜକୁ ବ୍ୟବହାର କରି ଭାରତ ବିପକ୍ଷ ମ୍ୟାଚ୍ ଖେଳିବ ନାହିଁ ବୋଲି ଆଇସିସିକୁ ଜଣାଇଥିଲେ। ଏଥିରେ ସରକାରଙ୍କ ବିବୃତି ରହିଥିଲେ ହେଁ ବୟକଟର ପ୍ରକୃତ କାରଣ ଲେଖା ନଥିଲା।

ଏହାକୁ ଆଇସିସି ବେଶ ଯତ୍ନର ସହ ବିଚାରକୁ ନେଇଛି। ପିସିବିର ଦାବିକୁ ସଂପୂର୍ଣ୍ଣ ଅଗ୍ରାହ୍ୟ କରିବା ବଦଳରେ କେମିତି ଅପ୍ରତ୍ୟାଶିତ ଘଟଣା କ୍ଲଜ ପୂରା ଘଟଣାରେ ଲାଗୁ ହେବ, ତା’ର ଜବାବ ମାଗିଛି। କେମିତି କେବଳ ଗୋଟିଏ ମ୍ୟାଚ୍ ପାଇଁ ଏହି କ୍ଲଜ ଲାଗୁ ହେବ ଓ ବାକି ଟୁର୍ଣ୍ଣାମେଣ୍ଟ ପାଇଁ ଏହା ଲାଗୁ ହେବନାହିଁ, ସେକଥା ପସିବିକୁ ପଚାରିଛି ଆଇସିସି।

ସେହିପରି ଏପରି ସ୍ଥିତିକୁ ଏଡାଇବା ପାଇଁ ପାକିସ୍ତାନ କୌଣସି ବିକଳ୍ପ ପଦକ୍ଷେପ ନେଇଥିଲା କି? ଆଇସିସି ପାଖରେ ଏହାର ସାମାଧାନ ପାଇଁ କୌଣସି ପ୍ରସ୍ତାବ ଦେଇଥିଲା କି? ବିନା କୌଣସି ପ୍ରସ୍ତବାରେ କେମିତି କେବଳ ଗୋଟିଏ ମ୍ୟାଚକୁ ବୟକଟ ପାଇଁ ପାକିସ୍ତାନ ନିଷ୍ପତ୍ତି ନେଲା ବୋଲି ଆଇସିସି ପ୍ରଶ୍ନ କରିଛି।

ଆଇସିସିର ପକ୍ଷରୁ ଜବାବ ମଗା ଯିବା ପରେ ପିସିବି ଆଲୋଚନା ପାଇଁ ଆଗେଇ ଆସିଛି। ଆଇସିସି ବିଧିବଦ୍ଧ ଭାବେ ଆଲୋଚନା ଆରମ୍ଭ ହୋଇଥିବା କଥାକୁ ସ୍ୱୀକାର କରିଛି ଓ ଗଠନମୂଳକ ସମାଧାନ ପାଇଁ ବିଚାର ଚାଲିଥିବା କହିଛି।

ସୂଚନାଯୋଗ୍ୟ, ଅପ୍ରତ୍ୟାଶିତ ଘଟଣା ଗୋଟିଏ ସର୍ତ୍ତମୂଳକ ନିୟମ। ଏହି ନିୟମ ଆଧାରରେ ଗୋଟିଏ ପକ୍ଷ ନିଜର ପୂର୍ବ ପ୍ରତିଶ୍ରୁତିରୁ ନିଜ ନିୟନ୍ତ୍ରଣ ବାହାରେ ଥିବା ସ୍ଥିତିକୁ କାରଣ ଦର୍ଶାଇ ଓହରି ପାରିବ। ଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସରକାରୀ କାର୍ଯ୍ୟାନୁଷ୍ଠାନ ଏହା ମଧ୍ୟରେ ରହିଛି। ଏହାକୁ ବ୍ୟବହାର କରିବା ପୂର୍ବରୁ ପ୍ରଭାବିତ ପକ୍ଷକୁ ବିଧିବଦ୍ଧ ଭାବେ ଏହାର କାରଣ ଦର୍ଶାଇବାକୁ ପଡିବ।

କ୍ରୀଡା କ୍ଷେତ୍ରରେ ଉପଯୁକ୍ତ କାରଣ ନଥାଇ ଏହାକୁ ବ୍ୟବହାର କଲେ ଏଥିପାଇଁ ଗୁରୁତର ଆଇନଗତ ଓ ବ୍ୟବସାୟିକ ପରିଣାମର ସାମ୍ନା କରିବାକୁ ପଡିବ। ଖାସ ଆଇନଗତ ଓ ବ୍ୟବସାୟିକ ପରିଣାମ ପାଇଁ ପିସିବି ଏବେ ଆଇସିସି ସହ ଆଲୋଚନା କରିବାକୁ ଆଗେଇ ଆସିଥିବା କୁହାଯାଉଛି।

## ଆମେରିକାକୁ ହରାଇ ଭାରତର ବିଜୟ ଅଭିଯାନ ଆରମ୍ଭ

**ମୁମ୍ବାଇ,୭।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ଏକ ବଡ଼ ବିଜୟ ସହିତ ଏହାର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି। ଟିମ୍ ଇଣ୍ଡିଆ ୨୯ ରନ୍‌ରେ ଆମେରିକାକୁ ପରାସ୍ତ କରିଛି। ୨୦୨୬ ଟି-୨୦ ବିଶ୍ୱକପ୍‌ର ଏହି ମ୍ୟାଚ୍ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯାଇଥିଲା। ଭାରତୀୟ ଦଳ ପ୍ରଥମେ ବ୍ୟାଟିଂ କରି ୧୬୧ ରନ୍ କରିଥିଲା। ଜବାବରେ, ଆମେରିକା ଦଳ ନିର୍ଦ୍ଧାରିତ ୨୦ ଓଭରରେ କେବଳ ୧୩୨ ରନ୍ କରିପାରିଥିଲା। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୮୪ ରନ୍‌ର ଏକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ।





ମ୍ୟାଚ୍‌ରେ ଆମେରିକା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆମେରିକୀୟ ବୋଲରମାନେ ଭାରତୀୟ ବ୍ୟାଟରମାନଙ୍କୁ ବଡ଼ ସଟ୍ ମାରିବାରୁ ନିବୃତ୍ତ ରଖିଥିଲେ। ଅଭିଷେକ ଶର୍ମା ଏବଂ ଶିବମ୍ ଦୁବେ ସେମାନଙ୍କର ଖାତା ମଧ୍ୟ ଖୋଲିପାରି ନଥିଲେ। ତିଲକ ବର୍ମା ୨୫ ଏବଂ ଇଶାନ୍ କିଶାନ୍ ୨୦ ରନ୍ କରିଥିଲେ, କିନ୍ତୁ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୮୪ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ। ସେ ୪୯ ବଲ୍‌ରେ ଏହି ଅର୍ଦ୍ଧଶତକ ହାସଲ କରିଥିଲେ। ଯଦି ଅଧିନାୟକ ସୂର୍ଯ୍ୟ ଭଲ ପ୍ରଦର୍ଶନ କରିନଥାନ୍ତେ, ତେବେ ଟିମ୍ ଇଣ୍ଡିଆ ୧୩୦-୧୪୦ ରନ୍‌ରେ ସୀମିତ ହୋଇଥାନ୍ତା।

ଆମେରିକା ଦଳ ପାଇଁ, ଶାଡଲି ଭାନ୍ ଶାଲକଓ୍ୱିକ୍ ଭଲ ପ୍ରଦର୍ଶନ କରିଥିଲେ, ସେ ଗୋଟିଏ ଓଭରରେ ଇଶାନ କିଷନ, ତିଲକ ବର୍ମା ଏବଂ ଶିବମ ଦୁବେଙ୍କୁ ଆଉଟ୍ କରିଥିଲେ। ସେ ଚାରି ଓଭରରେ ୨୫ ରନ ଦେଇ ଚାରିଟି ୱିକେଟ ନେଇଥିଲେ। ହରମିତ୍ ସିଂହ ମଧ୍ୟ ଦୁଇଟି ୱିକେଟ ନେଇଥିଲେ। ତେବେ ୨୦୨୬ ଟି-୨୦ ବିଶ୍ୱକପରେ ଭାରତୀୟ ଦଳର ଏହା ପ୍ରଥମ ବିଜୟ। ଏହା ପୂର୍ବରୁ ପାକିସ୍ତାନ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟ ସେମାନଙ୍କର ପ୍ରଥମ ମ୍ୟାଚ୍ ଜିତିଥିଲେ।

## ଟାଟା ପାୱାରର ବେପରୁଆ କାରବାର: ଖୁଣ୍ଟରୁ ପଡି ଶ୍ରମିକ ଗୁରୁତର

**କେନ୍ଦ୍ରାପଡ଼ା,୭।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଇଲେକ୍ଟ୍ରିକ କରେଣ୍ଟ ଲାଗି ଦୁଇ ଶ୍ରମିକ ଗୁରୁତର। ଟାଟା ପାୱାରର ଅସାବଧାନତା ବା ଖାମଖିଆଲି ମନୋଭାବ ପାଇଁ ଇଲେକ୍ଟ୍ରିକ ଖୁଣ୍ଟରୁ ଗଳି ପଡିଲେ ଦୁଇ ଶ୍ରମିକ। ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଇଲେକ୍ଟ୍ରିକ ଖୁଣ୍ଟରେ ଚଢ଼ି କେବୁଲ କାମ ଚାଲୁଥିବା ସମୟରେ ହଠାତ କରେଣ୍ଟ ଚାର୍ଜ ହୋଇଯାଇଥିଲା। ଫଳରେ ଖୁଣ୍ଟ ଉପରେ ଚଢ଼ିଥିବା ଦୁଇ ଶ୍ରମିକଙ୍କୁ

**ଠିକାଦାର ବେଫିକର**

ସକ୍ ଲାଗି ସେମାନେ ତଳକୁ ଖସି ପଡିଥିଲେ। ପରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡକାଇ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ କାମ ଚାଲୁଥିବା ସମୟରେ କିଭଳି ଏପରି କରେଣ୍ଟ ଚାର୍ଜ କରାଗଲା, କାର୍ଯ୍ୟ ସ୍ଥଳରେ କୌଣସି ସେଫଟି ଷ୍ଟାଫଙ୍କ ଅନୁପସ୍ଥିତିକୁ ନେଇ ସ୍ଥାନୀୟ ଲୋକେ ଟାଟା ପାୱାରର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଦୁର୍ଘଟଣା ଘଟିବା ପରେ ବିଭାଗୀୟ ଅଧିକାରୀଙ୍କୁ ସାଧାରଣ ଲୋକ ଜଣାଇବା ପରେ ମଧ୍ୟ କୌଣସି କର୍ତ୍ତୃପକ୍ଷ ଆସିନଥିଲେ। ଫଳରେ ଦୁଇ ଗୁରୁତର ଅବସ୍ଥାରେ ଶ୍ରମିକଙ୍କୁ ଆମ୍ବୁଲାନ୍ସ ଡକାଇ ମେଡିକାଲକୁ ପଠାଇଥିଲେ। ସେଠାରେ ଉପସ୍ଥିତ ଥିବା କିଛି କର୍ମଚାରୀ ମଧ୍ୟ ପଳାଇ ଯାଇଥିଲେ। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱର ସହ ନେଇ ସମ୍ପୃକ୍ତ ଦାୟିତ୍ୱହୀନତା କର୍ମଚାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହ ଗୁରୁତର ଆହତ ହୋଇଥିବା ଦୁଇ କର୍ମଚାରୀଙ୍କ ସମସ୍ତ ଚିକିତ୍ସା ବହନ କରିବାକୁ ସାଧାରଣରେ ଦାବି କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

## ୪ବର୍ଷ ମଧ୍ୟରେ ୩୫ ପୁସ୍ତକକୁ ମଞ୍ଜୁରି ଅଟକିଛି କେବଳ ଜେନେରାଲ୍ ନରଓ୍ୱଣେଙ୍କ ପୁସ୍ତକ

**ନୂଆଦିଲ୍ଲୀ,୭।୨: ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୦ରୁ ୨୦୨୪ ମଧ୍ୟରେ ପୂର୍ବତନ ସ୍ଥଳ ସେନା ମୁଖ୍ୟ ମନୋଜ ମୁକୁନ୍ଦ ନରଓ୍ୱଣେଙ୍କ ଏକମାତ୍ର ପୁସ୍ତକକୁ ଏବେ ସୁଦ୍ଧା ପ୍ରତିରକ୍ଷା ମନ୍ତ୍ରଣାଳୟରୁ ମଞ୍ଜୁରି ମିଳିନାହିଁ। ଇଣ୍ଡିଆନ ଏକ୍ସପ୍ରେସ ରିପୋର୍ଟରେ ଏହି ଦାବି କରାଯାଇଛି । ଦାବି ଅନୁସାରେ, ୧୭ ସେପ୍ଟେମ୍ବର ୨୦୨୪ରେ, ଦ ଇଣ୍ଡିଆନ ଏକ୍ସପ୍ରେସ ସୂଚନା ଅଧିକାର ଅଧୀନରେ ଏହି ବିଷୟ ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଥିଲା । ଏହା ଅନୁଯାୟୀ, ୨୦୨୦ରୁ ୨୦୨୪ ମଧ୍ୟରେ ମୋଟ ୩୫ଟି ପୁସ୍ତକ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଅନୁମୋଦନ ପାଇଁ ପଠାଯାଇଥିଲା । ଏଥିମଧ୍ୟରୁ ତିନୋଟି ପୁସ୍ତକକୁ ଏପର୍ଯ୍ୟନ୍ତ ମଞ୍ଜୁରି ଦିଆଯାଇ ନାହିଁ, ଯେଉଁଥିରେ ଜେନେରାଲ ନରଓ୍ୱଣେଙ୍କ ପୁସ୍ତକ ରହିଛି ।

ରିପୋର୍ଟରେ ଦାବି କରାଯାଇଛି, ଇଣ୍ଡିଆନ୍ ଏକ୍ସପ୍ରେସ୍ ପୂର୍ବରୁ ଜାନୁଆରୀ ୫, ୨୦୨୪ରେ ଏହି ପ୍ରସଙ୍ଗ ଉଠାଇଥିଲା, କିନ୍ତୁ ପ୍ରତିରକ୍ଷା ମନ୍ତ୍ରଣାଳୟ କିମ୍ବା ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ସେତେବେଳେ କୌଣସି ପ୍ରତିକ୍ରିୟା ଦେଇ ନଥିଲେ । ଆରଟିଆଇ ଉତ୍ତରରେ କୁହାଯାଇଛି ଯେ ବ୍ରିଗେଡିୟର ଜୀବନ ରାଜପୁରୋହିତଙ୍କ ପୁସ୍ତକ, ‘ଲିଡରସିପ୍ ବିୟଣ୍ଡ୍ ବାରାକ୍ସ’ ପ୍ରକ୍ରିୟାରେ ଥିଲା, ଅନ୍ୟ ଦୁଇଟି ପୁସ୍ତକ - ଜେନେରାଲ ନରଓ୍ୱଣେଙ୍କ ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି ଏବଂ କାର୍ଗିଲ୍ ଯୁଦ୍ଧ ସମୟରେ ସେନା ମୁଖ୍ୟ ଏବଂ ଡିଜିଏମଓ ଥିବା ଜେନେରାଲ ଏନ.ସି. ଭିଜଙ୍କ ପୁସ୍ତକ, ‘ଆଲୋନ୍ ଇନ୍ ଦି ରିଙ୍ଗ’ର ଡ୍ରାଫ୍ଟ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ପଠାଯାଇଥିଲା। ଜେନେରାଲ ଏନ.ସି. ଭିଜଙ୍କ ପୁସ୍ତକ, ‘ଅଲୋନ ଇନ ଦି ରିଙ୍ଗ୍’, ମେ ୨୦୨୫ରେ ପ୍ରକାଶିତ ହୋଇଥିଲା। ବ୍ରିଗେଡିୟର ରାଜପୁରୋହିତଙ୍କ ପୁସ୍ତକ ମଧ୍ୟ ଅନୁମୋଦିତ ହୋଇଛି ଏବଂ ପ୍ରକାଶନ ପାଇଁ ଅପେକ୍ଷାରେ ଅଛି। ଏବେ କେବଳ ଜେନେରାଲ ନରଓ୍ୱଣେଙ୍କ ପୁସ୍ତକ ଅନୁମୋଦନ ନପାଇ ରହିଛି।





ଆରଟିଆଇରୁ ଏହା ମଧ୍ୟ ଜଣାପଡିଛି ଯେ ଅବସରପ୍ରାପ୍ତ ସାମରିକ ଅଧିକାରୀଙ୍କ ଦ୍ୱାରା ଲିଖିତ ଅନେକ ପୁସ୍ତକ ସରକାରଙ୍କ ନିକଟରେ ମଞ୍ଜୁରି ପାଇଁ ଦାଖଲ କରାଯାଇଛି। ତଥ୍ୟ ଅନୁଯାୟୀ, ୨୦୨୦ ମସିହାରେ ଗୋଟିଏ ଡ୍ରାଫ୍ଟ ଦାଖଲ କରାଯାଇଥିଲା। ୨୦୨୧ ମସିହାରେ କୌଣସି ପାଣ୍ଡୁଲିପି ଦାଖଲ କରାଯାଇ ନଥିଲା। ୨୦୨୨ ମସିହାରେ ଚାରୋଟି ପୁସ୍ତକ ଅନୁମୋଦନ ପାଇଁ ଦାଖଲ କରାଯାଇଥିଲା, ୨୦୨୩ ମସିହାରେ ୧୬ଟି ଡ୍ରାଫ୍ଟ ସରକାରଙ୍କ ନିକଟରେ ପହଞ୍ଚିଥିଲା।

## ପ୍ରଥମ ପୃଷ୍ଠାରୁ...

### ସମାଧାନର ବାଟ...

ଉଭୟ ରାଜ୍ୟ ଆପୋଷ ସମାଧାନର ଦ୍ୱାରଦେଶରେ ରହିଛନ୍ତି।

ଏଜି ଦାୟିତ୍ୱ ପରେ ସମସ୍ତ ଶୁଣାଣିରେ ସେ ଖୋଦ୍ ଉପସ୍ଥିତ ରହିଛନ୍ତି। ଆଜିର ଶୁଣାଣି କେବଳ ଟ୍ରିବ୍ୟୁନାଲର ଅବଧି ବୃଦ୍ଧି ପାଇଁ ଉଦ୍ଦିଷ୍ଟ ଥିଲା। ଯେଉଁଥିରେ ତାଙ୍କ ଉପସ୍ଥିତିର ଆଦୌ ଆବଶ୍ୟକ ନଥିଲା ବୋଲି କହିଛନ୍ତି ପୀତାମ୍ବର ଆଚାର୍ଯ୍ୟ। ନବୀନ ବାବୁଙ୍କ ଉକ୍ତି ନୈରାଶ୍ୟଜନକ। ହଠାତ ନିଦରୁ ଉଠି ପ୍ରଳାପ ଭଳି ବୋଲି ଶ୍ରୀ ଆଚାର୍ଯ୍ୟ ଲେଖିଛନ୍ତି।

ତେବେ ଉଭୟ ଶାସକ-ବିରୋଧୀଙ୍କ ବୟାନବାଜି ଟ୍ରିବ୍ୟୁନାଲର ଭୂମିକାକୁ ସନ୍ଦେହ ଭିତରକୁ ଠେଲିଛି। ଏଭଳିସ୍ଥଳେ କ୍ଷେତ୍ର ପରିଦର୍ଶନ ପରେ ଟ୍ରିବ୍ୟୁନାଲ ଟିମ୍ ମହାନଦୀକୁ ନ୍ୟାୟ ଦେଇପାରିବ ତ ? ତାହା ସବୁଠୁ ବଡ ପ୍ରଶ୍ନ ।

### ଭଗବାନଙ୍କ ଭରସାରେ...

ମନ୍ତ୍ରଣାଳୟ ଦ୍ୱାରା ଲୋକସଭାକୁ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ବିମାନ ଚଳାଚଳ ନିୟାମକ ଦ୍ୱାରା ଅଡିଟ୍ କରାଯାଇଥିବା ୭୫୪ଟି ବିମାନ ମଧ୍ୟରୁ ୩୭୭ଟିରେ ବାରମ୍ବାର ସମସ୍ୟା ଦେଖାଦେଇଥିଲା। ଜାନୁଆରୀ ୨୦୨୫ରୁ ଫେବୃଆରୀ ୩, ୨୦୨୬ ମଧ୍ୟରେ ଏହି ଯାଞ୍ଚ କରାଯାଇଥିଲା। ତଥାପି, ପୂର୍ବ ବର୍ଷ ତୁଳନାରେ ଏହି ସମସ୍ୟାଗୁଡ଼ିକ ହ୍ରାସ ପାଇଥିବାରୁ ମନ୍ତ୍ରଣାଳୟ ଆଶ୍ୱସ୍ତ ହୋଇଛି।

ବିମାନ ଶିଳ୍ପର ଯେଉଁ ସମସ୍ୟାଗୁଡ଼ିକର ଲିଷ୍ଟ ଦିଆଯାଇଛି ତାହା କେବଳ ବିମାନ ସୁରକ୍ଷା ବିଷୟରେ ନୁହେଁ। ଏଥିରେ କର୍ମଚାରୀଙ୍କ ବଡ଼ ଲିଷ୍ଟ ଯାତ୍ରୀଙ୍କ କ୍ୟାବିନ୍ ସମ୍ପର୍କିତ ରହିଛି। ଏଥିରେ କ୍ଷତିଗ୍ରସ୍ତ ସିଟ୍, କାର୍ଯ୍ୟକ୍ଷମ ନଥିବା ବିମାନ ସ୍କ୍ରିନ୍ କିମ୍ବା ଝରକାକୁ ନେଇ ସମସ୍ୟା ରହିଛି।

ସରକାରଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଗତ ତିନି ବର୍ଷ ମଧ୍ୟରେ ଯାନ୍ତ୍ରିକ ତ୍ରୁଟି ହ୍ରାସ ପାଇଛି। ୨୦୨୪ରେ ଏହି ସଂଖ୍ୟା ୪୪୮ ଥିଲା, ସେଭଳି ୨୦୨୫ ମସିହାରେ କେବଳ ୩୫୩ ଯାନ୍ତ୍ରିକ ତ୍ରୁଟି ଚିହ୍ନଟ ହୋଇଥିଲା। ତଥାପି, ଏହି ସଂଖ୍ୟା ବିମାନରେ ଥିବା ତ୍ରୁଟିକୁ ଦେଖାଇବା ପାଇଁ ଯଥେଷ୍ଟ। ସରକାର ସଂସଦକୁ କହିଛନ୍ତି, ନିୟାମକ ୨୦୨୫ ମସିହାରେ ୩୮୯୦ ବିମାନର ନିରୀକ୍ଷଣ ଯାଞ୍ଚ, ୫୬ ନିୟାମକ ଅଡିଟ୍, ୪୯୨ ରାମ୍ପ ଯାଞ୍ଚ ଏବଂ ବିଦେଶୀ ବିମାନର ୮୪ ଯାଞ୍ଚ କରିଥିଲେ। ସରକାର କହିଛନ୍ତି ଯେ ସମସ୍ତ ସୂଚୀବଦ୍ଧ ବିମାନ କମ୍ପାନୀର ମୋଟ ୭୫୪ ବିମାନ ମଧ୍ୟରୁ ୩୭୭ ବିମାନରେ ବାରମ୍ବାର ସମସ୍ୟା ଥିବା ଚିହ୍ନଟ କରାଯାଇଛି।

### ଦୋଳି ଛିଡି...

ଆରମ୍ଭ କଲା ସେତେବେଳେ ସେ ଲୋକଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ଦୋଳି ତାଙ୍କ ମୁହଁ ଏବଂ ମୁଣ୍ଡରେ ମାଡ଼ ହୋଇଥିଲା। ଦୋଳିରେ ଥିବା ପ୍ରାୟ ୧୩ ଜଣ ଆହତ ହୋଇଥିବା ସୂଚନା ରହିଛି। ଆହତଙ୍କୁ ଡାକ୍ତରଖାନାକୁ ପଠାଯାଇଛି ।

ଘଟଣାକୁ ନେଇ ଅଧିକାରୀ କହିଛନ୍ତି ଯେ ଜୟରାଇଡ୍ ପରିଚାଳନାକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସ୍ଥାନୀୟ ଡେପୁଟି କମିଶନର ଆହୁରି କହିଛନ୍ତି ଯେ ସମ୍ପୃକ୍ତ ସଂସ୍ଥା ବିରୁଦ୍ଧରେ ଏଫଆଇଆର ପଞ୍ଜିକୃତ କରାଯିବ ଏବଂ ତଦନ୍ତ କରାଯିବ।

### ପରୀକ୍ଷା ପରିଚାଳନାରେ...

ରଖିଥିଲେ। ସୂଚନାଯୋଗ୍ୟ ଯେ, ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା-୨୦୨୬ରେ ଏ ବର୍ଷ ୨ ଲକ୍ଷ ୫୬ ହଜାର ୭୦୭ ଜଣ କଳା, ବାଣିଜ୍ୟରେ ୨୪ ହଜାର ୬୨୧ ଏବଂ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୩୬୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫୯୩୨ ଏହିପରି ମୋଟ ୪ ଲକ୍ଷ ୧୬ ହଜାର ୬୨୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥି ପାଇଁ ୨୧୧ଟି ପରୀକ୍ଷା ପରିଚାଳନା ହବ୍, ୧୩୫୭ଟି ପରୀକ୍ଷା କେନ୍ଦ୍ର ସହ ୭ଟି ଉପକେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଏହି ପରୀକ୍ଷା ୧୮ ଫେବ୍ରୁଆରି ୨୦୨୬ରୁ ୨୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୨୩ ଦିନ ଧରି ଚାଲିବ।

ସେହିପରି ବାର୍ଷିକ ମାଧ୍ୟମିକ ସାର୍ଟିଫିକେଟ୍ର ପରୀକ୍ଷା ଫେବ୍ରୁଆରି ୧୯ରୁ ଆରମ୍ଭ ହୋଇ ୨ ମାର୍ଚ୍ଚ ୨୦୨୬ରେ ସରିବ। ବାର୍ଷିକ ମାଧ୍ୟମିକ ସାର୍ଟିଫିକେଟ୍ ପରୀକ୍ଷାରେ ୫ ଲକ୍ଷ ୪୬ ହଜାର ୮୭୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା, ମଧ୍ୟମାକୁ ମିଶାଇ ମୋଟ ୫ ଲକ୍ଷ ୬୧ ହଜାର, ୯୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥି ପାଇଁ ସମସ୍ତ ଜିଲ୍ଲାରେ ମୋଟ ୩୨୨ଟି ନୋଡାଲ ସେଣ୍ଟର, ୩୦୮୨ଟି ପରୀକ୍ଷା କେନ୍ଦ୍ର ଓ ୫୦ଟି ‘ଉତ୍ତର ପତ୍ର ମୂଲ୍ୟାଙ୍କନ କେନ୍ଦ୍ର’ ରହିଛି। ପରୀକ୍ଷା ସୁପରିଚାଳନା ନେଇ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ମୁଖ୍ୟ କାର୍ଯ୍ୟାଳୟ, କଟକର ଷ୍ଟ୍ରଙ୍ଗ ରୁମରୁ ନୋଡାଲ କେନ୍ଦ୍ରଗୁଡିକୁ ଡେସ୍ପାଚ୍ ଟିମ୍ ସହିତ ଶସ୍ତ୍ରଧାରୀ ଆରକ୍ଷୀ କର୍ମଚାରୀ ନିୟୋଜିତ ରହିବାଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରଗୁଡିକରେ ସୁଚାରୁରୂପେ ପରୀକ୍ଷା ପରିଚାଳନା, ନିରୀକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ସମସ୍ତ ନୋଡାଲ କେନ୍ଦ୍ର ଏବଂ ପରୀକ୍ଷା କେନ୍ଦ୍ରଗୁଡିକୁ ପ୍ରଶ୍ନପତ୍ର ଗ୍ରହଣରୁ ଆରମ୍ଭ କରି ଉତ୍ତର ପୁସ୍ତିକା ସଂଗ୍ରହ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଓ ସିସିଟିଭି ନିରୀକ୍ଷଣ ଅଧିନରେ ରଖାଯିବା ନେଇ ପ୍ରସ୍ତୁତି ହୋଇଥିବା ସଂପର୍କରେ ପ୍ରସ୍ତୁତି ଆଲୋଚନା କରାଯାଇଛି।

ସମସ୍ତ ପରୀକ୍ଷା କେନ୍ଦ୍ର ଭିତରେ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ଇଲୋକ୍ଟ୍ରାନିକ ଉପକରଣ ବ୍ୟବହାର ନିଷିଦ୍ଧ କରାଯାଇଛି। ପରୀକ୍ଷା ପରିଚାଳନା ସଂପର୍କିତ ନିୟମ ବା ବିଧାନର ଉଲଙ୍ଘନ ହେଲେ ଓଡ଼ିଶା ପରୀକ୍ଷା ପରିଚାଳନା ଆଇନ୍ ୧୯୮୮ ଏବଂ ଭାରତରେ ନ୍ୟାୟ ସଂହିତା ଅନ୍ତର୍ଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାଯାଇଛି। ଗାଇଡଲାଇନ୍ ଅନୁସାରେ ସମସ୍ତ ପ୍ରସ୍ତୁତିକୁ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ନୋଡାଲ ଅଧିକାରୀଙ୍କ ପାଖରେ ପରୀକ୍ଷା ପରିଚାଳନା ମାର୍ଗଦର୍ଶିକା ନିଶ୍ଚିତ ଭାବେ ରହିବା ଓ ଏହାକୁ ଅନୁସରଣ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିସନର ତଥା ଶାସନ ସଚିବ ଡଃ. ନାଏକ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ପ୍ରସ୍ତୁତି ନେଇ ସେ ଆବଶ୍ୟକ ସୂଚନା ପ୍ରଦାନ କରିବା ସହ ସବୁ ପରୀକ୍ଷା ପରିଚାଳନା କେନ୍ଦ୍ରରେ ଯେପରି କୌଣସି ପ୍ରକାର ଅନାବଶ୍ୟକ ଜନଗହଳି ନ ରୁହେ, ଏଥି ପାଇଁ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଆରକ୍ଷୀ ଅଧିକାରୀମାନଙ୍କୁ ପ୍ରସ୍ତୁତି ପାଇଁ ଆବଶ୍ୟକ ପରାମର୍ଶ ଦେଇଛନ୍ତି।

### ଭାରତରେ ଅଛନ୍ତି...

ଯାହାକୁ ଆପଣ ଆରଏସଏସ କହୁଛନ୍ତି ତାହା କିପରି କହୁଛନ୍ତି ଜାଣେନା। ଅନେକ ଲୋକ କହନ୍ତି ନରେନ୍ଦ୍ର ଭାଇ ପ୍ରଧାନମନ୍ତ୍ରୀ, ସେ ଆରଏସଏସର ପ୍ରଧାନମନ୍ତ୍ରୀ। ତାଙ୍କର ଏକ ରାଜନୈତିକ ପାର୍ଟି ଅଛି, ତାହା ବିଜେପି ଓ ଅଲଗା ଅଛି। ଏଥିରେ ଅନେକ ସ୍ୱୟଂସେବକ ଅଛନ୍ତି ଯେଉଁମାନେ ବେଶ୍ ପ୍ରଭାବୀ। ଆରଏସଏସର କାମ ନୁହେଁ କାହାକୁ ବିରୋଧ କରିବା।

ସଂଘକୁ ଲୋକପ୍ରିୟତା ଦରକାର ନାହିଁ, ସେହିପରି ସଂଘକୁ କ୍ଷମତାର ମଧ୍ୟ ଆବଶ୍ୟକତା ନାହିଁ। ସଂଘର କେବଳ ଗୋଟିଏ ଉଦ୍ଦେଶ୍ୟ, ଦେଶରେ ଯାହା ଭଲ କାମ ହେଉଛି ତାହା ନିର୍ବିଘ୍ନରେ ହୋଇଯାଉ। ସେ କହିଛନ୍ତି ଯେ ଡ. ହେଡଗଓ୍ୱାରଙ୍କ ଦୁଇଟି କଥାକୁ କେବେ ଭୁଲିଯିବନି। ଗୋଟିଏ ହେଉଛି ପାଠପଢାରେ ପ୍ରଥମ ହେବା ଓ ଦ୍ୱିତୀୟ କାମ ହେଉଛି ଦେଶ ପାଇଁ ଯାହା ବି କାମ ହେଉଛି ସେଥିରେ ସକ୍ରିୟ ଭାଗନେବା। ଏହା ତାଙ୍କ ଜୀବନର ସ୍ଥାୟୀ କାର୍ଯ୍ୟ ଥିଲା।

### କେନ୍ଦ୍ରାପଡ଼ା ପାଲଟିଛି...

ସଂପନ୍ନ ନେତୃତ୍ୱର ବିକାଶ ହୋଇପାରିଲା ନାହିଁ। ବିଜୟ ସମ୍ଭାବନା ଥିବା ଆଳରେ ରାଜନୈତିକ ଦଳମାନେ ଯା’କୁ ତାକୁ ଆଣି ଲୋକଙ୍କ ଉପରେ ଲଦିଦେଲେ। ଫଳରେ ଏକ୍ଷେତ୍ରରେ ସଂକଟ ଦେଖାଦେଲା। ଅନେକ ସମୟରେ ଜିଲ୍ଲା ବାହାରର ନେତୃତ୍ୱକୁ ଜିଲ୍ଲାରେ ଥଇଥାନ କରିବାକୁ ଯାଇ ଲୋକଙ୍କ ଉପରେ ଲଦି ଦେବାକୁ ରାଜନୈତିକ ଦଳମାନେ ପ୍ରୟାସ କଲେ । ଅନ୍ୟପକ୍ଷରେ ରାଜନୀତିକୁ ଏକ ଭାବାବେଗ ଭିତରେ ବାନ୍ଧି ଦେଇ ଲୋକଙ୍କ ସଚେତନତା ଓ ପ୍ରତିବାଦୀ ଚେତନାକୁ ଧ୍ୱଂସ କରିଦିଆଗଲା । ଯାହାର ପରିଣାମରେ ରାଜ୍ୟ ଓ ପଡ଼ୋଶୀ ଜିଲ୍ଲା ମାନଙ୍କ ତୁଳନାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ବିକାଶ ସମ୍ଭବ ହୋଇପାରିଲା ନାହିଁ। ଏଥିରୁ ଜିଲ୍ଲାକୁ ମୁକୁଳାଇ ପ୍ରକୃତ ବିକାଶ ପଥରେ ନେବା ପାଇଁ ଯୁବ ପୀଢିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସଂକୀର୍ଣ୍ଣ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ୱାର୍ଥରୁ ନିବୃତ ରହି ଜିଲ୍ଲାର ଯୁବକ ମାନେ ଯେଉଁଦିନ ଏକାଠି ହୋଇ ଜିଲ୍ଲାବାସୀଙ୍କ ଭିତରେ ଜାଗରଣ ସୃଷ୍ଟି କରିବା ସହ ଦୂରଦୃଷ୍ଟି ଓ ପ୍ରତିବଦ୍ଧତା ସଂପନ୍ନ ନେତୃତ୍ୱ ପାଇଁ ରାଜନୈତିକ ଦଳ ମାନଙ୍କ ଉପରେ ଚାପ ସୃଷ୍ଟି କରାଇବାରେ ସମର୍ଥ ହେବେ ସେ ଦିନ ଯାଇ ଜିଲ୍ଲା ପ୍ରକୃତ ବିକାଶ ପଥରେ ଆଗକୁ ବଢିପାରିବ । ବର୍ଷିଆନ ସମାଜସେବୀ ବଟ ସାମଲ କହିଛନ୍ତି ଯେ, କେନ୍ଦ୍ରାପଡ଼ା ଜିଲ୍ଲାର ସମନ୍ୱିତ ବିକାଶ ଏହାର କୃଷି ଓ କୌଳିକ ବୃତ୍ତି ଉପରେ ଅଧିକ ନିର୍ଭରଶୀଳ । କିନ୍ତୁ ବିଗତ ଦୁଇ ଦଶନ୍ଧୀ ଭିତରେ ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା ଲୋକଙ୍କ କୌଳିକ ବୃତ୍ତି ଆବଶ୍ୟକ ପ୍ରୋତ୍ସାହନ ଅଭାବରୁ ବୁଡ଼ି ଯାଇଛି । ସରକାର ଜିଲ୍ଲାର କୃଷିକୁ ସଂପୂର୍ଣ୍ଣ ଅଣଦେଖା କରିବା ଯୋଗୁ ସମଗ୍ର ଜିଲ୍ଲାରେ କୃଷି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଜିଲ୍ଲାର ଅନେକ ଅଞ୍ଚଳରେ ତିନି ଫସଲି ଜମି ବି ପଡ଼ିଆ ପଡୁଛି । ଜିଲ୍ଲାର ୭୦ଭାଗ ଚାଷୀ ପରିବାର ଢୋକେ ପିଇ ଦଣ୍ଡେ ଜିଇବା ଅବସ୍ଥାରେ କାଳାତିପାତ କରୁଛନ୍ତି। ଅନ୍ୟପଟରେ ସରକାର ଯଦି ଜିଲ୍ଲାରେ ଶିଳ୍ପ, ପର୍ଯ୍ୟଟନ କି ବାଣିଜ୍ୟର ବିକାଶ ଦିଗରେ କିଛି ପଦକ୍ଷେପ ନେଇଥାନ୍ତେ ତେବେ କେତେକାଂଶରେ ପରିସ୍ଥିତିରେ ସୁଧାର ଆସିପାରିଥାନ୍ତା । କିନ୍ତୁ ସେପରି କିଛି ହେଲା ନାହିଁ । ବରଂ ଏହା ସବୁ ଜିଲ୍ଲାବାସୀଙ୍କ ପାଇଁ ଆକାଶ କଇଁଆ ଚିଲିକା ମାଛ ହୋଇ ରହିଛି । ସେହିପରି ଜିଲ୍ଲାରେ ଆବଶ୍ୟକ ଉନ୍ନତ ଚିକିତ୍ସା ସୁବିଧା ଓ ଉଚ୍ଚତର ଶିକ୍ଷା ଓ ଗବେଷଣା ପାଇଁ ସୁଯୋଗ ସୃଷ୍ଟି ହୋଇଥିଲେ ଜିଲ୍ଲାର ଦୁର୍ବଳ ଅର୍ଥନୀତି ଅଧିକ ଦୁର୍ବଳ ହେଉନଥାନ୍ତା ବୋଲି କହିଛନ୍ତି ଶିକ୍ଷାବିତ୍ ଡ଼.ରନ କୁମାର ମହାନ୍ତି । ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଭାବୀ ନେତୃତ୍ୱ ବିନା ଏହା ସମ୍ଭବ ହୋଇପାରୁନାହିଁ ।ସାମାଜିକ କର୍ମୀ ବାନାମ୍ବର ସାହୁଙ୍କ କହିବା କଥା ଯେ,ନାହିଁ ନାହିଁ ର ଜିଲ୍ଲା କେନ୍ଦ୍ରାପଡ଼ାର ସମନ୍ୱିତ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ଏଯାଏ କୌଣସି ଫଳପ୍ରଦ ଉଦ୍ୟମ କଲେ ନାହିଁ । ଜିଲ୍ଲାରେ ବନ୍ଦର, ଇସ୍ପାତ କାରଖାନା ଓ ଇଣ୍ଡଷ୍ଟ୍ରିଆଲ କରିଡ଼ର ଆଦି ପ୍ରତିଷ୍ଠାର ନିର୍ବାଚନୀ ଧୂଆଁବାଣ କରି ସରକାର ଦଳୀୟ ଫାଇଦା ପାଇଲେ ସିନା କେନ୍ଦ୍ରାପଡ଼ାବାସୀ କିଛି ପାଇଲେ ନାହିଁ । ଲୋକଙ୍କୁ ହାତକୁ ରୋଜଗାର ଦେବା ଏବଂ ଶିକ୍ଷା, ଚିକିତ୍ସା ସୁବିଧା, ପାନୀୟଜଳ ଯୋଗାଣ ଭଳି ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ସରକାର ସମର୍ଥ ହୋଇପାରିଲେ ନାହିଁ । ଯେଉଁ ଯୁବକମାନେ ଜିଲ୍ଲା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବା କଥା ସେମାନେ ଆଜି ରାଜ୍ୟ ତଥା ଦେଶ ବାହାରେ ଦାଦନ ଖଟୁଛନ୍ତି । ମହିଳା ମାନେ ଜିଲ୍ଲାରେ ସମନ୍ୱିତ ବିକାଶରେ ପ୍ରମୁଖ ଭୂମିକା ନେବାର ଆବଶ୍ୟକତା ଥିଲେ ମଧ୍ୟ ଏଯାଏ ନା’ ସେମାନେ ସଶକ୍ତ ନା’ ସେମାନେ ସୁରକ୍ଷିତ ! ମହିଳା ସଶକ୍ତିକରଣ ର ନାରା ଦେଉଥିବା ବିଭିନ୍ନ ଦଳର ସରକାର ପ୍ରକୃତପକ୍ଷେ ସେଥିରୁ ଦୂରେଇ ଯାଇ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ସେମାନଙ୍କୁ କେବଳ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରିବାକୁ ପ୍ରତିଯୋଗିତା କରୁଛନ୍ତି।

### ସତସଙ୍ଗ ଗଙ୍ଗାସ୍ନାନ...

ସାଧୁ ସଂଗ ଅର୍ଥ ସତସଂଗ । ଯେଉଁ ବ୍ୟକ୍ତି ଏହାର ସୁଯୋଗ ପାଇଥାଏ ସେ ଈଶ୍ୱରଙ୍କ ନିକଟତର ହୋଇଥାଏ । ସତସଙ୍ଗ ଗଙ୍ଗା ନଦୀରେ ସ୍ନାନ କରିବା ସଦୃଶ ବୋଲି ସେ ମାର୍ଗଦର୍ଶନ କରିଥିଲେ । ଏହି ଆଧ୍ୟାତ୍ମିକ କାର୍ଯ୍ୟ ଆରମ୍ଭରେ ଶ୍ରୀ ବଳଦେବଜୀଉଙ୍କ ସେବାୟତ ସୁରେଶ ପତ୍ରି ମହାପ୍ରଭୁଙ୍କ ଆଜ୍ଞାମାଳ ବାବା ବଳିଆଙ୍କୁ ପ୍ରଦାନ କରିଥିଲେ । ଏହି ପ୍ରବଚନ କାର୍ଯ୍ୟକ୍ରମରେ ରାମ ଭକ୍ତ ପଣ୍ଡିତ ହୃଶିକେଶ ରଥ, ଆଧ୍ୟାତ୍ମିକ ସଂଗଠକ ଶ୍ୟାମସୁନ୍ଦର ମହାପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନୃସିଂହ ତ୍ରିପାଠୀ, ପୌରସଭ୍ୟ ନିରାକାର ସ୍ୱାଇଁ, ପ୍ରକାଶ ପରିଡା, ଆଇନଜୀବୀ ସଚ୍ଚିରଞ୍ଜନ ମହାପାତ୍ର, ଟୁନା ମହାନ୍ତି, ହିମାଂଶୁ ପଣ୍ଡା, ସମେତ ଏକ ହଜାରରୁ ଅଧିକ ଶ୍ରଦ୍ଧାଳୁ ସମବେତ ହୋଇଥିଲେ । ସତସଂଗ ସଂଯୋଜକ ଶୁଭ୍ରାଂଶୁ ରଞ୍ଜନ ଜେନା, ପବିତ୍ର କୁମାର ଜେନା, ମନୋଜ କୁମାର ଶତପଥି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଯାନବାହନର ମୂଳଦାଆ...

ବେଆଇନ ବ୍ୟବହାରକୁ ରୋକିବା ପାଇଁ ପୋଲିସ ବିଭାଗ ଚୁପ ବସିବା ପରିତାପର ବିଷୟ ବୋଲି ସାଧାରଣରେ ଆଲୋଚନା ଯୋର ଧରିଛି। ପଟ୍ଟାମୁଣ୍ଡାଇ ଅଂଚଳରେ ବିନା କାଗଜପତ୍ରରେ ଟ୍ରେକରଗୁଡ଼ିକ ରାସ୍ତାରେ ଚାଲୁଥିବା ବେଳେ ଯାତ୍ରୀ ପରିବହନ ହେଉଛି। ଉକ୍ତ ଗାଡି ଗୁଡିକୁ ସରକାର ବ୍ୟାନ କରିଥିବା ବେଳେ କୌଣସି ପରିମିଟ ଦିଆଯାଉନାହିଁ। ହେଲେ ଏହା କେନ୍ଦ୍ରାପଡା ଜିଲାରେ ବହୁ ପରିମାଣରେ ଚାଲୁଛି । ଟ୍ରେକରରେ ଯାତାୟତ କରୁଥିବା ଯାତ୍ରୀଙ୍କ ସୁରକ୍ଷା ପ୍ରତି ପ୍ରଶାସନ ଧ୍ୟାନ ଦେଉନଥିବା ସାଧାରଣରେ ଅଭିଯୋଗ ହେଉଛି। ଗାଡ଼ିଗୁଡିକ ବେଆଇନ ଭାବେ ଯାତାୟତ କରୁଥିବାରୁ ସରକାରୀ ତହବିଲକୁ କର ଆକାରରେ ଟଙ୍କାଟିଏ ମଧ୍ୟ ଆସିପାରୁନାହିଁ। ଏ ସବୁ ଘଟଣା ସ୍ୱଚ୍ଛ ଦିବାଲୋକରେ ଚାଲୁଥିଲେ ସୁଦ୍ଧା ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ।

## ଅବସରପ୍ରାପ୍ତ ମୁଖ୍ୟ କିରାଣୀଙ୍କ ପରୋଲୋକ

**କେନ୍ଦ୍ରାପଡ଼ା,୭।୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅବସର ପ୍ରାପ୍ତ ମୁଖ୍ୟ କିରାଣୀ ସ୍ୱର୍ଗତ ବୈରାଗୀ ଚରଣ ସାହୁଙ୍କ ୮୧ବର୍ଷ ବୟସରେ ମୀରପାଟଣା ଗ୍ରାମ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ସାହୁ ଜଣେ ଧର୍ମପରାଣ ଓ ପରୋପକାରୀ ବ୍ୟକ୍ତି ଥିଲେ । ସ୍ୱର୍ଗତ ସାହୁ ନିଷ୍ଠାର ଓ ସଚ୍ଚୋଟତାର ସହ କାର୍ଯ୍ୟ ନିର୍ବାକ କରି ସମସ୍ତଙ୍କର ପ୍ରିୟ ପାତ୍ର ହୋଇଥିଲେ । ସ୍ୱର୍ଗତ ସାହୁ କଲେଜରେ ପ୍ରଥମେ ହିସାବ ରକ୍ଷକ ପରେ ମୁଖ୍ୟ କିରାଣୀ ଭାବରେ ଅବସର ଗ୍ରହଣ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କର ଧର୍ମପତ୍ନୀ ଶଶୀରେଖା ସାହୁ, ଜ୍ୟେଷ୍ଠ ପୁତ୍ର ଚନ୍ଦ୍ରକାନ୍ତ ସାହୁ, କନିଷ୍ଠ ପୁତ୍ର ସୂର୍ଯ୍ୟକାନ୍ତ ସାହୁ, ଦୁଇ ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ସମସ୍ତେ ଉପସ୍ଥିତ ରହିଥିଲେ । ଯୁବ ନେତା ସମାଜ ସେବୀ ରାଜେଶ ପଣ୍ଡା, ପୂର୍ବତନ ପୌରାଧକ୍ଷ ଧିରେନ୍ ସାହୁ, ବିଶିଷ୍ଟ ବ୍ୟବସାୟୀ ଭାସ୍କର ସାହୁ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ପରେ କେନ୍ଦ୍ରାପଡା କଜଳା ଶ୍ମଶାନରେ ସଂସ୍କାର କରାଯାଇଥିଲା । ବଡପୁଅ ଚନ୍ଦ୍ରକାନ୍ତ ସାହୁ ମୁଖାଗ୍ନି ଦେଇଥିଲେ । ଏହି ଖବର ପ୍ରକାଶ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଶିକ୍ଷକ ଗୌରବ ବନମାଳୀ ସ୍ମାରକୀ ବିକାଶ କାର୍ଯ୍ୟକ୍ରମ

**ରାଜନଗର,୭।୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ସ୍ଥିତ ସିଦ୍ଧେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ରାଜନଗର ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପୃଷ୍ଠପୋଷକତାରେ ୩୧ତମ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚରି ସ୍ମାରକୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦାମୋଦର ସ୍ୱାଇଁଙ୍କ ପୌରହିତ୍ୟରେ ଏବଂ ସଂପାଦକ ଚିତ୍ତ ରଂଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବନ୍ଧପଡା ସରପଞ୍ଚ ପୁଷ୍ପ ଲତା ପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳିତ କରି ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଶରତ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ପୁଷ୍ପଲତା ସିଥ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ ଓ ଜଗନ୍ନାଥ ଦାସ, ଶିକ୍ଷାବିତ ବିକ୍ରମ ଦାସ, ସୁକାନ୍ତ ବେହେରା, ଧନେଶ୍ୱର ପାତ୍ର, ସୁଶାନ୍ତ ପ୍ରଧାନ, ନଳିନୀ ରଞ୍ଜନ ରାଉତରାୟ, ସୁବାସ ଚନ୍ଦ୍ର ବିଶ୍ୱାଳ, ବିଜୟ କୁମାର ଜେନା, ମହେଶ୍ୱର ରାଉତ, କଳାକର ସାହୁ, ଚନ୍ଦ୍ରକାନ୍ତି ଧଳ, ଦୟାନିଧି ସ୍ୱାଇଁ, ଅଶୋକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ ସୁବାସ ଚନ୍ଦ୍ର ବିଶ୍ୱାଳ, ଦାମୋଦର ସ୍ୱାଇଁ, ସ୍ୱର୍ଗତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସେଠୀଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ କଳାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460

Editor : **Ambika Prasad Das** ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ

Chief Editor : **Umapada Bose** ମୁଖ୍ୟ ସମ୍ପାଦକ : ଉମାପଦ ବୋଷ